# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ସେପ୍ଟେମ୍ବର ୨/୨୦୨୦ (୧୨ ପୃଷ୍ଠା) | Dhenkanal, Wednesday, September 2/2020 | ★★★★★

୧୬ଶ ଭାଗ ୧୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ନେଗେଟିଭ୍ ରୋଲ୍ ପାଇଁ ଶ୍ରୀୟା ଖୁସି**

ଫିଲ୍ମ 'ଅନ୍ଧାଧୂନ'ର ତେଲୁଗୁ ରିମେକ୍‌ରେ ଅଭିନେତ୍ରୀ ଶ୍ରୀୟା ସରନ୍‌ଙ୍କୁ ଦେଖିବାକୁ ମିଳିବ। ଏଥିରେ ସେ ନେଗେଟିଭ୍ ରୋଲ୍ ପାଇଥିବାବେଳେ ବେଶ୍ ଖୁସିଥିବା କହିଛନ୍ତି।

୧୦

୧୨

**ଜୋକୋଭିଚ୍ ଦ୍ୱିତୀୟ ରାଉଣ୍ଡରେ**

ବିଶ୍ୱର ନମ୍ବର ୱାନ୍ ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।






# ୬୨୦ଠୁ ଟପିବ ଭାରତର କ୍ଷତି

## ଚାଇନାର ଜମି ହଡ଼ପରେ ନୂଆଦିଲ୍ଲୀକୁ କିପରି ସାହାଯ୍ୟ କରିପାରିବ ଆମେରିକା: ଗ୍ଲୋବାଲ ଟାଇମ୍ସ

ବେଜିଂ,୧।୯

ଭାରତର ସୁବିଧାବାଦୀ ପଦକ୍ଷେପକୁ ଚାଇନା ଦୃଢ଼ହସ୍ତରେ ଦମନ କରିବା ଜରୁରୀ। ଚାଇନା-ଭାରତ ସୀମା ବିବାଦର ସମାଧାନ ଦୁଇଦେଶ ମଧ୍ୟରେ ହେବା ଆବଶ୍ୟକ। ଏହି କ୍ଷେତ୍ରରେ ଆମେରିକାର ସମର୍ଥନ ମିଳିବ ବୋଲି ଭାରତ ଭୁଲ୍ ଧାରଣାରେ ରହିବା ଅନୁଚିତ। ୱାଶିଂଟନ ଭାରତକୁ କେବଳ ମୌଖିକ ଭାବେ ସମର୍ଥନ କରିପାରିବ। ଚାଇନାର ଭୂଖଣ୍ଡ ହଡ଼ପ କରିବାରେ ଏହା ଭାରତକୁ କିପରି ସାହାଯ୍ୟ କରିପାରିବ ବୋଲି ମଙ୍ଗଳବାର 'ଗ୍ଲୋବାଲ୍ ଟାଇମ୍ସ'ର ସମ୍ପାଦକୀୟ ପୃଷ୍ଠାରେ ପ୍ରଶ୍ନ କରାଯାଇଛି। ବାସ୍ତବରେ ନୂଆଦିଲ୍ଲୀକୁ ବେଜିଂ ବିରୋଧରେ ଏକ ଅସ୍ତ୍ର ଭାବେ ବ୍ୟବହାର କରିବା ହେଉଛି ଆମେରିକାର ଉଦ୍ଦେଶ୍ୟ। ନୂଆଦିଲ୍ଲୀ ଏହାକୁ ନ ବୁଝି ଆକ୍ରମଣାତ୍ମକ ମନୋଭାବ ପୋଷଣ କଲେ ଚାଇନା ଏପରି ଜବାବ ଦେବ ଯେ ଭାରତର କ୍ଷତି ୧୯୬୨ ଯୁଦ୍ଧକୁ ବଳିଯିବ ବୋଲି ଚାଇନାର ସରକାରୀ ଗଣମାଧ୍ୟମ ଗ୍ଲୋବାଲ୍ ଟାଇମ୍ସ ଚେତାବନୀ ଦେଇଛି।

ଚାଇନାର ୱେଷ୍ଟର୍ନ ଥିଏଟର କମାଣ୍ଡ କହିଛି ଯେ, ଭାରତୀୟ ଯବାନମାନେ ପୁଣିଥରେ ବେଆଇନ ଭାବେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି) ଅତିକ୍ରମ କରିଥିଲେ। ସେମାନେ ସୋମବାର ପାଙ୍ଗୋଙ୍ଗ ହ୍ରଦର ଦକ୍ଷିଣ କୂଳ ଓ ରେକିନ୍ ମାଉଣ୍ଟେନ୍ ପାସ୍‌ରେ ଚାଇନାର କ୍ଷେତ୍ରୀୟ ସାର୍ବଭୌମତ୍ୱରେ ହସ୍ତକ୍ଷେପ କରି ଚାଇନା-ଭାରତ ସୀମାରେ ଶାନ୍ତି ଓ ସ୍ଥିରତାରେ ବାଧାସୃଷ୍ଟି କରିଥିଲେ। ଚାଇନା ବିରୋଧରେ ଉତ୍ତେଜନାମୂଳକ ସାମରିକ କାର୍ଯ୍ୟକଳାପର ଅଭିଯୋଗ ଆଣିଥିବା ଭାରତ ହିଁ ପ୍ରଥମେ ଏଥିପାଇଁ ବାଧ୍ୟ କରିଥିଲା। ଭାରତୀୟ ଯବାନମାନେ ପ୍ରଥମେ ବିଧ୍ୱଂସକ କାର୍ଯ୍ୟକଳାପ ଜରିଆରେ ମୁହାଁମୁହିଁ ସ୍ଥିତି ସୃଷ୍ଟି କରିଥିଲେ ବୋଲି ଏଥିରେ କୁହାଯାଇଛି।

ଜୁନ୍ ୧୫ରେ ଗଲୱାନ ଉପତ୍ୟକାରେ ହୋଇଥିବା ରକ୍ତାକ୍ତ ସଂଘର୍ଷ ବେଳେ ୨୦ ଭାରତୀୟ ଯବାନ ଶହୀଦ ହୋଇଥିଲେ। ଏହାର ପରବର୍ତ୍ତୀ ୨ ☞ପୃଷ୍ଠା-୪




### ୧୯୬୨ ଯୁଦ୍ଧ: ହାତରୁ ଖସିଥିଲା ଆକ୍ସାଇ ଚୀନ

୧୯୬୨ରେ ଭାରତ-ଚାଇନା ମଧ୍ୟରେ ସୀମା ବିବାଦକୁ ନେଇ ପ୍ରଥମ ଯୁଦ୍ଧ ହୋଇଥିଲା। ଅକ୍ଟୋବର ୨୦ରେ ପିଏଲ୍ଏ ଲଦାଖ ଓ ଅରୁଣାଚଳ ପ୍ରଦେଶ ଆକ୍ରମଣ କରିଥିଲା। ନଭେମ୍ବର ୨୧ ପର୍ଯ୍ୟନ୍ତ ଚାଲିଥିବା ଯୁଦ୍ଧରେ ଚାଇନାର ୭୨୨ ସୈନ୍ୟ ନିହତ ଓ ୧,୬୯୭ ଆହତ ହୋଇଥିଲେ। ଅନ୍ୟପକ୍ଷରେ ଭାରତର ୩,୨୫୦ ଯବାନ ଶହୀଦ ହୋଇଥିଲେ। ଏହାସହ ଭାରତ ହାତରୁ ଆକ୍ସାଇ ଚୀନକୁ ଚାଇନା ଛଡ଼ାଇନେଇଥିଲା। ଭାରତକୁ ୪୩,୦୦୦ ବର୍ଗ କି.ମି. ଜମି (ସୁଇଜରଲାଣ୍ଡ ଆୟତନ ସହ ସମାନ) ହରାଇବାକୁ ପଡ଼ିଥିଲା।

### ତୃତୀୟ ପର୍ଯ୍ୟାୟ ସାମରିକ ଆଲୋଚନା

**ନୂଆଦିଲ୍ଲୀ,୧।୯(ଆଇଏଏନ୍ଏସ୍):** ପୂର୍ବ ଲଦାଖର ପାଙ୍ଗୋଙ୍ଗ୍ ହ୍ରଦରେ ୨୯-୩୦ ରାତିରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ହୋଇଥିବା ସଂଘର୍ଷକୁ ନେଇ ଦୁଇଦେଶ ମଧ୍ୟରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ସାମରିକ ଆଲୋଚନା ହୋଇଛି। ଭାରତ ପଟେ ଥିବା ଚୁଶୁଲରେ ପୂର୍ବାହ୍ନ ୧୦ଟାରେ କମାଣ୍ଡରସ୍ତରୀୟ ଆଲୋଚନା ଆରମ୍ଭ ହୋଇଥିଲା। ବ୍ଲାକ୍ ଟପ୍ ଓ ହେଲ୍‌ମେଟ ଟପ୍ ନିକଟସ୍ଥ ଅଞ୍ଚଳରେ ଚାଇନା ପକ୍ଷରୁ ବିପୁଳ ସୈନ୍ୟ ମୁତୟନକୁ ବୈଠକରେ ଭାରତ ବିରୋଧ କରିଛି। ଏହି ପ୍ରସଙ୍ଗରେ ସୋମବାର ମଧ ୫ ଘଣ୍ଟା ଧରି ଆଲୋଚନା ହୋଇଥିଲା।

## ମାସ ଆରମ୍ଭରୁ ବଢ଼ିଲା ପେଟ୍ରୋଲ

### ମଙ୍ଗଳବାର ଲିଟର ପିଛା ୫ ପଇସା ବୃଦ୍ଧି

**ଭୁବନେଶ୍ୱର,୧।୯:** ଅଗଷ୍ଟ ମାସରେ ତେଲ ଦର ବୃଦ୍ଧି ଲୋକଙ୍କ ଚିନ୍ତା ବଢ଼ାଇଥିଲା। ହେଲେ ସେପ୍ଟେମ୍ବର ପହିଲାରୁ ପୁଣି ଥରେ ତେଲ ଦର ବଢ଼ିବା ଆରମ୍ଭ ହେଲାଣି। ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୫ ପଇସା ବୃଦ୍ଧି ଘଟି ୮୨.୬୪ ଟଙ୍କା ଛୁଇଁଛି। ଏହି ସମୟ ମଧ୍ୟରେ ଡିଜେଲ ଦର ଅପରିବର୍ତ୍ତିତ ୮୦.୦୩ ଟଙ୍କା ରହିଛି। ଅଗଷ୍ଟ ମାସରେ ଶେଷ ୧୫ ଦିନ ମଧ୍ୟରେ ପେଟ୍ରୋଲ ୧୩ ଥର ବଢ଼ିଛି। ଅଗଷ୍ଟ ୧୬ ପରଠାରୁ ବର୍ତ୍ତମାନ ସୁଦ୍ଧା ପେଟ୍ରୋଲ ମୋଟ ୧.୬୧ ଟଙ୍କା ବଢ଼ିଲାଣି। ଭୁବନେଶ୍ୱରର ପେଟ୍ରୋଲ ଓ ଡିଜେଲ ଦର ଦିଲ୍ଲୀଠାରୁ ଉଚ୍ଚରେ ରହିଛି। ମେଟ୍ରୋ ସହରଗୁଡ଼ିକ କଥା ବିଚାର କଲେ ମଙ୍ଗଳବାର ପେଟ୍ରୋଲ ୪ରୁ ୫ ପଇସା ବୃଦ୍ଧି ପାଇଛି। ନୂଆଦିଲ୍ଲୀରେ ତେଲ ଦର ୫ ପଇସା ବଢ଼ି ୮୨.୦୮ ଟଙ୍କା ରହିଛି। ସେହିଭଳି ଚେନ୍ନାଇରେ ୪ ପଇସା ବଢ଼ି ୮୫.୦୪ ଟଙ୍କା, କୋଲ୍‌କାତାରେ ୫ ପଇସା ବୃଦ୍ଧି ପାଇ ୮୩.୫୭ ଟଙ୍କା ଏବଂ ମୁମ୍ବାଇରେ ୫ ପଇସା ଉର୍ଦ୍ଧ୍ୱରେ ରହି ୮୮.୭୩ ଟଙ୍କା ଛୁଇଁଛି। ଏହି ସ୍ଥାନଗୁଡ଼ିକରେ ଡିଜେଲ ଦର ଯଥାକ୍ରମେ ୭୩.୫୬ ଟଙ୍କା, ୭୮.୮୬ ଟଙ୍କା, ୭୭.୦୬ ଟଙ୍କା ଏବଂ ୮୦.୧୧ ଟଙ୍କା ରହିଥିବା ଇଣ୍ଡିଆନ ଅଏଲ୍ ପକ୍ଷରୁ ସୂଚନା ରହିଛି।

**ଆଜିର ସମ୍ପାଦକୀୟ**

**ନିଜେ ନ ସୁଧୁରିଲେ**

## ବଜ୍ରପାତ ନେଲା ୬ ଜୀବନ

ଆନନ୍ଦପୁର/ବାଲେଶ୍ୱର ଅଫିସ,୧।୯(ସ୍ୱ.ପ୍ର.)




ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ବଜ୍ରପାତ ଘଟି ୬ ଜଣଙ୍କ ପ୍ରାଣହାନି ଘଟିଛି। ମୃତକଙ୍କ ମଧ୍ୟରେ କେନ୍ଦୁଝର ଜିଲାର ୪ ଓ ବାଲେଶ୍ୱରର ୨ ଜଣ ରହିଛନ୍ତି। କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ମଙ୍ଗଳବାର ପୂର୍ବାହ୍ନରେ ବର୍ଷା ସହ ବଜ୍ରପାତ ହୋଇଥିଲା। ନନ୍ଦିପଦା ଥାନା ଇଞ୍ଚୋଳ ଗ୍ରାମର ଗଣେଶ ଜେନା(୬୧) ବିଲକୁ ଘାସ କାଟିବାକୁ ଯାଇଥିବା ସମୟରେ ବଜ୍ରପାତରେ ପ୍ରାଣ ହରାଇଥିଲେ। ସେହିଭଳି ବାହିରିପୁର ଗ୍ରାମର ବଲ୍ଲଭ ବେହେରା(୪୭) ରମ୍ପାସ ଗ୍ରାମକୁ କାମ କରିବାକୁ ଯାଇଥିବାବେଳେ ବଜ୍ରପାତ ଯୋଗୁ ସେଠାରେ ଟଳି ପଡ଼ିଥିଲେ। ରାମଚନ୍ଦ୍ରପୁର ଥାନା ଗଡ଼ବାନ୍ଧଗୋଡ଼ା ସାପୁଆସାହିର ପୂର୍ଣ୍ଣଚନ୍ଦ୍ର ☞ପୃଷ୍ଠା-୪

## ୫୦୦ ଉପରେ କରୋନା ମୃତ୍ୟୁ

ଭୁବନେଶ୍ୱର,୧।୯(ବ୍ୟୁରୋ)

ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୫୦୦ ଟପିଯାଇଛି। ଶେଷ ୨୪ ଘଣ୍ଟା ମଧ୍ୟରେ ଆଉ ୧୧ଜଣଙ୍କ ଜୀବନ ଯିବା ପରେ କରୋନା ମୃତ୍ୟୁ ସଂଖ୍ୟା ୫୦୩ରେ ପହଞ୍ଚିଛି। ନୂଆ ମୃତକଙ୍କ ମଧ୍ୟରେ ପୁରୀ, ମୟୂରଭଞ୍ଜ ଓ ଖୋର୍ଦ୍ଧା ଜିଲାରୁ ୨ଜଣ ଲେଖାଏ ରହିଥିବାବେଳେ ଗଞ୍ଜାମ, ରାୟଗଡ଼ା, କନ୍ଧମାଳ, ଜଗତ୍‌ସିଂହପୁର ଓ କଟକରୁ ଜଣେ ଲେଖାଏ ଆଖି ବୁଜିଛନ୍ତି। ତେବେ ମୃତ୍ୟୁ ତାଲିକାରେ ଗଞ୍ଜାମ ଜିଲା ସବୁଠାରୁ ଆଗରେ ରହିଛି। ଏହି ଜିଲାରେ ସର୍ବାଧିକ ୧୯୧ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବାବେଳେ ଖୋର୍ଦ୍ଧାରେ ୬୭, ସୁନ୍ଦରଗଡ଼ ୩୬, କଟକ ୩୨, ରାୟଗଡ଼ା ୨୫, ଗଜପତି ୧୮, ପୁରୀ ୧୫, ନୟାଗଡ଼ ୧୩, କନ୍ଧମାଳ ୧୧, ବାଲେଶ୍ୱର ୧୧ଜଣଙ୍କ ମୃତ୍ୟୁ ଘଟିଛି। ବାକିସବୁ ଜିଲାରେ କରୋନା ମୃତ୍ୟୁ ୧୦ ତଳକୁ ରହିଥିବାବେଳେ ଦେବଗଡ଼, ବୌଦ୍ଧ ଓ ନୂଆପଡ଼ା ଜିଲାରେ ବର୍ତ୍ତମାନ ସୁଦ୍ଧା ଗୋଟିଏ ହେଲେ କରୋନା ମୃତ୍ୟୁ ଘଟି ନ ଥିବା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡ଼ିଛି।

### ରାଜ୍ୟରେ ଆଉ ୩,୦୨୫ ଚିହ୍ନଟ, ୩୪୮୪ଜଣ ସୁସ୍ଥ



ଅନ୍ୟପକ୍ଷରେ ରାଜ୍ୟର ୩୦ ଜିଲାରୁ ୩,୦୨୫ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧,୦୬,୫୬୧ରେ ପହଞ୍ଚିଛି। ପୂର୍ବଭଳି ଦୈନିକ ସଂକ୍ରମଣରେ ଖୋର୍ଦ୍ଧା ଜିଲା ଏକ ନମ୍ବର ସ୍ଥାନରେ ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୬୬୬ଜଣ ଚିହ୍ନଟ ହୋଇଥିବାବେଳେ କଟକରୁ ୩୧୨, ମୟୂରଭଞ୍ଜରୁ ୨୧୫, ଗଞ୍ଜାମରୁ ୨୦୭ଜଣ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟରୁ ୧୩୯, ପୁରୀ ୧୩୬, ଢେଙ୍କାନାଳ ୧୩୨, କେନ୍ଦ୍ରାପଡ଼ା ୧୨୮, ଭଦ୍ରକ ୯୪, ଯାଜପୁର ୮୫, ସମ୍ବଲପୁର ୮୩, କଳାହାଣ୍ଡି ୮୨, ନୂଆପଡ଼ା ୭୯, ଜଗତ୍‌ସିଂହପୁର ୭୮, ନୟାଗଡ଼ ୬୭, ବରଗଡ଼ ୬୧, ଝାରସୁଗୁଡ଼ା ୫୯, ଅନୁଗୋଳ ୫୮, ☞ପୃଷ୍ଠା-୪

## ପୋଖରୀରେ ବୁଡ଼ି ୩ ନାବାଳିକାଙ୍କ ମୃତ୍ୟୁ

କୋରାପୁଟ,୧।୯(ସ୍ୱ.ପ୍ର.)

କୋରାପୁଟ ଜିଲା ଲମତାପୁଟ ବ୍ଲକ ବନମାଳିପୁଟ ପଞ୍ଚାୟତ ଦେବଗଞ୍ଜର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ୩ ନାବାଳିକାଙ୍କ ମୃତ୍ୟୁ ହୋଇଛି । ସେମାନେ ହେଲେ ଘେନୁ ତାମିଲଙ୍କ ଝିଅ ପୂଜା ତାମିଲ (୧୨), ସୋମନାଥ ଦଳପତିଙ୍କ ଝିଅ ନିକିତା ଦଳପତି(୧୩) ଓ ବିଭୂତି ଭୂଷଣ ପାତ୍ରଙ୍କ ଝିଅ ସନ୍ତୋଷୀ ପାତ୍ର (୧୩)। ମିଳିଥିବା ଖବରରୁ ଜଣାପଡ଼ିଛି ସୋମବାର ଅପରାହ୍ନରେ ଏହି ୩ ନାବାଳିକା ଗ୍ରାମ ନିକଟରେ ଥିବା ପିଜୁଳି ଗଛରୁ ପିଜୁଳି ତୋଳି ଖାଇବାକୁ ଯାଇଥିଲେ। ପରେ ସେମାନେ ସେଠାରେ ନୂତନ ରୂପେ ଖୋଳାଯାଇଥିବା ପୋଖରୀକୁ ଧୁଆଧୋଇ ହେବାକୁ ଯାଇଥିଲେ। ସେସମୟରେ ଜଣଙ୍କ ଗୋଡ ଖସିଯିବାରୁ ପାଖରେ ☞ପୃଷ୍ଠା-୪

## ମୋରାଟୋରିୟମ ୨ ବର୍ଷ ଯାଏ ବଢ଼ିପାରିବ


### ସୁପ୍ରିମକୋର୍ଟରେ ପକ୍ଷ ରଖିଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୧।୯

କରୋନା ପାଇଁ ଋଣ କିସ୍ତି ପଇଠ କରିବାରେ ସମସ୍ୟା ଉପୁଜୁଛି। ବଜାର ବର୍ତ୍ତମାନ ପ୍ରଭାବିତ ହୋଇ ରହିଥିବା ବେଳେ ଶୀଘ୍ର ସ୍ଥିତି ଟ୍ରାକ୍‌କୁ ଫେରିବା ଭଳି ପ୍ରତୀୟମାନ ହେଉନାହିଁ। ଏଭଳି ସମୟରେ କିସ୍ତି ପଇଠ ଲାଗି ରିଜର୍ଭ ବ୍ୟାଙ୍କ ପ୍ରଦାନ କରିଥିବା ମୋରାଟୋରିୟମ ବା କୋହଳ ସୀମା ୨ ବର୍ଷ ଯାଏ ବଢ଼ାଯାଇପାରିବ। କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କ ସୁପ୍ରିମକୋର୍ଟଙ୍କୁ ମଙ୍ଗଳବାର ଏ ସଂକ୍ରାନ୍ତ ସୂଚନା ପ୍ରଦାନ କରିଛନ୍ତି। ଜଷ୍ଟିସ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମୋରାଟୋରିୟମ ମାମଲାର ଶୁଣାଣି କରୁଛନ୍ତି। କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କର ପକ୍ଷ ରଖି ସଲିସିଟର ଜେନେରାଲ ତୁଷାର ମେହେଟା ମଙ୍ଗଳବାର କହିଛନ୍ତି ଯେ, ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥାର ଜିଡିପି ୨୩% ଖସିଥିବା ବେଳେ କ୍ଷତିଗ୍ରସ୍ତ କ୍ଷେତ୍ରଗୁଡ଼ିକ ଲାଗି ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେଉଛନ୍ତି। କୋଭିଡ୍-୧୯ ପ୍ରଭାବିତ କ୍ଷେତ୍ରଗୁଡ଼ିକୁ ସହାୟତା କରିବା ଲାଗି ଚିହ୍ନଟ ପ୍ରକ୍ରିୟା ଜାରି କରାଯାଇଛି।

ମୋରାଟୋରିୟମ ସମୟ ଅବଧି ମଧ୍ୟରେ ବ୍ୟାଙ୍କଗୁଡ଼ିକ ଋଣ କିସ୍ତି ଉପରେ ନେଇଥିବା ସୁଧ ଏବଂ ସୁଧ ଉପରେ ଲାଗୁ ହେଉଥିବା ସୁଧ ମାମଲାର ସର୍ବୋଚ୍ଚ ନ୍ୟାୟାଳୟ ବୁଧବାର ଶୁଣାଣି କରିବେ। ଋଣ ଗ୍ରହୀତାଙ୍କୁ କୋଭିଡ୍ ଚାପରୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି ରିଜର୍ଭ ବ୍ୟାଙ୍କ ଅଗଷ୍ଟ ୩୧ ଯାଏ ମୋରାଟୋରିୟମ ସୁବିଧା ଦେଇଥିଲେ। ଏହା ବର୍ତ୍ତମାନ ଶେଷ ହୋଇଛି। ମୋରାଟୋରିୟମ ଅବଧିରେ ଋଣ କିସ୍ତି ☞ପୃଷ୍ଠା-୪

# ଜମି ଗଲେ ଓୟୁଏଟି କରିବ କ'ଣ



Prof. Ganeshi Lal
Governor, Odisha
ପ୍ରଫେସର ଗଣେଶୀ ଲାଲ
ରାଜ୍ୟପାଳ, ଓଡ଼ିଶା

RAJ BHAVAN
BHUBANESWAR - 751 008
ରାଜଭବନ
ଭୁବନେଶ୍ୱର-୭୫୧ ୦୦୮

D.O. No.________/GO
January 08, 2019

Honorable Chief Minister, Sir,

The Vice Chancellor, OUAT has informed that Government in Agriculture & Farmers Empowerment Department vide letter No. 21594 dated 20.11.2019 has already transferred land to an extent of 213.81 Acre under possession but recorded in the name of the Agriculture Department to GA & PG Department. OUAT is one of the premier Agriculture Universities of the country established in 1962 by Odisha's legendary Chief Minister Biju Pattnaik with the objective to cater to the needs of education, research and extension in Agriculture Sector in the State. In past 58 years, OUAT has been serving the State by producing thousands of graduates in Agriculture & allied fields who have contributed to nation building. It has also released 154 new crop varieties which have played a key role in making India self sufficient in food production.

For an Agriculture University, land is the essential component for undertaking field experiments, teaching and demonstration. Considering these aspects, adequate land was provided to the University adjacent to its main campus in Bhubaneswar. Basing on this parameter the recognition has been given by ICAR to OUAT for undertaking Degree, Master & PhD programmes in Agriculture and allied faculties. The transfer of 213.81 Acres of prime crop land which is more than 1/3rd of its total area will not only affect the field experiments and research activities of the university but also may lead to forfeiture of recognition and accredition of the degrees by ICAR. That apart, the entire programme of Nucleus and breeder seeds development and production would be adversely affected.

I would like to draw your kind attention to the concern expressed by the University on the above decision of the Government. I would request you to reconsider the above decision of transferring 213.81 Acres of land and reverse the same in the interest of the University and its students. Further, necessary steps be taken to record the entire land under possession of OUAT in the name of the University (OUAT) to protect the existing infrastructure in future.

With profound Regards

Yours sincerely,
Ganeshi Lal
(Ganeshi Lal)

Shri Naveen Pattnaik,
Hon'ble Chief Minister, Odisha
Bhubaneswar.

ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟପାଳ ଗଣେଶୀ ଲାଲ ଲେଖିଥିବା ଚିଠି।

ଭୁବନେଶ୍ୱର,୧।୯(ବ୍ୟୁରୋ)

- ୨୧୩.୮୧ ଏକର ଜମିର ମାଲିକାନା ଜି.ଏ.କୁ ହସ୍ତାନ୍ତର
- ଓୟୁଏଟିକୁ ଜମି ଫେରାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି କୁଳାଧିପତି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ ୨୧୩.୮୧ ଏକର ମୂଲ୍ୟବାନ ଜମିକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସାଧାରଣ ପ୍ରଶାସନ (ଜି.ଏ.) ବିଭାଗକୁ ହସ୍ତାନ୍ତର କରିଛି। ପାଠପଢ଼ା, ଗବେଷଣା, ନୂଆ ବିହନ ସୃଷ୍ଟି ପାଇଁ ବ୍ୟବହାର ହେଉଥିବା ଏହି ବୃହତ୍ ପରିମାଣର ଜମି ହରାଇଲେ ଓୟୁଏଟି କରିବ କ'ଣ ବୋଲି ପ୍ରଶ୍ନ ଉଠୁଛି। ସଚିବାଳୟରେ ଚର୍ଚ୍ଚା ହେଉଛି ଯେ, ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଆଢୁଆଳରେ ଏକ ପ୍ରଭାବଶାଳୀ ଗୋଷ୍ଠୀ ଓୟୁଏଟି ଜମିକୁ ଘରୋଇ ସଂସ୍ଥାକୁ ଟେକିଦେବାକୁ ବ୍ୟସ୍ତ।

ଓୟୁଏଟି ଓଡ଼ିଶାର ଏକମାତ୍ର ଏବଂ ଦେଶର ସବୁଠୁ ପୁରୁଣା କୃଷି ବିଶ୍ୱବିଦ୍ୟାଳୟ। ଶିକ୍ଷାର ବିକାଶ, ଗବେଷଣା ସହିତ କୃଷିକୁ ଅଗ୍ରାଧିକାର ଦେବା ଲକ୍ଷ୍ୟରେ ୧୯୬୨ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ। ଏହି ବିଶ୍ୱବିଦ୍ୟାଳୟ ଗତ ୫୮ ବର୍ଷ ଧରି କୃଷିର ବିକାଶ ପାଇଁ ନିରନ୍ତର ସେବା ଯୋଗାଇ ଆସୁଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ହଜାର ହଜାର ଗ୍ରାଜୁଏଟ୍ ସୃଷ୍ଟି କରି ରାଷ୍ଟ୍ରଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କେବଳ ସେତିକି ନୁହେଁ ଏହି ବିଶ୍ୱବିଦ୍ୟାଳୟ ୧୫୪ ପ୍ରକାରର ନୂଆ ଶସ୍ୟ ସୃଷ୍ଟି କରି ରାଜ୍ୟକୁ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିପାରିଛି। ଏହାକୁ ଅନ୍ତର୍ଜାତୀୟ ସ୍ତରର ବିଶ୍ୱବିଦ୍ୟାଳୟ କରିବାକୁ ଆହୁରି ଅଧିକ ଜମିର ଆବଶ୍ୟକତା ରହିଛି। ଏଥିସହିତ କ୍ଷେତ୍ରସ୍ତରୀୟ ପରୀକ୍ଷା, ଶିକ୍ଷା ଏବଂ ଶସ୍ୟ ପ୍ରଦର୍ଶନ ପାଇଁ ଅଧିକ ଜମି ଦରକାର। ଏସବୁକୁ ଦୃଷ୍ଟିରେ ରଖି କୃଷି ଓ ସଶକ୍ତୀକରଣ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ମୁଖ୍ୟ କ୍ୟାମ୍ପସ୍ ନିକଟରେ ଉକ୍ତ ଜମି ଯୋଗାଇ ଦିଆଯାଇଥିଲା। ଏହାକୁ ଦେଖି ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ଓୟୁଏଟିରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଡିଗ୍ରୀ, ମାଷ୍ଟର ଡିଗ୍ରୀ ଏବଂ ପିଏଚ୍‌ଡି ପାଠ୍ୟକ୍ରମ ଖୋଲିବା ଲାଗି ସ୍ୱୀକୃତି ପ୍ରଦାନ କରିଛି। ଉକ୍ତ ଜମି ବିଶ୍ୱବିଦ୍ୟାଳୟ ଗବେଷଣାର ପ୍ରମୁଖ ଶସ୍ୟ କ୍ଷେତ୍ର। ଏଠାରେ ଶସ୍ୟ ସମ୍ବନ୍ଧୀୟ ସମସ୍ତ ପ୍ରକାର ଗବେଷଣା ହୋଇଥାଏ। ନିକଟରେ ସାଧାରଣ ପ୍ରଶାସନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ୨୧୩.୮୧ ଏକର ଜମି ଓୟୁଏଟିକୁ ପ୍ରଦାନ କରାଯାଇଥିବା ସମଗ୍ର ଜମିର ଏକ ତୃତୀୟାଂଶ। ଏହା ଚାଲିଯିବା ପରେ ବିଶ୍ୱବିଦ୍ୟାଳୟର ଅସ୍ତିତ୍ୱ ଏକପ୍ରକାର ଲୋପ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏହା ଯେ କେବଳ କ୍ଷେତ୍ରସ୍ତରୀୟ ପରୀକ୍ଷା ନିରୀକ୍ଷା କିମ୍ବା ଗବେଷଣାକୁ କ୍ଷତି ପହଞ୍ଚାଇବ ନାହିଁ, ବରଂ ଆଇସିଏଆର୍ ପକ୍ଷରୁ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଥିବା ଡିଗ୍ରୀଗୁଡ଼ିକର ସ୍ୱୀକୃତି ମଧ୍ୟ ହରାଇବାକୁ ପଡ଼ିବ। ଏହାଛଡ଼ା କୃଷିବୈଜ୍ଞାନିକଙ୍କ ଦ୍ୱାରା ନୂତନ ବିହନ ବିକାଶ ଏବଂ ଉତ୍ପାଦନରେ ଗୁରୁତର ବାଧା ସୃଷ୍ଟି ହେବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଶଙ୍କା ପ୍ରକାଶ ପାଇଛି।

ଏହି ଜମିକୁ ଫେରାଇ ଦେବା ଲାଗି ୨୦୧୯ ଡିସେମ୍ବରରେ ଓୟୁଏଟି କୁଳପତି ପଓ୍ୱନ କୁମାର ଅଗ୍ରୱାଲ କୁଳାଧିପତି ତଥା ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଚିଠି ଲେଖି ଅବଗତ କରାଇଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତା'ର ଚିଠି ନଂ.୨୧୫୯୪ ତାରିଖ ୨୦.୧୧.୨୦୧୯ରେ ଜମି ହସ୍ତାନ୍ତର ନେଇ ଓୟୁଏଟିକୁ ସୂଚନା ଦେଇଥିବା କୁଳପତି ଅଗ୍ରୱାଲ କୁଳାଧିପତିଙ୍କୁ ☞ପୃଷ୍ଠା-୪

## ରାଜ୍ ଗୋପାଳ ମିଶ୍ର ପାଇବେ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର'

ଭୁବନେଶ୍ୱର(ବ୍ୟୁରୋ),୧।୯

ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତର ମହାକୁମ୍ଭ 'ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ-୨୦୨୦' ସେପ୍ଟେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ଉତ୍ସବକୁ ଚଳିତବର୍ଷ କୋଭିଡ୍-୧୯ କଟକଣା ଲାଗି ଡିଜିଟାଲ ପ୍ଲାଟ୍‌ଫର୍ମରେ କରାଯିବ। ଚଳିତବର୍ଷ ବିଶିଷ୍ଟ ସିନେମାଟୋଗ୍ରାଫର୍ ରାଜ୍ ଗୋପାଳ ମିଶ୍ରଙ୍କୁ ସମ୍ମାନଜନକ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର' ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ତାଙ୍କୁ ୧ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ। ସେହିଭଳି ୨ଜଣ ଯୁବ କଳାକାରଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ଓଡ଼ିଶୀ ନୃତ୍ୟକ୍ଷେତ୍ରରେ ଯୁବ ନୃତ୍ୟଶିଳ୍ପୀ ପ୍ରଭାତ କୁମାର ସ୍ୱାଇଁ ଏବଂ ଓଡ଼ିଶୀ ସଙ୍ଗୀତରେ ହିମାଂଶୁ ଶେଖର ସ୍ୱାଇଁଙ୍କୁ ଏହି ସମ୍ମାନ ଦିଆଯିବ। ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକଙ୍କୁ ୨୫ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯିବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହି ପୁରସ୍କାର ପ୍ରଦାନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଦେହାନ୍ତ ଚାଇନା-ଭାରତ ବନ୍ଧୁତାର ବ୍ୟାପକ କ୍ଷତି ବୋଲି ମଙ୍ଗଳବାର ଚାଇନା ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ହୁଆ ଚୁନିଙ୍ଗ କହିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ତାଙ୍କ ୫୦ ବର୍ଷର ରାଜନୀତି ମଧ୍ୟ ସମ୍ଭବ ହୋଇପାରିଛି। ୨୦୧୪ରେ ସି. ଜିନ୍‌ପିଙ୍ଗଙ୍କ ଭାରତ ଗସ୍ତ ଓ ପ୍ରଣବଙ୍କ ସହ ସାକ୍ଷାତ ବେଶ୍ ମହତ୍ତ୍ୱପୂର୍ଣ୍ଣ ଥିଲା। ସମ୍ପର୍କର ସେତୁ ଗଢ଼ିବାରେ ସେ ସିଦ୍ଧହସ୍ତ ଥିଲେ। ତାଙ୍କ ବିୟୋଗ ମର୍ମାହତ କରିଛି ବୋଲି ଚୁନିଙ୍ଗ କହିଛନ୍ତି।



୧୦ ରାଜାଜୀ ମାର୍ଗରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।



ସ୍ୱର୍ଗତ ପ୍ରଣବ ମୁଖାର୍ଜୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।



୧୦ ରାଜାଜୀ ମାର୍ଗରୁ ଶେଷକୃତ୍ୟ ସମ୍ପନ୍ନ ପାଇଁ ପ୍ରଣବଙ୍କ ପାର୍ଥିବ ଶରୀରକୁ ଲୋଧି ରୋଡ୍‌କୁ ନିଆଯାଉଛି।

# ଏଲ୍‌ଏସିରେ ସ୍ଥିତାବସ୍ଥା ପରିବର୍ତ୍ତନ ଉଦ୍ୟମ

## ଚାଇନା ଦ୍ୱିପାକ୍ଷିକ ବୁଝାମଣାର ଅସମ୍ମାନ କରିଛି: ଭାରତ

ନୂଆଦିଲ୍ଲୀ,୧।୯

ପୂର୍ବ ଲଦାଖର ପାଙ୍ଗୋଙ୍ଗ୍ ହ୍ରଦରେ ସ୍ଥିତାବସ୍ଥା ବଦଳାଇବା ପାଇଁ ସାମରିକ ଉତ୍ତେଜନା ସୃଷ୍ଟିକାରୀ ଉଦ୍ୟମ କରିଥିଲା। ଚାଇନାର ଏପରି କାର୍ଯ୍ୟ ଦ୍ୱିପାକ୍ଷିକ ଚୁକ୍ତିର ଉଲ୍ଲଂଘନ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଅଗଷ୍ଟ ୨୯-୩୦ ରାତିରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ହୋଇଥିବା ସଂଘର୍ଷକୁ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ଅନୁଷ୍ଠାନିକ ବିବୃତି ଜାରି କରାଯାଇଛି। ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଛନ୍ତି, ପାଙ୍ଗୋଙ୍ଗ୍ ହ୍ରଦର ସାଉଥ୍ ବ୍ୟାଙ୍କ୍ ଏରିଆରେ ସ୍ଥିତାବସ୍ଥା ପରିବର୍ତ୍ତନ ଲାଗି ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଉଦ୍ୟମ କରିଥିଲା। ଭାରତ ଓ ଚାଇନାର ବହିର୍ବ୍ୟାପାର ମନ୍ତ୍ରୀ ତଥା ସ୍ୱତନ୍ତ୍ର ପ୍ରତିନିଧିଙ୍କ ମଧ୍ୟରେ ହୋଇଥିବା ସହମତିକୁ ଏହା ସମ୍ପୂର୍ଣ୍ଣ ଭାବେ ଅସମ୍ମାନ। ତେବେ ଚାଇନାର ଏପରି କାର୍ଯ୍ୟକୁ ନେଇ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ସଂଲଗ୍ନ ଅଞ୍ଚଳରେ ଭାରତୀୟ ଯବାନମାନେ ଏହାର ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟର କଡ଼ା ଜବାବ ଦେଇଥିଲେ। ଭାରତର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତାର ସୁରକ୍ଷା ପାଇଁ ସେନା ଆତ୍ମରକ୍ଷାମୂଳକ ଉପଯୁକ୍ତ ପଦକ୍ଷେପ ନେଇଥିଲା। ଉଭୟ କୂଟନୈତିକ ଓ ସାମରିକ ଚ୍ୟାନେଲରେ ଚାଇନା ଆଗରେ ଆମେ ଏହି ପ୍ରସଙ୍ଗ ଉଠାଇଛୁ। ଏହାସହ ପିଏଲ୍‌ଏ ସୈନ୍ୟଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ଅନୁରୋଧ କରିଛୁ।



### ଚାଇନାକୁ ସବୁ କ୍ଷେତ୍ରରେ ବିରୋଧ କରିବ ଆମେରିକା

ୱାଶିଂଟନ,୧।୯(ପି.ଟି.)

ଚାଇନା ସବୁଠି ଲଢ଼େଇ କରିବାକୁ ଆଗଭର ହେଉଛି। ତେଣୁ ଏହାକୁ ଗଲୱାନ ଉପତ୍ୟକାରେ ସାର୍ବଭୌମତ୍ୱ ଜାହିର କରିବା ସମେତ ସମସ୍ତ କ୍ଷେତ୍ରରେ ବିରୋଧ କରିବା ୱାଶିଂଟନର ରଣନୀତି ବୋଲି ଆମେରିକାର ଜଣେ ବରିଷ୍ଠ କୂଟନୀତିଜ୍ଞ ପ୍ରକାଶ କରିଛନ୍ତି। ଭାରତ-ଆମେରିକା ତୃତୀୟ ଲିଡରଶିପ୍ ସମିଟରେ ସୋମବାର ଆମେରିକାର ପରରାଷ୍ଟ୍ର ଉପସଚିବ ଷ୍ଟିଫେନ୍ ବିଗୁନ୍ କହିଛନ୍ତି, ଚାଇନା ଯଥାର୍ଥ ସନ୍ତୁଳନ ବଜାୟ ରଖି ପାରସ୍ପରିକ ସ୍ୱାର୍ଥକୁ ସମ୍ମାନ ଦେବା ପରିବର୍ତ୍ତେ ଟେକ୍ନୋଲୋଜି ଚୋରିରୁ ନେଇ ଜାତୀୟ ସାର୍ବଭୌମତ୍ୱ ଓ ଅନ୍ୟ ଦେଶଗୁଡ଼ିକର ଜଳ ଉପରେ ଅଧିକାର ସାବ୍ୟସ୍ତର ସୁଯୋଗକୁ ହାତଛଡ଼ା କରି ନ ଥିବା ଜଣାପଡ଼ିଛି। ଏହି କାରଣରୁ ଚାଇନାକୁ ସମସ୍ତ କ୍ଷେତ୍ରରେ ପଛକୁ ଠେଲିବା ହେଉଛି ଆମେରିକାର ରଣନୀତି।

### 'ସୀମା ନିର୍ଦ୍ଧାରଣ ହୋଇ ନ ଥିବାରୁ ସମସ୍ୟା ଲାଗିରହିବ'

ବେଜିଂ,୧।୯

ଭାରତ-ଚାଇନା ମଧ୍ୟରେ ସୀମା ନିର୍ଦ୍ଧାରଣ ହୋଇ ନାହିଁ। ତେଣୁ ଦୁଇଦେଶ ମଧ୍ୟରେ ସବୁବେଳେ ସୀମା ବିବାଦ ଲାଗିରହିବ। ମତଭେଦକୁ ସଂଘର୍ଷରେ ପରିଣତ ନ କରିବା ପାଇଁ ଉଭୟ ଦେଶର ନେତାଙ୍କ ମଧ୍ୟରେ ହୋଇଥିବା ସହମତିକୁ ନୂଆଦିଲ୍ଲୀ ଓ ବେଜିଂ କାର୍ଯ୍ୟକାରୀ କରିବା ଉଚିତ ବୋଲି ମଙ୍ଗଳବାର ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୟୁରୋପ ଗସ୍ତରେ ଥିବା ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୟି କହିଛନ୍ତି, ଭାରତ ସହ ଆଲୋଚନା ମାଧ୍ୟମରେ ସବୁପ୍ରକାର ବିବାଦର ସମାଧାନ ପାଇଁ ଚାଇନା ପ୍ରସ୍ତୁତ। ୭୦ ବର୍ଷ ମଧ୍ୟରେ ଚାଇନା ୧ ଇଞ୍ଚ ମଧ୍ୟ ବିଦେଶୀ ଜମି ଦଖଲ କରିନାହିଁ।



ୱାଙ୍ଗ୍ ୟି

# ପଞ୍ଚଭୂତରେ ବିଲୀନ ପ୍ରଣବ

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଦେଲେ

ନୂଆଦିଲ୍ଲୀ,୧।୯

ନୂଆଦିଲ୍ଲୀର ଲୋଦି ରୋଡ୍‌ଠାରେ ମଙ୍ଗଳବାର ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୂର୍ବତନ ରାଷ୍ଟ୍ରପତି ତଥା ଭାରତରତ୍ନ ପ୍ରଣବ ମୁଖାର୍ଜୀଙ୍କ ମରଶରୀର ପଞ୍ଚଭୂତରେ ଲୀନ ହୋଇଛି। ପୁଅ ଅଭିଜିତ୍ ମୁଖାର୍ଜୀ ମୁଖାଗ୍ନି ଦେଇଥିଲେ। ପରିବାର ସଦସ୍ୟ ଓ ବନ୍ଧୁବର୍ଗମାନେ ମଧ୍ୟ ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେନା ପକ୍ଷରୁ ଗାର୍ଡ ଅଫ୍ ଅନର ଓ ଗନ୍ ସାଲ୍ୟୁଟ୍ ପ୍ରଦାନ କରାଯାଇଥିଲା। ମହାମାରୀ କରୋନା ଯୋଗୁ ପ୍ରଣବଙ୍କ ମରଶରୀରକୁ ଗନ୍ କ୍ୟାରେଜ୍ ବଦଳରେ ହିୟର୍ସ ଭ୍ୟାନ୍‌ରେ ନିଆଯାଇଥିଲା। ଏହା ପୂର୍ବରୁ ଦିଲ୍ଲୀର ୧୦, ରାଜାଜୀ ମାର୍ଗସ୍ଥିତ ପ୍ରଣବଙ୍କ ସରକାରୀ ବାସଭବନରେ ମରଶରୀରକୁ ସର୍ବସାଧାରଣଙ୍କ ଦର୍ଶନ ଲାଗି ରଖାଯାଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଗୁଲାମ ନବୀ ଆଜାଦ୍, ଅରବିନ୍ଦ କେଜ୍‌ରିୱାଲ ଓ ତିନି ସେନାର ଅଧିକାରୀ ପ୍ରମୁଖ ସେଠାରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। କେନ୍ଦ୍ର କ୍ୟାବିନେଟ ପକ୍ଷରୁ ପ୍ରଣବଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଛି।

ସୋମବାର ସନ୍ଧ୍ୟାରେ ପ୍ରଣବ ମୁଖାର୍ଜୀ (୮୪) ଦିଲ୍ଲୀ କ୍ୟାଣ୍ଟନ୍‌ମେଣ୍ଟସ୍ଥିତ ସେନା ହସ୍ପିଟାଲରେ ପ୍ରାଣ ହରାଇଥିଲେ। ଅଗଷ୍ଟ ୧୦ରେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ମସ୍ତିଷ୍କ ଅପରେଶନ କରାଯାଇଥିଲା। ସେ କରେନାରେ ମଧ୍ୟ ଆକ୍ରାନ୍ତ ହୋଇଥିଲେ। ୨୧ ଦିନ ହସ୍ପିଟାଲରେ ଚିକିତ୍ସା ହେବା ପରେ ସେ କୋମାକୁ ଚାଲିଯାଇ ପ୍ରାଣ ହରାଇଥିଲେ।

### 'ଘରେ ବାପାଙ୍କ ସ୍ମୃତି ସାଇତି ରଖାଯିବ'

ନୂଆଦିଲ୍ଲୀ,୧।୯

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସ୍ମୃତିକୁ ସାଇତି ରଖାଯିବ ବୋଲି ତାଙ୍କ ପୁଅ ତଥା ସାଂସଦ ଅଭିଜିତ୍ ମୁଖାର୍ଜୀ ମଙ୍ଗଳବାର କହିଛନ୍ତି। ଏଥିଲାଗି ପଶ୍ଚିମବଙ୍ଗ ଜଙ୍ଗିପୁରା ବାସଭବନର ଘରକୁ ମ୍ୟୁଜିୟମ୍ କମ୍ ଲାଇବ୍ରେରି କରାଯିବ। ବାପାଙ୍କ ସମ୍ମାନ ପାଇଁ ସରକାରଙ୍କ ପକ୍ଷରୁ ଏକ ପୋଷ୍ଟାଲ ଷ୍ଟାମ୍ପ ଜାରିକରିବା ଲାଗି ସେ ଅନୁରୋଧ କରିଛନ୍ତି। ବାପାଙ୍କ ବିଭିନ୍ନ ବହି, ଉପହାର, ଫଳକ ଆଦିକୁ ଉକ୍ତ ମ୍ୟୁଜିୟମରେ ସାଇତି ରଖାଯିବ ବୋଲି ଅଭିଜିତ୍ ପ୍ରକାଶ କରିଛନ୍ତି।



ଅଭିଜିତ୍ ମୁଖାର୍ଜୀ

### 'ବିମୁଦ୍ରୀକରଣରୁ ଆର୍ଥିକ ଦୁର୍ଗତି ଆରମ୍ଭ ହୋଇଛି'



ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ,୧।୯: ଦେଶର ଅଭିବୃଦ୍ଧି ହାର ଦୟନୀୟ ସ୍ଥିତିରେ ପହଞ୍ଚିଥିବାବେଳେ ଏହାକୁ ନେଇ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ବିମୁଦ୍ରୀକରଣ ପରଠାରୁ ଦେଶରେ ଆର୍ଥିକ ଦୁର୍ଗତି ଆରମ୍ଭ ହୋଇଛି। ସ୍ଥିତି ସୁଧାରିବା ପରିବର୍ତ୍ତେ ସରକାର ଗୋଟିକ ପରେ ଗୋଟିଏ ଭୁଲ୍ ନୀତି ଆପଣାଇ ଚାଲିଛନ୍ତି। ଏଭଳି ସ୍ଥିତି ଲାଗି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଅର୍ଥନୀତିରେ ସୁନାମି ଆସିବ ବୋଲି ୬ ମାସ ପୂର୍ବରୁ ରାହୁଲ ସତର୍କ କରାଇଥିଲେ। ତା' ପରେ ଲୋକଦେଖାଣିଆ ଭାବେ ସରକାର ପ୍ୟାକେଜ୍ ଘୋଷଣା କରିଥିଲେ ବୋଲି ସେ ପ୍ରକାଶ କରିଛନ୍ତି। ମୋଦିଙ୍କ ମାଷ୍ଟର ଷ୍ଟ୍ରୋକ୍ ଏବେ ଡିଜାଷ୍ଟର ଷ୍ଟ୍ରୋକ୍‌ରେ ପରିଣତ ହୋଇଛି ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁରଜେୱାଲା ଟୁଇଟ କରି କହିଛନ୍ତି।

### ପରିବାରରେ ୩୨ ଜଣଙ୍କୁ କରୋନା

ଲକ୍ଷ୍ନୌ,୧।୯: ଉତ୍ତରପ୍ରଦେଶର ବାନ୍ଦା ସହର ଫୁଟାକୁଆଁ ଅଞ୍ଚଳରେ ଗୋଟିଏ ପରିବାରର ୩୨ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସିଏମ୍‌ଓ ଏନ୍.ଡି. ଶର୍ମା କହିଛନ୍ତି, ଜିଲାରେ ୪୪ ନୂଆ ରୋଗୀ ଚିହ୍ନଟ ହୋଇଥିବାବେଳେ ଏକ ଯୌଥ ପରିବାରରେ ୩୨ ଆକ୍ରାନ୍ତ ବାହାରିଛନ୍ତି। ଏବେ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଜିଲାରେ ଏପର୍ଯ୍ୟନ୍ତ ୮୦୭ କରୋନା ରୋଗୀ ବାହାରିଥିବା ବେଳେ ୮ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ୪୩୯ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଯାଇଥିବା ବେଳେ ୩୬୦ ସଂକ୍ରମିତ ହୋଇଛନ୍ତି।





ମୁମ୍ବାଇର ଜୁହୁ ବିଚ୍‌ରେ ଗଣେଶ ମୂର୍ତ୍ତି ବିସର୍ଜନ କରୁଛନ୍ତି ଭୋଲ୍ୟୁଣ୍ଟିୟର।


### କୋଟିପତି ଖଣି ଅଧିକାରୀଙ୍କ ଘରେ ଆୟକର ଚଢ଼ାଉ

ଇନ୍ଦୋର, ୧।୯: ମଧ୍ୟପ୍ରଦେଶ ଇନ୍ଦୋର ଜିଲାର କୋଟିପତି ଖଣି ଅଧିକାରୀ ପ୍ରଦୀପ ଖାନ୍ନାଙ୍କ ଘରେ ମଙ୍ଗଳବାର ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ତାଙ୍କ ଘରୁ ବିଡ଼ା ବିଡ଼ା ଟଙ୍କା ଜବତ ହୋଇଛି। ଇନ୍ଦୋରର ପଟେଲ ନଗର ସ୍ଥିତ ପ୍ରଦୀପଙ୍କ ଫ୍ଲାଟ୍ ଏବଂ ଭୋପାଳର ଗୌତମନଗର ଅଞ୍ଚଳର ଗୋବିନ୍ଦପୁରାଠାରେ ଥିବା ଘରେ ଏକ ସମୟରେ ଚଢ଼ାଉ କରାଯାଇଛି। ପ୍ରଦୀପଙ୍କ ଘରୁ ୪ଟି ଦୁଇଚକିଆ ଏବଂ ୨ଟି ଚାରି ଚକିଆ ଗାଡ଼ି ଓ ବହୁ ସ୍ଥାବର ସମ୍ପତ୍ତିର କାଗଜପତ୍ର ଜବତ କରାଯାଇଛି। ବେଆଇନ ଖଣି ଖନନ କରି ପ୍ରଦୀପ ଟଙ୍କା ଆୟ କରିଥିବା ଅଭିଯୋଗ ମିଳିବା ପରେ ଚଢ଼ାଉ କରାଯାଇଛି।

### ୧୪ରୁ ମୌସୁମୀ ଅଧିବେଶନ

ନୂଆଦିଲ୍ଲୀ,୧।୯

ଆସନ୍ତା ୧୪ ତାରିଖରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହୋଇ ଅକ୍ଟୋବର ୧ ପର୍ଯ୍ୟନ୍ତ ଚାଲିବ। ଏନେଇ ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ, ରାଷ୍ଟ୍ରପତି ରାମନାଥ କୋବିନ୍ଦ ସେପ୍ଟେମ୍ବର ୧୪ ପୂର୍ବାହ୍ନ ୯ଟାରେ ଲୋକ ସଭାରେ ଅଧିବେଶନ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସଭା ସେକ୍ରେଟାରିଏଟ୍ ପକ୍ଷରୁ ମଧ୍ୟ ଏକ ପୃଥକ୍ ବିବୃତି ଜାରି କରାଯାଇଛି। ସେପ୍ଟେମ୍ବର ୧୪ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ମୌସୁମୀ ଅଧିବେଶନ ଚଳାଇବା ପାଇଁ ପୂର୍ବରୁ ସଂସଦୀୟ ବ୍ୟାପାର କ୍ୟାବିନେଟ କମିଟି ସୁପାରିସ କରିଥିଲା। ସୂଚନାନୁସାରେ ଅଧିବେନଶରେ ମୋଟ ୧୮ଟି ଶିଟିଙ୍ଗ୍ ହେବ। ଛୁଟି କିମ୍ବା ସପ୍ତାହାନ୍ତ ରହିବ ନାହିଁ। କୋଭିଡ୍-୧୯ ମହାମାରୀ ଯୋଗୁ ଏହି ଅଧିବେଶନରେ ଅନେକ କିଛି ପ୍ରଥମଥର ପାଇଁ ହେବାକୁ ଯାଉଛି। ଏଥିଲାଗି ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ସମସ୍ତ ଏମ୍‌ପିଙ୍କ କୋଭିଡ୍ ଟେଷ୍ଟ କରାଯିବ, ଲୋକ ସଭା ଓ ରାଜ୍ୟ ସଭାରେ ସଦସ୍ୟଙ୍କ ବସିବା ପାଇଁ ଉଭୟ ଚାମ୍ବର ଓ ଗ୍ୟାଲେରିରେ ବ୍ୟବସ୍ଥା କରାଯିବ। ଫିଜିକାଲ ଡିଷ୍ଟାନ୍ସିଂକୁ ଗୁରୁତ୍ୱ ଦିଆଯିବ। ସୂଚନାଯୋଗ୍ୟ, ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବଜେଟ ଅଧିବେଶନକୁ ନିର୍ଦ୍ଧାରିତ ସମୟର ୧୨ ଦିନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୨୩ରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା।



### ଦେଶରେ ୪୩ ନିୟୁତ କୋଭିଡ୍ ଟେଷ୍ଟ

ନୂଆଦିଲ୍ଲୀ,୧।୯: ମହାମାରୀ କରୋନାର ପ୍ରକୋପ ବଢ଼ିବାରେ ଲାଗିଥିବାବେଳେ ଏପର୍ଯ୍ୟନ୍ତ ୪୩ .୩ ନିୟୁତ ଲୋକଙ୍କ କରୋନା ପରୀକ୍ଷା କରାଯାଇ ସାରିଲାଣି ବୋଲି ଆଇସିଏମ୍‌ଆର୍ ପକ୍ଷରୁ ଦର୍ଶାଯାଇଛି। ଗତ ୨ ସପ୍ତାହ ମଧ୍ୟରେ ଦେଶରେ ପାଖାପାଖି ୧୨ ନିୟୁତ ପରୀକ୍ଷା କରାଯାଇଛି। ଅଧିକରୁ ଅଧିକ ପରୀକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶରେ ସର୍ବାଧିକ କରୋନା ପରୀକ୍ଷା କରାଯାଇଛି। ଏଥିଲାଗି ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଭାରତରେ ମୋଟ ୩୭.୪୦ ଲକ୍ଷ କରୋନା ରୋଗୀ ଚିହ୍ନଟ ହୋଇଥିବାବେଳେ ୬୬ ହଜାର ୭୦ ଲୋକଙ୍କ ପ୍ରାଣହାନି ଘଟିଥିବା ପ୍ରକାଶ। ଯଦିଓ ୨୮.୭୮ ଲକ୍ଷ ରୋଗୀ ସୁସ୍ଥ ହୋଇ ଘରକୁ ଗଲେଣି, ତଥାପି ୭.୯୫ ଲକ୍ଷ ଆକ୍ଟିଭ୍ ମାମଲା ରହିଛି। ମଙ୍ଗଳବାର ପ୍ରାୟ ୭୦ ହଜାର ନୂଆ ମାମଲା ସାମ୍ନାକୁ ଆସିଛି।

### ବିହାରରେ କୌଣସି ଦଳ ସରକାର ଗଠନ କରିପାରିବନି: ସୁଶୀଲ ମୋଦି

ପାଟନା,୧।୯: ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ କୌଣସି ରାଜନୈତିକ ଦଳ ଏକାକୀ ଏଠାରେ ସରକାର ଗଠନ କରିପାରିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ତଥ ଭାଜପା ନେତା ସୁଶୀଲ ମୋଦି ମଙ୍ଗଳବାର କହିଛନ୍ତି। ତେଣୁ ମେଣ୍ଟ ହିଁ ଏକମାତ୍ର ମାର୍ଗ। ବିହାରରେ ଆର୍‌ଜେଡି ନେତୃତ୍ୱାଧୀନ ମହାମେଣ୍ଟ ଦମ୍ଭ ହରାଇଲାଣି। ଏନ୍‌ଡିଏ ବିରୋଧରେ ମହାମେଣ୍ଟ ସଫଳ ହୋଇପାରିବ ନାହିଁ ବୋଲି ସେ ମତ ଦେଇଛନ୍ତି। ୧୯୯୬ରୁ ଭାଜପା-ଜେଡିୟୁ ମେଣ୍ଟ ସଫଳତାର ସହ କାର୍ଯ୍ୟ କରିଆସୁଛି। ଏଥର ବି ନୀତୀଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏ କ୍ଷମତା ଦଖଲ କରିବ ବୋଲି ମୋଦି ଦୃଢ଼ତାର ସହ କହିଛନ୍ତି। ପ୍ରକାଶଥାଉ କି, ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୯ରେ ଶେଷ ହେଉଥିବାବେଳେ ଅକ୍ଟୋବର କିମ୍ବା ନଭେମ୍ବରରେ ନିର୍ବାଚନ କରାଯିବ।



# ରିଆଙ୍କ ବାପା-ମା' ଓ ଗୌରବଙ୍କୁ ଜେରା

ମୁମ୍ବାଇ,୧।୯

ବହୁଚର୍ଚ୍ଚିତ ସୁଶାନ୍ତ ସିଂ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଜାରି ରଖିଥିବା ବେଳେ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ମନିଲଣ୍ଡରିଂ ମାମଲାର ଖୋଳତାଡ କରିବା ଲାଗି ଗୋଆର ହୋଟେଲ ବ୍ୟବସାୟୀ ଗୌରବ ଆର୍ଯ୍ୟଙ୍କୁ ଦ୍ୱିତୀୟ ଦିନରେ ଜେରା କରାଯାଇଛି। ସୋମବାର ଗୌରବଙ୍କୁ ଏନେଇ ୮ ଘଣ୍ଟା ଜେରା କରାଯାଇଥିଲା। ୨୦୧୭ରେ ରିଆ ଚକ୍ରବର୍ତ୍ତୀଙ୍କ ମୋବାଇଲରୁ ତାଙ୍କ ପାଖକୁ ମେସେଜ୍ ପଠାଯିବା ଓ ଡ୍ରଗ୍ସ ସମ୍ପର୍କରେ ଆଲୋଚନା ହୋଇଥିବା ସନ୍ଦେହ କରାଯାଉଛି। ଇଡି ପକ୍ଷରୁ ଏହା ପରେ ରିଆଙ୍କୁ ମଧ୍ୟ ଜେରା କରାଯିବ ବୋଲି ଜଣାପଡ଼ିଛି। ଦୀର୍ଘ ୪ ଦିନ ଧରି ରିଆଙ୍କୁ ସିବିଆଇ ପକ୍ଷରୁ ୩୫ ଘଣ୍ଟା ଜେରା କରାଯାଇଥିଲା। ଅନ୍ୟପକ୍ଷରେ ରିଆଙ୍କ ବାପା-ମା'ଙ୍କୁ ମଙ୍ଗଳବାର ପ୍ରଥମ ଥର ଲାଗି ଡିଆର୍‌ଡିଓ କମ୍ପ୍ଲେକ୍ସରେ ସିବିଆଇ ପକ୍ଷରୁ ଜେରା କରାଯାଇଛି। ରିଆଙ୍କ ବାପା ଇନ୍ଦ୍ରଜିତ୍ ଚକ୍ରବର୍ତ୍ତୀ ଓ ମା' ସନ୍ଧ୍ୟା ଚକ୍ରବର୍ତ୍ତୀ ପୂର୍ବାହ୍ନ ୧୧ଟାରେ ପହଞ୍ଚିବା ପରେ ସେମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚରା ଯାଇଥିଲା।



ଇନ୍ଦ୍ରଜିତ୍ ଚକ୍ରବର୍ତ୍ତୀ



ଗୌରବ ଆର୍ଯ୍ୟ

### ମୁମ୍ବାଇର ବିଭିନ୍ନ ସ୍ଥାନରେ ଏନ୍‌ସିବିର ଚଢାଉ

ମୁମ୍ବାଇ,୧।୯: ବହୁଚର୍ଚ୍ଚିତ ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ପକ୍ଷରୁ ମଙ୍ଗଳବାର ମୁମ୍ବାଇର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ଡ୍ରଗ୍ସ ଯୋଗାଣକୁ ଭିତ୍ତିକରି ଏନ୍‌ସିବି ପକ୍ଷରୁ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ସନ୍ଦେହରେ ୨ ଜଣଙ୍କୁ ଅଟକ ରଖାଯାଇଛି। ଅଗଷ୍ଟ ୨୬ରେ ଏନ୍‌ସିବି ପକ୍ଷରୁ ରିଆ ଓ ତାଙ୍କ ଭାଇ ସୌଭିକ୍ ଓ ଗୌରବ ଆର୍ଯ୍ୟା, ଯାଲେଣ୍ଟ ମ୍ୟାନେଜର ଜୟା ଶାହାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା।

# ପାଣି ଖସୁନି, ଦୁର୍ଦ୍ଦଶା ବଢୁଛି

ଭୁବନେଶ୍ୱର,୧।୯(ବ୍ୟୁରୋ)

ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି। ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଏବଂ ଜଳକା ନଦୀରେ ଆଉ ବନ୍ୟା ବିପଦ ନାହିଁ। ତେବେ ବନ୍ୟା ଛାଡିବା ପରେ ମଧ ଦୁର୍ଦ୍ଦଶା କମିନାହିଁ। ଧାନଜମିରେ ପାଣି ବୁଡି ରହିଥିବା ବେଳେ ଏବେ ବି କେତେକ ଅଞ୍ଚଳରେ ବନ୍ୟାପାଣି ଜମି ରହିଛି। ଗତ ଦୁଇଦିନ ହେବ ମହାନଦୀ ଫୁଲି ରହିଛି। ମହାନଦୀରେ ଯଦିଓ ବନ୍ୟା ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ତେବେ ଧୀରେ ଧୀରେ ବନ୍ୟା ଜଳ ହ୍ରାସ ପାଇବାରେ ଲାଗିଛି। ଜଳ ସମ୍ପଦ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମହାନଦୀର ନରାଜ ଠାରେ ବିପଦ ସଙ୍କେତସ୍ତର ୨୬.୪୧ ମିଟର ଥିବା ବେଳେ ୨୬.୬୨ ମିଟର ଉପରେ ପ୍ରବାହିତ ହେଉଛି। ଉପରମୁଣ୍ଡରେ ବର୍ଷା ନାହିଁ। ହୀରାକୁଦ ଜଳ ଭଣ୍ଡାରକୁ ଜଳ ପ୍ରବେଶ କମିଥିବା ବେଳେ ଅଧିକ ବନ୍ୟାର ଆଶଙ୍କା ନାହିଁ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ହୀରାକୁଦ ଜଳଭଣ୍ଡାକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୬୬ ହଜାର ୬୬୩ କ୍ୟୁସେକ ଜଳ ପ୍ରବେଶ କରୁଛି। ୨୪ଟି ଗେଟ ଦେଇ ୪ ଲକ୍ଷ ୪ ହାଜର ୭୮୨ କ୍ୟୁସେକ ଜଳ ଛଡାଯାଉଛି। ଖଇରାମାଳ ୬ ଲକ୍ଷ ୬ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ବରମୂଳ ଠାରେ ୭ ଲକ୍ଷ ୩ ହଜାର ୭୫୦ ଏବଂ ମୁଣ୍ଡଳୀ ଠାରେ ୯ ଲକ୍ଷ ୨୫ ହଜାର ୯୪୨ କ୍ୟୁସେକ ଜଳ ପ୍ରବାହିତ ହେଉଛି। ପୂର୍ଣ୍ଣିମା ଥିବାରୁ ମହାନଦୀ ଓ ଏହାର ଶାଖା ନଦୀରୁ ଜଳ ଧୀରେ ଧୀରେ ହ୍ରାସ ପାଉଛି। ପାଣି ଛାଡିବାକୁ ଆହୁରି ଦୁଇରୁ ତିନି ଦିନ ଲାଗିବ ବୋଲି ଅନୁମାନ କରାଯାଇଛି।



ବନ୍ୟାଜଳ ଘେରରେ କଟକ ଜିଲା ବାଙ୍କୀ ଶୁଖୁଆଖଳା ଗ୍ରାମ।

## ସପ୍ତାହ ଯାଏ କାଁ ଭାଁ ବର୍ଷା

ଆସନ୍ତା ୭ ତାରିଖ ଯାଏ ରାଜ୍ୟରେ ବଡ ବର୍ଷା ନାହିଁ। କେଉଁଠି କେମିତି କାଁ ଭାଁ ଅସରାଏ କିମ୍ବା ଦି ଅସରା ବର୍ଷା ହେବାର ସମ୍ଭାବନା ରହିଛି। ପଶ୍ଚିମ ବଙ୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ , କେନ୍ଦୁଝର, ଦେବଗଡ, ସୁନ୍ଦରଗଡ, ଅନୁଗୋଳ ଏବଂ ବାଲେଶ୍ୱର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ ଯାଜପୁର ଭଦ୍ରକ, କେନ୍ଦ୍ରାପଡା, ଗଜପତି, ସମ୍ବଲପୁର, ବରଗଡ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ବାଲେଶ୍ୱରରେ ୨୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୧୪.୪, ଛତ୍ରପୁର ୧୩.୬ ଏବଂ କେନ୍ଦୁଝରରେ ୧.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## କରୋନା ସଂକ୍ରମଣ ସ୍ଥିତି

ମଙ୍ଗଳବାର ରାତି ୯ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୫୭,୩୩,୯୩୩ | ୮,୫୬,୫୮୪ | ୧,୮୦,୧୭,୧୧୬ |
| ଭାରତ | ୩୭,୩୩,୯୩୬ | ୬୫,୯୨୨ | ୨୮,୭୨,୭୧୪ |
| ଓଡ଼ିଶା | ୧,୦୬,୫୬୧ | ୫୦୩(+୫୩) | ୮୦,୭୬୦ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୬ ମାସ ପରେ ଖୋଲିଲା ସୂର୍ଯ୍ୟମନ୍ଦିର

କୋଣାର୍କ,୧।୯(ଡି.ଏନ୍.ଏ.)



ସୂର୍ଯ୍ୟମନ୍ଦିର ସମ୍ମୁଖରେ ଯାଞ୍ଚ ପାଇଁ ଜଗିଛନ୍ତି ସୁରକ୍ଷା କର୍ମୀ।

- କେବଳ ଅନ୍‌ଲାଇନ୍ ଟିକେଟଧାରୀଙ୍କୁ ପ୍ରବେଶ ସୁଯୋଗ
- ଫଟୋଗ୍ରାଫର, ଗାଇଡ୍, ବ୍ୟବସାୟୀଙ୍କୁ ବାରଣ
- ଏକକାଳୀନ ୧୦୦ ପର୍ଯ୍ୟଟକଙ୍କ ପ୍ରବେଶ

ମହାମାରୀ କରୋନା ଯୋଗୁ ଦୀର୍ଘ ୬ମାସ ଧରି ବନ୍ଦ ରହିଥିବା ବିଶ୍ୱ ଐତିହ୍ୟ କୋଣାର୍କର ସୂର୍ଯ୍ୟମନ୍ଦିର ମଙ୍ଗଳବାର ଖୋଲିଛି। ଏହା କେନ୍ଦ୍ର ସରକାରଙ୍କ ଅନଲକ ୪.୦ ଗାଇଡ୍‌ଲାଇନ ଅନୁଯାୟୀ ପର୍ଯ୍ୟଟକ ପରିଦର୍ଶନ ପାଇଁ ଖୋଲାଯାଇଛି। ସୂଚନା ଥାଉ କି, ଦେଶ ଓ ରାଜ୍ୟରେ କରୋନା ସଂକ୍ରମଣ ଧୀରେ ଧୀରେ ଉଗ୍ରରୂପ ନେଉଥିବାରୁ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ଓ କେନ୍ଦ୍ର ସରକାର ଏହି ଐତିହ୍ୟ ସ୍ଥଳକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଦୀର୍ଘଦିନ ଧରି ସୂର୍ଯ୍ୟମନ୍ଦିରକୁ ପାଥେୟ କରି ଜୀବନ ଜୀବିକା ନିର୍ବାହ କରୁଥିବା ଶତାଧିକ ଫଟୋଗ୍ରାଫର, ଗାଇଡ୍, ବ୍ୟବସାୟୀଙ୍କ ସମେତ ସୂର୍ଯ୍ୟମନ୍ଦିର ପାର୍ଶ୍ୱରେ ହସ୍ତଶିଳ୍ପ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କ ଜୀବିକା ଠପ୍ ହୋଇଯାଇଥିଲା।

ମାତ୍ର ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଅନ୍‌ଲକ ୪.୦ ଗାଇଡଲାଇନ ଅନୁଯାୟୀ ସୂର୍ଯ୍ୟମନ୍ଦିର ଖୋଲାଯାଇଥିବାବେଳେ ପ୍ରଥମ ଦିନରେ ଅନଲାଇନରେ ଟିକେଟ କାଟିଥିବା ୩୩ଜଣ ପର୍ଯ୍ୟଟକ ପରିଦର୍ଶନ କରିଥିବା ଏଏସ୍‌ଆଇ ଅଧିକାରୀ ନିରୋଜ କୁମାର ସିଂ ପ୍ରକାଶ କରିଛନ୍ତି। ମନ୍ଦିର ପ୍ରବେଶକୁ ନେଇ କେନ୍ଦ୍ର ସରକାର ଗାଇଡ୍‌ଲାଇନ ଜାରି କରିଥିବାବେଳେ କେବଳ ଅନ୍‌ଲାଇନ ଟିକେଟ ଦ୍ୱାରା ହିଁ ପର୍ଯ୍ୟଟକ ମନ୍ଦିର ପ୍ରବେଶ କରିପାରିବେ। ଏହାସହ ପର୍ଯ୍ୟଟକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା ବାଧ୍ୟତାମୂଳକ ଥିବାବେଳେ ଏକକାଳୀନ ୧୦୦ ପର୍ଯ୍ୟଟକଙ୍କୁ ପ୍ରବେଶ ଅନୁମତି ମିଳିବ। ସେହିପରି ସକାଳ ୮ଟାରୁ ଅପରାହ୍ନ ୧ଟା ଭିତରେ ସର୍ବାଧିକ ୧୫୦୦ ଓ ଅପରାହ୍ନ ୧ଟା ପରେ ୧ ହଜାର ପର୍ଯ୍ୟଟକଙ୍କୁ ସୂର୍ଯ୍ୟମନ୍ଦିର ପରିଦର୍ଶନ ପାଇଁ ସୁଯୋଗ ମିଳିବ ବୋଲି ମନ୍ଦିର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପଟେ ମନ୍ଦିର ମଧ୍ୟକୁ ଫଟୋଗ୍ରାଫର, ଗାଇଡ, ବ୍ୟବସାୟୀ ସମେତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରବେଶ ଉପରେ ଏଏସ୍‌ଆଇ କର୍ତ୍ତୃପକ୍ଷ କଟକଣା ଜାରି କରିଛନ୍ତି। ଫଳରେ ଜୀବିକା ହରାଇଥିବା ଫଟୋଗ୍ରାଫର, ଗାଇଡ ଓ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଜେଇଇ ମେନ୍ ଆରମ୍ଭ

ଭୁବନେଶ୍ୱର, ୧।୯(ବ୍ୟୁରୋ)- କରୋନା କଟକଣା ମଧ୍ୟରେ ମଙ୍ଗଳବାରଠାରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ) ମେନ୍ ଆରମ୍ଭ ହୋଇଛି। ଦେଶରେ ୯ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବାବେଳେ ଓଡ଼ିଶାର ୭ ସହରରେ ହୋଇଥିବା ୨୬ଟି ପରୀକ୍ଷା କେନ୍ଦ୍ରରେ ୩୮ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ପ୍ରଥମ ସିଟିଂ ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୧୨ଟାରେ ଶେଷ ହୋଇଥିଲା। ଦ୍ୱିତୀୟ ସିଟିଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ନିୟମାନୁସାରେ ପରୀକ୍ଷା ଆରମ୍ଭର ଦୁଇଘଣ୍ଟା ପୂର୍ବରୁ ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିବା ପୂର୍ବରୁ ଛାତ୍ରୀଛାତ୍ରଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ମାସ୍କ ଓ ସାନିଟାଇଜର ବାଧ୍ୟତାମୂଳକ କରାଯାଇଥିଲା। ଉଭୟ ସେଣ୍ଟର ବାହାରେ ଓ ଭିତରେ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଥିଲା।

ସେପଟେ ଏହିଭଳି ପରିସ୍ଥିତିରେ ପରୀକ୍ଷା ଦେଇପାରିଥିବାରୁ ଛାତ୍ରୀଛାତ୍ରମାନେ ଖୁସିବ୍ୟକ୍ତ କରିବା ସହ ନୂଆ ଅନୁଭୂତି ସାଉଣ୍ଟିଛନ୍ତି। ପ୍ରଥମଥର ପାଇଁ ସେମାନେ ମାସ୍କ ପିନ୍ଧି, ସାନିଟାଇଜର ବ୍ୟବହାର କରିବା ସହିତ ସାମାଜିକ ଦୂରତ୍ୱ ବଜାୟ ରଖି ପରୀକ୍ଷା ଦେଇଛନ୍ତି। ପରୀକ୍ଷା ସୁପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ବ୍ୟବସ୍ଥାକୁ ମଧ ଛାତ୍ରୀଛାତ୍ର ପ୍ରଶଂସା କରିଛନ୍ତି। ତେବେ ପରୀକ୍ଷା ପୂର୍ବରୁ ଯେପରି ଚିନ୍ତା ଥିଲା, ତାହା ଏବେ ଦୂର ହୋଇଯାଇଛି ବୋଲି ଅଧିକାଂଶ ଛାତ୍ରଛାତ୍ର କହିଛନ୍ତି। କରୋନା ମହାମାରୀ ଯୋଗୁ ଦୁଇଥର ପରୀକ୍ଷା ସ୍ଥଗିତ କରାଯାଇଥିଲା। ତେବେ ଶେଷରେ ପୂରା ନିୟମାବଳୀ ପାଳନ କରି ମଙ୍ଗଳବାରଠାରୁ ସାରା ଦେଶରେ ପରୀକ୍ଷା ଆରମ୍ଭ ହୋଇଛି। ଓଡ଼ିଶାରେ ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ଓ ଢେଙ୍କାନାଳ ସହରରେ ପରୀକ୍ଷା ହେଉଛି। ଭୁବନେଶ୍ୱରରେ ୬ଟି ପରୀକ୍ଷା କେନ୍ଦ୍ର ଥିବାବେଳେ କଟକରେ ୪ଟି, ବାଲେଶ୍ୱର ୫, ବ୍ରହ୍ମପୁର ୪, ସମ୍ବଲପୁର ୪, ଢେଙ୍କାନାଳ ୨, ରାଉରକେଲାରେ ଗୋଟିଏ ପରୀକ୍ଷା କେନ୍ଦ୍ର କରାଯାଇଛି। ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ରହଣି ପାଇଁ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଏହି ପରୀକ୍ଷା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ।




ଭୁବନେଶ୍ୱରସ୍ଥିତ ଏକ ଜେଇଇ ପରୀକ୍ଷା କେନ୍ଦ୍ରକୁ ଛାତ୍ରୀଛାତ୍ର ଯିବା ପୂର୍ବରୁ ସ୍କ୍ରିନିଂ କରାଯାଉଛି।

## ଗଞ୍ଜାମରୁ ଫେରିଲେ ୨ ଆଇଏଏସ୍ ଅଫିସର

- ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ
- ଖୋର୍ଦ୍ଧା ଜିଲାପାଳଙ୍କୁ କରୋନା ମୁକାବିଲାରେ ସହଯୋଗ କରିବେ

ଛତ୍ରପୁର,୧।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ କରୋନା ମୁକାବିଲା କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ୨ ଆଇଏଏସ୍ ଅଫିସରଙ୍କୁ ସ୍ୱତନ୍ତ୍ର ନିଯୁକ୍ତି ଦେଇଥିଲେ। ଆଇଏଏସ୍ ଅଫିସର ପାରୁଲ ପଟୱାରୀ ଛତ୍ରପୁର ସ୍ୱତନ୍ତ୍ର ଏଡ଼ିଏମ ଓ ବିଶାଲ ସିଂ ଭଞ୍ଜନଗର ସ୍ୱତନ୍ତ୍ର ଏଡିଏମ୍ ଭାବେ ଆସିଥିଲେ। ଉଭୟେ ମଙ୍ଗଳବାର ଗଞ୍ଜାମ ଜିଲାରୁ ଫେରିଛନ୍ତି। ସେମାନେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଖୋର୍ଦ୍ଧା ଜିଲାପାଳଙ୍କୁ କରୋନା ମୁକାବିଲାରେ ସହଯୋଗ କରିବେ। ଗଞ୍ଜାମରେ କରୋନା ମୁକାବିଲା କାର୍ଯ୍ୟରେ ସହାୟତା କରି ସେଥିରେ ସଫଳ ହୋଇଥିବାରୁ ଉଭୟଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ମୁଖ୍ୟ ଶାସନ ସଚିବ ଟୁଇଟ୍ କରି ଗଞ୍ଜାମରୁ ଫେରିବା ସମ୍ପର୍କରେ ସୂଚନା ଦେବା ସହ ୨ ଯୁବ ଆଇଏଏସ୍ ଅଫିସର ଗଞ୍ଜାମରେ କୋଭିଡ୍ ପରିଚାଳନାରେ ଭଲ କାମ କରିଥିବା କହିଛନ୍ତି। ଏହାକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରିଟୁଇଟ୍ କରିଛନ୍ତି।

## ୨ ବିଧାୟକଙ୍କୁ କରୋନା

ଭୁବନେଶ୍ୱର, ୧।୯(ବ୍ୟୁରୋ)





ବିଧାୟିକା ସୁନନ୍ଦା ଦାସ ଓ ବିଧାୟକ ସୁଶାନ୍ତ ରାଉତ

ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ଦୁଇଜଣ ବିଧାୟକ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଭୁବନେଶ୍ୱର ବିଜେଡି ଜିଲା ସଭାପତି ତଥା ବିଧାୟକ ସୁଶାନ୍ତ କୁମାର ରାଉତ କରୋନା ସଂକ୍ରମିତ ହୋଇଛନ୍ତି। ଏନେଇ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି, ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି। ଯେଉଁମାନେ କିଛିଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ଯଦି ଉଚିତ ମନେ କରନ୍ତି ତେବେ ନିଜର ଟେଷ୍ଟିଂ ସହିତ ଆଇସୋଲେଶନରେ ରଖିବାକୁ ଅନୁରୋଧ କରିଛନ୍ତି। ସୁଶାନ୍ତ ବର୍ତ୍ତମାନ ହୋମ୍ ଆଇସୋଲେଶନ୍‌ରେ ଅଛନ୍ତି। ଅନ୍ୟପଟେ ବରି ବିଧାୟିକା ସୁନନ୍ଦା ଦାସ ମଧ କରୋନା ଆକ୍ରାନ୍ତ ହୋଇଛନ୍ତି। ତାଙ୍କର କୌଣସି ଲକ୍ଷଣ ନାହିଁ। ହେଲେ ଟେଷ୍ଟିଂ କରିବା ପରେ ରିପୋର୍ଟ ପଜିଟିଭ ଆସିଛି। ଡାକ୍ତରଙ୍କ ପରାମର୍ଶକ୍ରମେ ସେ ନିଜକୁ ହୋମ୍ କ୍ୱାରାଣ୍ଟାଇନରେ ରଖିଛନ୍ତି। ସେ ସୁସ୍ଥ ଅଛନ୍ତି। ବିଗତ ଦିନରେ ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କୁ ସଙ୍ଗରୋଧରେ ରହିବାକୁ ଏବଂ କରୋନା ପରୀକ୍ଷା କରାଇ ନେବାକୁ ସେ ଟୁଇଟ୍ କରି ଅନୁରୋଧ କରିଛନ୍ତି।

## ଅଭିନେତା ଅଜିତ ଦାସଙ୍କୁ କରୋନା

ଭୁବନେଶ୍ୱର(ବ୍ୟୁରୋ),୧।୯: ବରିଷ୍ଠ ଓଡ଼ିଆ ସିନେ ଅଭିନେତା ତଥା ନାଟ୍ୟକାର ଅଜିତ ଦାସ କରୋନାରେ ଆକ୍ରାନ୍ତ ହୋଇଥିବା ତାଙ୍କ ପରିବାର ସୂତ୍ରରୁ ସୂଚନା ମିଳିଛି। ସୋମବାର ଦାସ କରୋନା ପରୀକ୍ଷା ପାଇଁ ସ୍ୱାବ୍ ନମୁନା ଦେଇଥିଲେ। ମଙ୍ଗଳବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ପରିବାର ପକ୍ଷରୁ କୁହାଯାଇଛି। ଏଥିସହ ତାଙ୍କ ସ୍ତ୍ରୀ ମାୟା ଦାସ ମଧ କରୋନାରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ୧୯୭୬ରେ ଓଡ଼ିଆ ଚଳଚ୍ଚିତ୍ର 'ସିନ୍ଦୁର ବିନ୍ଦୁ'ରୁ ଅଭିନୟ ଜୀବନ ଆରମ୍ଭ କରିଥିବା ଅଜିତ ଏକାଧିକ ଓଡ଼ିଆ ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଅଭିନୟ କରିଛନ୍ତି।

## ୮ ରୁଟ୍‌ରେ ସବୁଦିନ ଚାଲିବ 'ମୋ ବସ୍'

ଭୁବନେଶ୍ୱର, ୧।୯(ବ୍ୟୁରୋ): ଏଣିକି ସପ୍ତାହର ସବୁଦିନ 'ମୋ ବସ୍' ଚଳାଚଳ କରିବ। ଏନେଇ କ୍ରୁଟ୍ ତଥା ଓଏସ୍‌ଆର୍‌ଟିସି ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ମଙ୍ଗଳବାର ସୂଚନା ଦେଇଛନ୍ତି। ଅଧିକ

**ଆଜିଠାରୁ ୨୪ ରୁଟ୍‌ରେ ଓଏସ୍‌ଆର୍‌ଟିସି ବସ୍**

ଡିମାଣ୍ଡ ଥିବା ୮ଟି ଅଞ୍ଚଳର ଯଥା ରୁଟ୍ ନଂ.୧୧, ୧୬, ୧୮, ୨୦, ୨୩, ୨୪, ୨୫ ଓ ୩୩ରେ ମୋ ବସ୍ ଲୋକଙ୍କୁ ସବୁଦିନ ସେବା ଯୋଗାଇବ। ତେବେ କରୋନା ସଂକଟ ଲାଗି ରହିଥିବାରୁ ଏଥିପାଇଁ କିଛି କଡ଼ା ନିୟମ ମଧ ଲାଗୁ କରାଯାଇଛି। ଯାତ୍ରୀମାନେ ମାସ୍କ ପିନ୍ଧିବା ଜରୁରୀ। ଛିଡ଼ା ହୋଇ କେହି ଯାଇପାରିବେ ନାହିଁ। ସେହିପରି ଯାତ୍ରୀଙ୍କୁ ଭଡ଼ା ବାବଦକୁ ଡିଜିଟାଲ ପେମେଣ୍ଟ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ବୁଧବାରଠାରୁ ୨୪ଟି ରୁଟ୍‌ରେ ଓଏସ୍‌ଆର୍‌ଟିସି ବସ୍ ଚଳାଚଳ କରିବ ବୋଲି ବୋଥ୍ରା ସୂଚନା ଦେଇଛନ୍ତି। ଅନ୍‌ଲକ୍ ୪.୦ରେ ପ୍ରାୟତଃ କଟକଣା କୋହଳ କରାଯାଇଥିବାରୁ ବସ୍ ଚଳାଚଳ ସ୍ୱାଭାବିକ ରହିବ ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଆଶାବ୍ୟକ୍ତ କରିଛନ୍ତି।

# ଆପୋସ ସମାଧାନ କରି ଅଦାଲତଙ୍କୁ ଜଣାଅ

କଟକ ଅଫିସ,୧।୯

**ଘରୋଇ ସ୍କୁଲ ଫି' ବୃଦ୍ଧି ମାମଲା**

ରାଜ୍ୟରେ ବେସରକାରୀ ସ୍କୁଲ ଫି' ବୃଦ୍ଧି ପ୍ରସଙ୍ଗରେ ଆଗତ ମାମଲାର ମଙ୍ଗଳବାର ଶୁଣାଣି କରି ଆପୋସ ସମାଧାନ ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ହାଇକୋର୍ଟ କହିଛନ୍ତି। ଗଣଶିକ୍ଷା ସଚିବଙ୍କ ଅଧ୍ୟକ୍ଷତାରେ ଅଭିଭାବକ ମହାସଂଘ, ଶିକ୍ଷକ ଓ ବେସରକାରୀ ସ୍କୁଲ ପ୍ରତିନିଧିଙ୍କୁ ନେଇ ବୈଠକ କରି ଆପୋସ ସମାଧାନ କରିବାକୁ କୁହାଯାଇଛି। ବୈଠକରେ ଯାହା ବି ନିଷ୍ପତ୍ତି ନିଆଯିବ ସେ ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟରେ ଆସନ୍ତା ସପ୍ତାହରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ବେସରକାରୀ ସ୍କୁଲ ଫି' ବୃଦ୍ଧି ପ୍ରସଙ୍ଗରେ ଅଭିଭାବକ ମହାସଂଘ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ରାଜ୍ୟରେ କୋଭିଡ୍-୧୯ ଭଳି ମହାମାରୀ ସମୟରେ ଘରୋଇ ସ୍କୁଲ୍‌ଗୁଡ଼ିକରେ ଟ୍ୟୁଶନ ଫି' ଛାଡ଼ କରିବାକୁ ନିର୍ଦ୍ଦେଶ ଦେବାକୁ ଆବେଦନ କରାଯାଇଥିଲା। ଉକ୍ତ ଆବେଦନର ଶୁଣାଣି କରି ହାଇକୋର୍ଟ ଗଣଶିକ୍ଷା ସଚିବଙ୍କୁ ଏକ ବୈଠକ ଡକାଇ ଆପୋସ ବୁଝାମଣା ଭିତ୍ତିରେ ସମସ୍ୟାର ସମାଧାନ କରିବାକୁ କହିଛନ୍ତି। ବୈଠକରେ ଶିକ୍ଷକ ସଂଘର ସଦସ୍ୟ, ଘରୋଇ ସ୍କୁଲର ଅଧିକାରୀ ଏବଂ ଅଭିଭାବକ ମହାସଂଘର ପ୍ରତିନିଧି ଉପସ୍ଥିତ ରହି କେତେ ପରିମାଣର ଟ୍ୟୁଶନ ଫି' ଛାଡ଼ କରାଯାଇପାରିବ ସେନେଇ ସହମତି ଭିତ୍ତିରେ ଆଲୋଚନା କରିବାକୁ କୁହଯାଇଛି। ପୂର୍ବରୁ ସିବିଏସ୍‌ଇ, ଆଇସିଏସ୍‌ଇ ଏବଂ ରାଜ୍ୟ ସରକାର ପାଠ୍ୟକ୍ରମ କମାଇଛନ୍ତି। ସବୁ ସ୍ଥାନରେ ଅନ୍‌ଲାଇନ ପାଠପଢ଼ା ମଧ ବ୍ୟବସ୍ଥିତ ଢଙ୍ଗରେ କରାଯାଇପାରୁ ନାହିଁ। ତେଣୁ ସମସ୍ତ ବିଷୟକୁ ବିଚାର କରି ସମସ୍ୟାର ସମାଧାନ କରିବାକୁ ଅଦାଲତ କହିଛନ୍ତି ବୋଲି ଆବେଦନକାରୀଙ୍କ ଓକିଲ କହିଛନ୍ତି।

# ଆରମ୍ଭ ହେବ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ

ଭୁବନେଶ୍ୱର(ବ୍ୟୁରୋ),୧।୯

**'ଏକ ଜିଲା ଏକ ଉତ୍ପାଦ ଯୋଜନା'କୁ ଅନୁମତି**

- ଏମ୍‌ଏସ୍‌ଏମ୍‌ଇ ହେବ ନୋଡାଲ ବିଭାଗ
- ଲାଭବାନ ହେବେ ଚାଷୀ, ଏସ୍‌ଏସ୍‌ଜି, ଅଣସଂଗଠିତ ଉଦ୍ୟୋଗ
- ବ୍ରାଣ୍ଡିଂ, ବିପଣନକୁ ଗୁରୁତ୍ୱ
- ୩୦ ଜିଲାରେ ୩୦ ଖାଦ୍ୟ ପ୍ରକଳ୍ପ

କେନ୍ଦ୍ର ସରକାରଙ୍କ 'ଏକ ଜିଲା ଏକ ଉତ୍ପାଦ' ସ୍କିମ୍ ଅଧୀନରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଔପଚାରିକ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ କାର୍ଯ୍ୟକାରୀ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମତି ପ୍ରଦାନ କରିଛନ୍ତି। ଏଥିପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗକୁ ରାଜ୍ୟ ସରକାର ନୋଡାଲ ବିଭାଗ ଏବଂ ଶିଳ୍ପ ନିର୍ଦ୍ଦେଶକଙ୍କୁ ନୋଡାଲ ଅଧିକାରୀ ଭାବେ ମନୋନୀତ କରିଛନ୍ତି। ଯୋଜନାର ରୂପାୟନ ପାଇଁ ଆପିକଲକୁ ନୋଡାଲ୍ ସଂସ୍ଥା ଭାବେ ବଛାଯାଇଛି। ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣରେ ନିୟୋଜିତ ଥିବା ଅଣସଂଗଠିତ ଉଦ୍ୟୋଗ ତଥା କୃଷକ ଉତ୍ପାଦକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ସମବାୟ ସମୂହଗୁଡ଼ିକୁ ଏହି ସ୍କିମ୍ ବିଶେଷ ସହାୟକ ହେବ। 'ଏକ ଜିଲା ଏକ ଉତ୍ପାଦ' ଆଧାରରେ ଭାଲ୍ୟୁଚେନ୍‌କୁ ପ୍ରୋତ୍ସାହିତ କରି ସେମାନଙ୍କ ଆବଶ୍ୟକ ଭିତ୍ତିଭୂମିର ବିକାଶ, ବ୍ରାଣ୍ଡିଂ ଏବଂ ବିପଣନ ସହାୟତା, ଦକ୍ଷତା ବିକାଶ ତାଲିମ ପ୍ରଦାନ ଏବଂ ଏସବୁ ଉପରେ ଅଧିକ ଗବେଷଣା ଆଦି କାର୍ଯ୍ୟରେ ସାହାଯ୍ୟ କରାଯିବ। ସେହିଭଳି ଉଦ୍ୟୋଗଗୁଡ଼ିକୁ ସଫଳ ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ଆବଶ୍ୟକୀୟ ଦକ୍ଷତା ବିକାଶ ତାଲିମ ଦେବାକୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)କୁ ନୋଡାଲ ଏଜେନ୍ସି ଭାବେ ବଛାଯାଇଛି।

ଅନ୍ୟପକ୍ଷରେ କେତେକ ଯୋଗ୍ୟ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ଋଣ ଯୋଗାଣର ବ୍ୟବସ୍ଥା କରାଯିବା ସହ ମୂଳଧନ ଉପରେ ୩୫% ହିସାବରେ ସର୍ବାଧିକ ୧୦ଲକ୍ଷ ଟଙ୍କା ଯାଏ ରିହାତି ଦେବାର ବ୍ୟବସ୍ଥା କରାଯିବ। ଏପରିକି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ପ୍ରାରମ୍ଭିକ ପୁଞ୍ଜିଭାବେ ୪୦ହଜାର ଟଙ୍କା ଯୋଗାଇଦେବା ସହ ଗୋଟିକିଆ ଉଦ୍ୟୋଗକୁ ସର୍ବାଧିକ ୧୦ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ। ଏଥିପାଇଁ କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ପ୍ରଥମ କିସ୍ତିରେ ୨.୩୧ କୋଟି ଟଙ୍କା ପାଇଛି। ଏହି ସ୍କିମ୍‌ର ସୁଫଳ ଉଦ୍ୟୋଗୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ, ଶିଳ୍ପ ନିର୍ଦ୍ଦେଶକ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ, ଭାରତୀୟ କୃଷି ଗବେଷଣା ପରିଷଦର ବୈଜ୍ଞାନିକଙ୍କୁ ନେଇ କେଉଁ ଜିଲାରେ କେଉଁ ଉଦ୍ୟୋଗ କରାଯିବ ସେନେଇ ଚୂଡ଼ାନ୍ତ କରାଯାଇଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ଆଗୁଆ ପଦକ୍ଷେପ ଭାବେ ପ୍ରତି ଜିଲାକୁ ପ୍ରାରମ୍ଭିକ ରିହାତି ଭାବେ ୩୦ଲକ୍ଷ ଟଙ୍କା ପ୍ରଦାନ ପାଇଁ ଧାର୍ଯ୍ୟ କରିଛନ୍ତି। କେନ୍ଦ୍ର ସରକାରଙ୍କଠାରୁ ପ୍ରାପ୍ତ ଏହି ଅନୁଦାନକୁ କିଭଳି ସଫଳତାର ସହ ତ୍ୱରିତ ବିନିଯୋଗ କରାଯାଇ ପାରିବ ସେଥିପାଇଁ ସମସ୍ତ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏକ ଜିଲା ଏକ ଉତ୍ପାଦ ସ୍କିମ୍‌ରେ କେଉଁ ଜିଲାରେ କେଉଁ ଉଦ୍ୟୋଗ ପ୍ରକଳ୍ପ ରୂପାୟନ କରାଯିବ ତାହା ନିର୍ଦ୍ଧାରିତ ହୋଇଛି। ଆମ୍ବରୁ ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ପାଇଁ ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ, କେନ୍ଦୁଝର, ନବରଙ୍ଗପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲାକୁ ବଛା ଯାଇଥିବାବେଳେ ମତ୍ସ୍ୟଭିତ୍ତିକ ଉଦ୍ୟୋଗ ପାଇଁ ବାଲେଶ୍ୱର, ଭଦ୍ରକ ଓ ଗଞ୍ଜାମ, ବାଦାମ ତୈଳବୀଜ ଭିତ୍ତିକ ଉଦ୍ୟୋଗ ଲାଗି ବରଗଡ଼ ଓ ଯାଜପୁରକୁ ସ୍ଥିର କରାଯାଇଛି। ସେହିପରି କଦଳୀ ପ୍ରକ୍ରିୟାକରଣ ପାଇଁ ବଲାଙ୍ଗୀର ଓ କଳାହାଣ୍ଡି, ଦୁଗ୍ଧଭିତ୍ତିକ ଉଦ୍ୟୋଗ ଲାଗି କଟକ ଏବଂ ଜଗତ୍‌ସିଂହପୁର, କମଳା ଜାତୀୟ ଫଳ ପାଇଁ ଦେବଗଡ଼, ଲଙ୍କାଗୁଣ୍ଡ ମସଲା ପାଇଁ ଝାରସୁଗୁଡ଼ା ଓ ସମ୍ବଲପୁର, ହଳଦୀଗୁଣ୍ଡ ମସଲା ପାଇଁ କନ୍ଧମାଳ, ନଡ଼ିଆ ଜାତୀୟ ଉଦ୍ୟୋଗ ପାଇଁ କେନ୍ଦ୍ରାପଡ଼ା ଓ ପୁରୀ, ଅଦା ପ୍ରକ୍ରିୟାକରଣ ପାଇଁ କୋରାପୁଟ, ମିଲେଟ୍ ପାଇଁ ନୂଆପଡ଼ା ଓ ମାଲକାନଗିରି, ଛତୁ ପାଇଁ ଖୋର୍ଦ୍ଧା, ଆମ୍ବଭିତ୍ତିକ ମହୁ ପ୍ରକ୍ରିୟାକରଣ ପାଇଁ ମୟୂରଭଞ୍ଜ, ଆଖୁଭିତ୍ତିକ ଉଦ୍ୟୋଗ ପାଇଁ ନୟାଗଡ଼, ତେନ୍ତୁଳି ଉଦ୍ୟୋଗ ପାଇଁ ରାୟଗଡ଼ା ଓ ସପୁରି ପ୍ରକ୍ରିୟାକରଣ ନିମନ୍ତେ ଗଜପତି ଜିଲାକୁ ସ୍ଥିର କରାଯାଇଥିବା ଜଣାପଡ଼ିଛି।

**ଆଜିର ମନ୍ତବ୍ୟ**

"ବିହାରରେ କୌଣସି ଦଳ ଏକୁଟିଆ ସରକାର ଗଢ଼ିପାରିବ ନାହିଁ। ମେଣ୍ଟ ଏକ ବାସ୍ତବତା। – ସୁଶୀଲ ମୋଦି, ବିହାର ଉପମୁଖ୍ୟମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଚିଣ୍ଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅନ୍‌ଲାଇନରେ ହେବ ଶେଷ ସେମିଷ୍ଟର ପରୀକ୍ଷା

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

**୧୫ରୁ ୩୦ ତାରିଖ ମଧ୍ୟରେ ହେବ**

**୬ ତାରିଖ ସୁଦ୍ଧା ଫର୍ମ ପୂରଣ ପାଇଁ କୁଳପତିଙ୍କ ପରାମର୍ଶ**

**କଟକ ଅଫିସ,୧।୯**

ଚଳିତବର୍ଷ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସ୍ନାତକ ଏବଂ ସ୍ନାତକୋତ୍ତର ଶେଷ ସେମିଷ୍ଟର ପରୀକ୍ଷା (ରେଗୁଲାର ଓ ବ୍ୟାକ) ସେପ୍ଟେମ୍ବର ୧୫ରୁ ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏବର୍ଷ ପରୀକ୍ଷାକୁ ଅନ୍‌ଲାଇନରେ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସଂକ୍ରମଣ ବ୍ୟାପିବା ଆଶଙ୍କାକୁ ଦୃଷ୍ଟିରେ ରଖି ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଛାତ୍ରୀଛାତ୍ର ଘରେ ରହି ପରୀକ୍ଷା ଦେବେ। ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ଦିଆଯାଇଥିବା ପ୍ରଶ୍ନର ସମସ୍ତ ଉତ୍ତର ଦେବାକୁ ପଡ଼ିବ। ସମସ୍ତ ବିଭାଗର ମୁଖ୍ୟ ପରୀକ୍ଷା ପରିଚାଳନା କରିବେ। ଏହି ପରୀକ୍ଷା ଓପନ ବୁକ୍ ପଦ୍ଧତିରେ ହେବ। ଯାହାଦ୍ୱାରା ଛାତ୍ରୀଛାତ୍ର ନକଲ କରିପାରିବେ ନାହିଁ ବୋଲି ବିଶ୍ୱବିଦ୍ୟାଳୟର ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ସୁଦର୍ଶନ ମିଶ୍ର କହିଛନ୍ତି। ପରୀକ୍ଷା ଫି କିମ୍ବା ଫର୍ମଫିଲପ କରି ନ ଥିବା ଛାତ୍ରୀଛାତ୍ର ସେପ୍ଟେମ୍ବର ୬ ସୁଦ୍ଧା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଯେଉଁମାନେ ପରୀକ୍ଷା ଦେବାକୁ ଅସମର୍ଥ ହେବେ ସେମାନଙ୍କ ପାଇଁ କରୋନା ପରିସ୍ଥିତିରେ ସୁଧାର ଆସିବା ପରେ ସ୍ୱତନ୍ତ୍ର ପରୀକ୍ଷା ବ୍ୟବସ୍ଥା କରାଯିବ। ଏହି ପରୀକ୍ଷା ପେନ୍ ଆଣ୍ଡ ପେପର ମୋଡ୍‌ରେ ଡିସେମ୍ବରରେ ହେବ ବୋଲି ୟୁଜିସି ପକ୍ଷରୁ କୁହାଯାଇଛି। ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ବ୍ୟାକ ପେପର ପରୀକ୍ଷା କରାଯାଇ ଅକ୍ଟୋବର ୩୧ ସୁଦ୍ଧା ଫଳ ପ୍ରକାଶ ପାଇବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖିଲେ କଥା ନ କହେ**
**ନ ଦେଖିଲେ ପାଣି ନ ପିଏ।**

ଉପର ଠାଉରିଆ ଭଲ ପାଇବା। କେତେକଙ୍କ ମନରେ ପଛେ କିଛି ଥାଉ କି ନ ଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧା ଭାବ ଅଜାଡ଼ି ଦେଇଥାନ୍ତି। ଆଖି ଛଳ ଛଳ କରି ନିଜର ଭାବ ପଣିଆ ଜାହିର କରିବସିଥାନ୍ତି। ନ ଦେଖିଲେ ନ ଆସିଲେ ମନ ଊଣା, ମନ କଷ୍ଟ ପରନ୍ତୁ ଆସିଲେ ଆଡ଼ ଆଡ଼ ଭାବ। ସମ୍ପୂର୍ଣ୍ଣ ଆନ୍ତରିକତା ଭାବ ଅଛି ବୋଲି ଦେଖେଇ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିହ ଶୁଖିଯାଇ ମୁହଁ ସଳିତା**
**ଜୁଡାକୁ ଚିକ୍‌କଣ କରି ରଖିଥା।**

ଏପଟେ ନ ଖାଇ ନ ପିଇ ଦେହ ଶୁଖିଯାଇ କଳାକାଠ, ସେପଟେ ସୁନ୍ଦର ଦିଶିବା ପାଇଁ କେଶ ବିନ୍ୟାଶ ପ୍ରତି ଅଧିକ ଯତ୍ନଶୀଳ ଭାବ। କ୍ଷୀଣ ଶରୀରରେ ରୂପଚର୍ଯ୍ୟା ବ୍ୟର୍ଥ ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପ୍ରଥମ ପୃଷ୍ଠାରୁ...

### ୬୨୦ରୁ ଟପିବ...

ମାସରେ ଭାରତରେ ଚାଇନା ବିରୋଧୀ ମନୋଭାବ ବଢ଼ିଚାଲିଥିଲା। ଚାଇନା ସାମଗ୍ରୀ ବର୍ଜନ କରି ଏହାର ଅର୍ଥନୀତି ଉପରେ କଟକଣା ଲଗାଇବା ପାଇଁ ଭାରତ ଉଦ୍ୟମ କରିଛି। ଏହାସହ ଚାଇନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଆମେରିକାର ସହାୟତା ଲୋଡ଼ିଛି। ୱାଶିଂଟନ ଖୋଲାଖୋଲି ଭାବେ ନୂଆଦିଲ୍ଲୀକୁ ସମର୍ଥନ କରିବା ଫଳରେ ଭାରତ ଉତ୍ସାହିତ ହୋଇଯାଇଛି। ପାଙ୍ଗୋଙ୍ଗ ଲେକ୍‌ର ଯେଉଁ ସ୍ଥାନରେ ସଦ୍ୟ ବିବାଦ ହୋଇଛି ତାହା ଚାଇନା ନିୟନ୍ତ୍ରଣରେ ରହିଛି। ଭାରତ ଏହାକୁ ଏକ ନୂଆ ବିବାଦୀୟ ଅଞ୍ଚଳରେ ପରିଣତ କରିବାକୁ ଉଦ୍ୟମ ଚଳାଇଛି। ସମ୍ପୃକ୍ତ କ୍ଷେତ୍ରରେ ଭାରତ ସ୍ଥିରତା ବଜାୟ ରଖିବା ପରିବର୍ତ୍ତେ ସୀମା ବିବାଦରେ ଆକ୍ରମଣାତ୍ମକ ଭୂମିକା ନେଉଛି। ଭାରତ ବର୍ତ୍ତମାନ କେତେକ ଆଭ୍ୟନ୍ତରୀଣ ପ୍ରସଙ୍ଗକୁ ନେଇ ଘାଣ୍ଟି ହେଉଛି। ବିଶେଷକରି କରୋନା ଭାଇରସ୍ ସ୍ଥିତି ଭାରତରେ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ସେହିପରି ଭାରତର ଅର୍ଥନୀତି ଦୟନୀୟ ଅବସ୍ଥାରେ ପହଞ୍ଚିଛି। ଏହିସବୁ ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ହେଉଛି ସୀମାରେ ଉତ୍ତେଜନା ସୃଷ୍ଟି କରିବା ପଛର ଉଦ୍ଦେଶ୍ୟ, ଯାହାକି ବାହ୍ୟ ଦୃଷ୍ଟିରୁ ଏକ ଗୁଣ୍ଡା ବ୍ୟବହାର ଓ ଆଭ୍ୟନ୍ତରୀଣ ଭାବେ ରାଜନୈତିକ ମିଛ ଗପ। କିନ୍ତୁ ଏଠାରେ ମନେରଖିବାକୁ ପଡ଼ିବ ଯେ, ନୂଆଦିଲ୍ଲୀ ଶକ୍ତିଶାଳୀ ଚାଇନାକୁ ସାମ୍ନା କରୁଛି। ନିଜର ପ୍ରତ୍ୟେକ ଇଞ୍ଚ ଜମିକୁ ସୁରକ୍ଷା ଦେବାପାଇଁ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ପାଖରେ ପର୍ଯ୍ୟାପ୍ତ ବଳ ରହିଛି। ଚାଇନାର ଲୋକମାନେ ଭାରତ ସହ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ନ କରିବାକୁ ସରକାରଙ୍କୁ ସମର୍ଥନ କରିଛନ୍ତି। ଏହାର ଅର୍ଥ ନୁହେଁ ଯେ, ଚାଇନାର ଭୂଖଣ୍ଡକୁ ଭାରତ ଦଖଲ କରିବ। ଦକ୍ଷିଣ ପଶ୍ଚିମ ସୀମାରେ ଚାଇନା ରଣନୈତିକ ଭାବେ ଦୃଢ଼ ଓ କୌଣସି ପ୍ରକାର ସ୍ଥିତି ପାଇଁ ପ୍ରସ୍ତୁତ ରହିଛି। ଭାରତ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଚାହୁଁଥିଲେ ଚାଇନା ତାକୁ ସ୍ୱାଗତ କରିବ। ଭାରତ ଯଦି ପ୍ରତିଦ୍ୱନ୍ଦ୍ୱିତାମୂଳକ କାର୍ଯ୍ୟକଳାପରେ ଲିପ୍ତ ରହିବାକୁ ଚାହେଁ ତେବେ ଚାଇନା ପାଖରେ ଏହା ତୁଳନାରେ ଅଧିକ ସରଞ୍ଜାମ ଓ ଦକ୍ଷତା ରହିଛି। ଭାରତ ମିଲିଟାରି ଶଟ୍‌ଡାଉନ୍ ଚାହିଁଲେ ପିଏଲ୍ଏ ଏପରି କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ ହେବ, ଯଦ୍ୱାରା ଭାରତୀୟ ସେନାର କ୍ଷତି ୧୯୬୨ ଯୁଦ୍ଧଠାରୁ ବଳିଯିବ ବୋଲି ଗ୍ଲୋବାଲ୍ ଟାଇମ୍ସ ଚେତାବନୀ ଦେଇଛି।

### ଜମି ଗଲେ ଓୟୁଏଟି...

ଜଣାଇଥିଲେ। କୁଳାଧିପତି ମଧ୍ୟ ଏହାକୁ ଅତି ଗୁରୁତ୍ୱର ସହ ନେଇ ୨୦୨୦ ଜାନୁୟାରୀ ୮(ଚିଠିରେ ୨୦୨୦ ପରିବର୍ତ୍ତେ ୨୦୧୯ ଉଲ୍ଲେଖ ରହିଛି)ରେ ଓୟୁଏଟିକୁ ଉକ୍ତ ଜମି ଫେରାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଚିଠିରେ ଉଲ୍ଲେଖ ତାରିଖ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲେ ମଧ୍ୟ ପ୍ରସଙ୍ଗ ଅତ୍ୟନ୍ତ ଗମ୍ଭୀର ରହିଛି। ବିଶ୍ୱବିଦ୍ୟାଳୟ ଏବଂ ଛାତ୍ରୀଛାତ୍ରମାନଙ୍କର ହିତ ଦୃଷ୍ଟିରୁ ୨୧୩.୮୧ ଏକର ଜମିର ମାଲିକାନା ସ୍ୱତ୍ୱ ଓୟୁଏଟିକୁ ଫେରାଇ ଦେବାକୁ କୁଳାଧିପତି ଚିଠିରେ ଉଲ୍ଲେଖ କରିଛନ୍ତି। ହେଲେ ପ୍ରାୟ ୮ ମାସ ହେବ କୁଳାଧିପତି ଜମି ଫେରାଇ ଦେବାକୁ ଚିଠି ଲେଖିଲେ ମଧ୍ୟ ଏ ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ଉକ୍ତ ଜମିକୁ ଫେରାଇ ନ ଦେଲେ ବିଶ୍ୱବିଦ୍ୟାଳୟ କେବଳ ନାମକୁ ମାତ୍ର ହୋଇ ରହିଯିବ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା କରିଛନ୍ତି।

ଏ ସମ୍ପର୍କରେ ଓୟୁଏଟି କୁଳପତି ଅଗ୍ରୱାଲଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ନେଇ ରାଜ୍ୟପାଳଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ଏହା ଉପରେ ସେ ଆଉ କିଛି ଟିପ୍ପଣୀ ଦେଇପାରିବେ ନାହିଁ ବୋଲି କହିଛନ୍ତି। କୃଷି ଓ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗଙ୍କୁ ପଚାରିବାରୁ ସେ କହିଲେ ଯେ, ଜମି ହସ୍ତାନ୍ତର ବିଷୟରେ ମୁଁ କିଛି ଜାଣି ନାହିଁ। କ'ଣ ହୋଇଛି ଦେଖିବି। ତେବେ ଏ ବିଷୟରେ ସାଧାରଣ ପ୍ରଶାସନ ବିଭାଗକୁ ପଚାରିଲେ ଭଲ ହେବ ବୋଲି ସେ କହିଛନ୍ତି।

### ପୋଖରୀରେ ବୁଡ଼ି ୩...

ଥିବା ଅନ୍ୟ ୨ ନାବାଳିକା ତାଙ୍କୁ ଉଦ୍ଧାର କରିବାକୁ ପୋଖରୀରେ ପଶିଥିଲେ। ମାତ୍ର ଦୁର୍ଭାଗ୍ୟକୁ ୩ଜଣଯାକ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ଘରକୁ ନ ଫେରିବାରୁ ପରିବାର ଲୋକେ ପୋଖରୀରେ ଖୋଜାଖୋଜି କରି ପାଇ ନ ଥିଲେ। ମଙ୍ଗଳବାର ନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ ୩ ଜଣଙ୍କ ମୃତଦେହକୁ ସେଠାରୁ ଉଦ୍ଧାର କରିଛନ୍ତି। ଏନେଇ ନନ୍ଦପୁର ଥାନାରେ ୧୬/୨୦ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ କପିଳେଶ୍ୱର ବେହେରା କହିଛନ୍ତି। ଅନ୍ୟପକ୍ଷରେ ମୃତ ୩ ନାବାଳିକାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରେଡକ୍ରସ ପାଣ୍ଠିରୁ ୧୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଲେଖାଏ ଟଙ୍କା ପ୍ରଦାନ କରାଯାଇଛି।

### ବଜ୍ରପାତ ନେଲା...

ମୁଣ୍ଡା(୫୨) ଘାସ କାଟିବାକୁ ଯାଇଥିବାବେଳେ ଏବଂ ପଣ୍ଡୁଆ ଗ୍ରାମର ସନ୍ତୋଷ ପ୍ରଧାନଙ୍କ ୧୨ ବର୍ଷର ଝିଅ ଘର ବାହାରେ ଖେଳୁଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ପରିବାରଲୋକଙ୍କ ଦ୍ୱାରା ସମସ୍ତଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଗୋବରଘାଟା ଗ୍ରାମର କାର୍ତ୍ତିକ ମହାନ୍ତି (୩୫) ମଙ୍ଗଳବାର ପୂର୍ବାହ୍ନ ୧୦ ଟା ସମୟରେ ବଜ୍ରପାତରେ ପ୍ରାଣ ହରାଇଥିଲେ। କ୍ଷେତକୁ ଯାଉଥିବା ସମୟରେ ବଜ୍ରପାତରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ବି.କେ ଭଞ୍ଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଭୋଗରାଇ ଥାନା ଅଧୀନ କାଉବଣି ଗ୍ରାମରେ ମଧ୍ୟ ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆନନ୍ଦ ଦେଙ୍କ ସ୍ତ୍ରୀ ସାବିତ୍ରୀ(୫୯)। ଅପରାହ୍ନ ୧ଟା ବେଳେ ଗାଧୋଇସାରି ଘରକୁ ଫେରୁଥିବା ସେ ବଜ୍ରପାତର ଶିକାର ହୋଇଥିଲେ।

### ମୋରାଟୋରିୟମ ୨...

ପ୍ରଦାନ ନ କରିଲେ ମଧ୍ୟ କୌଣସି କଟକଣା ଲାଗିବ ନାହିଁ ବୋଲି କୁହାଯାଇଥିଲା। ହେଲେ ବ୍ୟାଙ୍କଗୁଡ଼ିକ ସୁଧ ଉପରେ ସୁଧ ନେଉଥିବାରୁ ଏହାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ପିଟିଶନ ଫାଇଲ କରାଯାଇଛି। ଏହିପ୍ରସଙ୍ଗ ଉପରେ ତର୍ଜମା କରିବା ଲାଗି ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ମୋରାଟୋରିୟମ ଅବଧିରେ କିସ୍ତି ବିଳମ୍ବରେ ପ୍ରଦାନ କଲେ ସୁଧ ଉପରେ ସୁଧ ଲାଗୁ କରାଯାଇ ପାରିବ ନାହିଁ ବୋଲି ନ୍ୟାୟାଳୟ କହିଥିଲେ।

### ୫୦୦ ଉପରେ...

ସୁନ୍ଦରଗଡ଼ ୫୬, କେନ୍ଦୁଝର ୫୦, ନବରଙ୍ଗପୁର ୪୬, ବାଲେଶ୍ୱର ୪୦, ମାଲକାନଗିରି ୩୨, ଗଜପତି ୨୯, ବଲାଙ୍ଗୀର ୨୪, କନ୍ଧମାଳ ଓ ସୁବର୍ଣ୍ଣପୁରରୁ ୨୨ଜଣ ଲେଖାଏ, ରାୟଗଡ଼ା ୧୩, ବୌଦ୍ଧ ୯, ଦେବଗଡ଼ରୁ ଜଣେ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୮,୩୯,୮୫୪ଟି କରୋନା ନମୁନା ପରୀକ୍ଷା ହୋଇଥିବାବେଳେ ଏଥିରୁ ୫.୭୯% ପଜିଟିଭ ଚିହ୍ନଟ ହୋଇଛି। ସେହିପରି ରାଜ୍ୟରୁ ଆଉ ୩୪୮୪ଜଣ ଆକ୍ରାନ୍ତ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆରୋଗ୍ୟ ସଂଖ୍ୟା ୮୦୭୭୦ ଛୁଇଁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆପଣଙ୍କୁ ପାରିବାରିକ ସୁଖ ସମୃଦ୍ଧି ସଙ୍ଗକୁ କର୍ମକ୍ଷେତ୍ରରେ ଆଶା ଅନୁଯାୟୀ ସୁଫଳ ପ୍ରଦାନ କରିବ। ଆଜିର ଯାତ୍ରା ସମୟରେ ଅପରିଚିତଙ୍କ ସହ କଳହ ଲାଗିଯିବାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ବୃଷ**
କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ନୂତନ ଯୋଜନାରମ୍ଭରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି।

**ମିଥୁନ**
କର୍ମକ୍ଷେତ୍ରରେ ସହମତି ଭିତ୍ତିରେ ଆଲୋଚନା କଲେ ଅବଶ୍ୟ କାମ ହେବାର ସମ୍ଭାବନା ସୃଷ୍ଟିହେବ। ଅଫିସ୍ କାମରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। କୌଣସି ବନ୍ଧୁ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ।

**କର୍କଟ**
ସହକର୍ମୀଙ୍କ ସହଯୋଗରେ କୌଣସି ବଡ କାମଟିଏ କରି ପାରିଥିବାରୁ ଆତ୍ମତୃପ୍ତି ଲାଭ କରିବେ। କିନ୍ତୁ ଆକସ୍ମିକ ଭାବରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ହୋଇପାରନ୍ତି। ଦୂରଯାତ୍ରା କାଳରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ।

**ସିଂହ**
କର୍ମକ୍ଷେତ୍ରରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି। ଜଣେ ବନ୍ଧୁଙ୍କ ସହ ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ମାଲିମକଦ୍ଦମାରେ ଆପୋଷ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**କନ୍ୟା**
କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇବା ସଙ୍ଗକୁ ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କିନ୍ତୁ ଘରେ ଅସାବଧାନତା ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ପରିବାରରେ ଅଶାନ୍ତି ଦୂର ହେବ, ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। ବାଣିଜ୍ୟ, ବ୍ୟବସାୟ ତଥା ବିବାଦୀୟ ଘଟଣାରେ ବିଜୟୀ ହେବେ।

**ତୁଳା**
ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କୌଣସି ମହିଳାଙ୍କ ଅନୁକମ୍ପାମୂଳକ ସାହାଯ୍ୟ ଦ୍ୱାରା ଉପକୃତ ହୋଇପାରନ୍ତି। ବନ୍ଧୁମାନେ ସହଯୋଗ କାରଣରୁ ଶତ୍ରୁମାନେ କିଛି କରିପାରିବେ ନାହିଁ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ବିଛା**
ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଏପରି କି ଆପଣ ଅଫିସ୍ କାମରେ, ପ୍ରଶାସନିକ ସ୍ତରରେ, ସଭାସମିତିରେ ତଥା ଶିଳ୍ପ, ବାଣିଜ୍ୟ, ମାନମାନାନ୍ତର ଦେଖା ଦେଇପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ଧନୁ**
ସକାଳୁ ସକାଳୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ନୂତନ ଅଫିସ୍ କାମରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ପାଖ, ପଡୋଶୀଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ, ଆଇନ ଅଦାଲତ କ୍ଷେତ୍ରରେ ସୁଫଳ ପାଇବେ।


**ମକର**
ବହୁତ ଦିନ ହେଲା ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ଆଜି ହାଲୁକା ଅନୁଭବ କରିବେ। ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସତର୍କତାର ସହ କାମ ନ କଲେ ଅସୁବିଧାରେ ପଡିପାରନ୍ତି। ବିଭିନ୍ନ ପ୍ରକାରର ପ୍ରତିବନ୍ଧକର ସମ୍ମୁଖୀନ ହୋଇ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ।

**କୁମ୍ଭ**
ଆଜି ନୂତନ କର୍ମାରମ୍ଭ ଯାନବାହନ ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନୋବଳ ବୃଦ୍ଧି ପାଇବ। ରାଜନୀତି, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ର ପାଇଁ ଦିନଟି ଭଲ।

**ମୀନ**
ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ସମସ୍ୟା ମଧ୍ୟରେ ଚଳିବା କାରଣକୁ ନେଇ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। ନିଜ ଲୋକମାନେ ଅସୁବିଧାରେ ପକାଇବା ସକାଶେ ଚେଷ୍ଟା କରିପାରନ୍ତି।

ଆଜି ଭାଦ୍ରବ ପୂର୍ଣ୍ଣିମା ଯୁକ୍ତ ଆଶ୍ୱିନ କୃଷ୍ଣ ପ୍ରତିପଦା ବୁଧବାର, ଭାଗବତ ଜନ୍ମ, ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦବନ୍ଦାପନା, ଇନ୍ଦ୍ରହାତୀପ୍ରସ୍ତାବ, ପିତୃପକ୍ଷ ଆରମ୍ଭ, ବୁଧିବାମନଓଷା ଶେଷପାଳି, ସେପ୍ଟେମ୍ବର ୨ ତାରିଖ, ବିଶ୍ୱ ନାରିକେଳ ଦିବସ, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ଦିବା ଘ.୦୫.୩୫ମି.ଗତେ ଘ.୦୭.୧୩ମି. ମଧ୍ୟେ, ଘ.୦୯.୪୨ମି. ଗତେ ଘ.୧୧.୨୧ମି.ମଧ୍ୟେ, ଘ.୦୩.୨୮ମି.ଗତେ ଘ.୦୫.୦୮ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୪୩ମି.ଗତେ ଘ.୦୯.୦୩ମି. ମଧ୍ୟେ, ରାତ୍ରି ଘ.୦୧.୪୨ମି. ଗତେ ଘ.୦୫.୩୫ମି.ମଧ୍ୟେ ଅମୃତବେଳା। ଦିବା ଘ.୦୧.୫୦ମି.ଗତେ ଘ.୦୩.୨୮ମି.ମଧ୍ୟେ, ରାତ୍ରି ଘ.୦୯.୦୩ମି. ଗତେ ଘ.୧୦.୩୬ମି.ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୪୬ମି.ଗତେ ଘ.୦୧.୧୯ମି.ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**




## BRIDE WANTED

Wanted brides of all castes for decent marriage proposals. 7978736177. D-68255

Gopal boy, M.Tech, 29yrs Central Govt. employee. Mob: 7978182741, 9437082409. D-18053

For M.Tech (IIT, Bombay) internship (Steinbeis University, Germany) qualified Commander in Indian Navy. Contact: +919438183860. D-18027

## GROOM WANTED

ଗୋଟିଏ ପୁତ୍ର ଥିବା 46ବୟସ୍କା Govt. Teacher divorcee ବ୍ରାହ୍ମଣ ଝିଅଙ୍କୁ any caste ପୁଅ ଦରକାର। 7381460016. D-67953

ଜାତି ବନ୍ଧନ ନାହିଁ, ବର ଆବଶ୍ୟକ। ବୟସ 43/ B.H.M.S., ମାସିକ ଆୟ 50000/- ନିମନ୍ତେ ଛାଡ଼ପତ୍ରପ୍ରାପ୍ତ, ବିଧୁର, ଅବିବାହିତ ମାନ୍ୟ। 6232250500. D-18069

Age-35 Government ଚାକିରି କରୁଥିବା ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ ପୁଅ ଦରକାର। Contact: 7077699296. D-18088




## SALE

**URGENT SALE: DLF Cybercity, An iconic Commercial building in a prestigious location of Bhubaneswar. International standard interior. 1225sqft, Cost 83L, Whatsapp 9437513333.** D-18091

ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଲାଭଳି ଘରବାରି **boundary plot ମିଳୁଅଛି। 8249728525, 9090142564.** D-69146

କଟଣୀ ଅରଗୁଳ ଷ୍ଟେଶନ ପାଖରେ **scheduledcaste conversion boundary plot pitchuroad side 5000sqft. 12,50,000/-, 9439006524.** D-69149

ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ **NH16**କୁ ଲାଗି **30ft mainroad** ଓ **25ft subroad** ଥାଇ **BDA** ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ **Electricity,** ପାଚେରିସହ ମିଳୁଅଛି। **9090963952.** D-69141

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151

ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ **1,2,3BHK Simplex/ Duplex** ଅଛି। **8327785834, 9658122456.** D-69153

**Bhubaneswar Engineering College (BEC), Backside Govt.** ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। **8338932027.** D-69150

**Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081.** D-69142

Booking open 3BHK Duplex within gated community near ITER College, Bhubaneswar. Contact: 9861616986. D-67563

**2500sqft. boundarywall with borewel NH-5 Pahal, 4BHK flat at Vipulgarden, Bhubaneswar. 9437110746.** D-69152

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Booking open for 3BHK luxurious & premimum flat at Surya Nagar, Bhubaneswar, genuine buyer Contact: DEEPAK- 9937329999.** D-69907

## PURCHASE

ଭୁବନେଶ୍ୱରରେ ଘର କରିବା ପାଇଁ ପାଚେରି ହୋଇଥିବା ପ୍ଲଟ୍ ଦରକାର। Land owner Contact: 9439493164. D-69157




**3 BHK Puja Parkings 1700 SFT Independent Groundfloor Mahavir Nagar, Cuttack Road, Guesthouse/ Office. 8847882402, 8763862809.** D-18090

Ground floor, 2BHK 1500sqft. near Siripur Chhak, Bhubaneswar. 9853342358. D-68365

Rent for constructed building Plot Area - 35,000, Length - 2050, Breadth - 1850, Facing - North East, Hi-Tech chhak left side 6 K.M. Barimund, Ph.: 9938125254. D-18045




Monika massage centre: Get body massage with smart lady therapist, room service provide here 8235379277. D-18094

Relaxing body massage by Lady/ Gents therapists - 7008773793. D-60888

Newly open full body massage by Lady/ Gents therapists - 8018656899. D-60887

Thailand Unisex Massage Refreshments Rejuvenation. 9853999966, 9123319079, 7750073898, 9853999966, Homeservices 9853999966@gmail.com. D-18047

Herbal full body massage by smart/expert therapist. Contact: 8338067247. D-69729

Newly open SPA centre smart therapist body massage, Bamikhal. 7205187702. D-59957

Newly open SPA centre smart therapist body massage, Rasulgarh. 7846814019. D-59958

Newly open full body massage SPA in Bhubaneswar. Contact: 7205058838. D-69731

Swarna SPA newly open positively health benefits with expert therapist. 7873794731. D-69734

Get refreshment body massage by expert therapist contact for. 9556978408. D-69733

## AFFIDAVIT

Through an affidavit, I Rabindra Pradhan, S/o late.Sanga Pradhan Village- Budanpipali, P.o- Bhramarabadi, P.s- Daringabadi, Dist- Kandhamal, State- Odisha, declare that my son's actual and correct name is Ranveer Pradhan which is mentioned his all documents,that I am working in army in the Rank-L/Nk, bearing Army.No.4289498A, that due to mistake in my service record my son's name has been wrongly written as Agnimitra Pradhan, in place of Ranveer Pradhan, that Ranveer Pradhan & Agnimitra Pradhan is one and same person. D-18092

## ସଂକ୍ଷେପରେ

### କେନାଲରେ ବୁଡ଼ି ମହିଳା ମୃତ

ତିହିଡ଼ି,୧।୯(ସ୍ୱ.ପ୍ର.): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ କୁବେରା ପଞ୍ଚାୟତ ସାମଲସାହିର ଜଣେ ମହିଳା ମଙ୍ଗଳବାର କେନାଲରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ ହରିହର ସାମଲଙ୍କ ସ୍ତ୍ରୀ ସୁଲୋଚନା(୪୭)। ସୂଚନା ଅନୁଯାୟୀ, ସୁଲୋଚନା ସକାଳେ ନିକଟସ୍ଥ ହନୁମାନ ମନ୍ଦିରରେ ପୂଜା କରିବା ପାଇଁ ଠାକୁରଙ୍କ ବାସନ କୁସନ ଆଣି କେନାଲରେ ସଫା କରୁଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ସେ ଭାସି ଯାଇଥିଲେ। ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ଭଦ୍ରକ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତିହିଡ଼ି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

### ଦୋକାନ ଆଗରୁ ବାଇକ ଚୋରି

ସିମୁଳିଆ,୧।୯(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣାରେ ଲଗାତର ଚୋରି ବୃଦ୍ଧି ପାଇଛି । ମଙ୍ଗଳବାର ମଧ୍ୟାହ୍ନରେ ମାର୍କୋଣା ଛକର ପରିବା ଦୋକାନୀ ଶଶୀକାନ୍ତ ପଣ୍ଡାଙ୍କ ଆପାଚୀ ମୋଟରସାଇକେଲକୁ ଦୁର୍ବୃତ୍ତ ମାନେ ତାଙ୍କ ଦୋକାନ ଆଗରୁ ଚୋରି କରିନେଇଯାଇଛନ୍ତି । ଶଶୀକାନ୍ତଙ୍କ ଅନ୍ୟମନସ୍କର ସୁଯୋଗ ନେଇ ଏହି ଚୋରି ହୋଇଛି । ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଦିନ ଦ୍ୱିପ୍ରହରେ ବଜାରରୁ ଚୋରି ହେବା ଘଟଣା ଜନ ସାଧାରଣଙ୍କ ମଧ୍ୟରେ ଶଙ୍କା ସୃଷ୍ଟି କରିଛି । ଗତ ଶୁକ୍ରବାର ଥାନାଠାରୁ ୫୦ମିଟର ଦୂରରେ ପ୍ରତିଷ୍ଠିତ ବଜାରସାହି ପ୍ରାଥମିକ ବିଦ୍ୟାଳୟର ତାଲାଭାଙ୍ଗି ବିଭିନ୍ନ ରେକର୍ଡପତ୍ର ଫିଙ୍ଗିବା ସହିତ ନିକଟରେ ଥିବା ବିଭିନ୍ନ ୪ଟି ଦୋକାନରୁ ବିଭିନ୍ନ ସରଞ୍ଜାମ ସହିତ ଟଙ୍କା ଚୋରୀ ହୋଇଥିଲା। ଏହିଭଳି ଲଗାତର ଚୋରୀ ହେଉଥିଲେହେଁ ପୋଲିସ ଏଯାଏ କାହରିକୁ ଗିରଫ କରିପାରିନି।

### ହାଇୱା ଚୋରି

ବଡବିଲ, ୧।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ପିଏଚଡି ଅଞ୍ଚଳରୁ ଏକ ହାଇୱା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଟ୍ରକରେ ଲାଗିଥିବା ଜିପିଏସକୁ ଦୁର୍ବୃତ୍ତମାନେ ଖୋଲି ଫୋପାଡି ଦେଇଥିବାବେଳେ ଟ୍ରକଟିର ସନ୍ଧାନ ମିଳିପାରିନାହିଁ। ତେବେ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ଟ୍ରକର ଚାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

### ପିଲେଟ ପ୍ଲାଣ୍ଟରେ ଦୁର୍ଘଟଣା, ଜଣେ ଗୁରୁତର

ବଡବିଲ, ୧।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଏକ ପିଲେଟ ପ୍ଲାଣ୍ଟରେ ଦୁର୍ଘଟଣା ଘଟି ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ଗୁରୁତର ଶ୍ରମିକ ହେଲେ ଜଗଦିଶ ରାଉତ। ମିଳିଥିବା ସୂଚନା ଅନୁଯାୟୀ, ପ୍ଲାଣ୍ଟର ଅଏଲ ଫର୍ଣ୍ଣେସ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ହାଇଡ୍ରୋ ଏୟାର ଟେଷ୍ଟିଂ ଚାଲିଥିଲା। ହଠାତ ଅଏଲ ଟ୍ୟାଙ୍କ ଲିକ୍ ହୋଇ ପ୍ରଚଣ୍ଡ ଶବ୍ଦ ହେବାରୁ କାର୍ଯ୍ୟରତ ଶ୍ରମିକ ଜଗଦିଶ ପ୍ରାୟ ୩୦ ଫୁଟ ତଳକୁ ଖସିପଡିଥିଲେ। ସୌଭାଗ୍ୟବଶତଃ ଜଗଦିଶ ମାଟି ଉପରେ ପଡିବାରୁ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେହେଁ ଗୁରୁତର ହୋଇଛନ୍ତି। ତାଙ୍କୁ ତୁରନ୍ତ କମ୍ପାନୀ ପକ୍ଷରୁ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଯାଇଛି।



ଉପରଅସ୍ତକ ଗାଁରେ ବୈତରଣୀ ନଦୀବନ୍ଧ ଅତଡ଼ା ଧସି ଏକ ନଡ଼ିଆ ଗଛ ନଦୀ ଗର୍ଭକୁ ଚାଲିଯାଇଛି।



ରାମେଶ୍ୱରପୁରଠାରେ ଧସିଥିବା ଗେଙ୍ଗୁଟି ନଦୀବନ୍ଧ।

# ଧସିଲା ଗେଙ୍ଗୁଟି, ବୈତରଣୀ ନଦୀବନ୍ଧ

ଭଦ୍ରକ ଅଫିସ/ ଧାମନଗର,୧।୯(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ମଲିକସାହି ନିକଟରେ ଗେଙ୍ଗୁଟି ନଦୀର ବନ୍ଧ ପୁଣି ନଦୀ ଗର୍ଭକୁ ଧସିଯାଇଛି। ଏଠାରେ ନଦୀ ବନ୍ଧର ବିଭିନ୍ନ ସ୍ଥାନରେ ଫାଟ ଦେଖିବାକୁ ମିଳିଛି। କିଛିଦିନ ପୂର୍ବରୁ ସମାନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିଲା। ଲଗାଣ ବର୍ଷାରେ ପଥର ପ୍ୟାକିଙ୍ଗ ମଧ୍ୟ ଧସିଥିଲା। ପରେ ପ୍ରବଳ ବନ୍ୟା ଜଳ ଗେଙ୍ଗୁଟିରେ ପ୍ରବାହିତ ହେବା ବେଳେ ଫାଟର ଗଭୀରତା ବଢ଼ିଥିଲା। ନଦୀରେ ଜଳସ୍ତର କମିବା ପରେ ପୁଣି ଧସିଛି। ନଦୀବନ୍ଧ ବନ୍ଧର ତଳିଆ ଅଞ୍ଚଳର ମାଟି ଧୋଇ ଯାଇଥିବାରୁ ପ୍ରାୟ ୫୦ ଫୁଟ ବନ୍ଧ ଧସିଛି। ବାରମ୍ବାର ଏଭଳି ଘଟୁଥିବାରୁ ସ୍ଥାନୀୟ ଲୋକମାନେ ଆତଙ୍କିତ ହୋଇ ପଡ଼ିଛନ୍ତି।

ସେହିପରି ଏହି ବ୍ଲକ ହସନାବାଦ ପଞ୍ଚାୟତ ଅଧୀନ ଉପରଅସ୍ତକ ଗ୍ରାମ ଗୋପବନ୍ଧୁନଗର ପୋଷ୍ଟ ଅଫିସ ନିକଟରେ ବୈତରଣୀ ନଦୀ ବନ୍ଧର ପ୍ରାୟ ୩୦ ଫୁଟ ଅତଡ଼ା ଧସି ଯାଇଛି। ଫଳରେ ସେଠାରେ ଥିବା ଧରଣୀଧର ଜେନାଙ୍କ ବଗିଚା ନଦୀରେ ଲୀନ ହୋଇଛି। ଏକ ନଡ଼ିଆ ଗଛ ନଦୀ ମଧ୍ୟକୁ ଚାଲିଯାଇ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ନଦୀ ବନ୍ଧ ଧସି ଥିବା ସ୍ଥାନର ଉପର ଓ ତଳ ମୁଣ୍ଡରେ ପଥର ପ୍ୟାକିଂ କରାଯାଇଛି। କିନ୍ତୁ ଉକ୍ତ ସ୍ଥାନରେ ପଥର ପ୍ୟାକିଂ ନ କରିବାରୁ ନଦୀ ପଠାରେ ଥିବା ପ୍ରାୟ ୧୫ ପରିବାରର ବାସଗୃହ,ଗୁହାଳ ଏବଂ ବାଡ଼ିବଗିଚା ନଦୀ ଗର୍ଭରେ ଲୀନ ହେବା ଆଶଙ୍କା ପ୍ରକାଶ ପାଇଛି। ଫଳରେ ଉକ୍ତ ପରିବାରଗୁଡ଼ିକ ଭୟଭୀତ ଅବସ୍ଥାରେ ରହିଛନ୍ତି।

## ସ୍ଥାୟୀ ପୋଲ ଦାବିରେ ପ୍ରଶାସନର ଦ୍ୱାରସ୍ଥ

ଢେଙ୍କାନାଳ ଅଫିସ,୧।୯

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇଶିଆଁ ପଞ୍ଚାୟତର କଙ୍କା ଗ୍ରାମବାସୀ ଚଳିତ ବନ୍ୟାରେ ଜଳ ବନ୍ଦୀ ହୋଇପଡ଼ିଛନ୍ତି। ବ୍ରାହ୍ମଣୀ ଓ ଗ୍ରାମ ନିକଟରେ ପ୍ରବାହିତ ଏହାର ଶାଖା ନଦୀରେ ବନ୍ୟା ଆସିଥିବାରୁ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ପ୍ରତିଥର ବନ୍ୟାରେ ସେମାନେ ଏପରି ଅବସ୍ଥା ଭୋଗୁଛନ୍ତି। ଲଗାଣ ବର୍ଷା ହେଲେ ବି ଗ୍ରାମବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ତେଣୁ ବ୍ରାହ୍ମଣୀର ଉକ୍ତ ଶାଖା ନଦୀ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବା ପାଇଁ ସୋମବାର ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ସେମାନେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି।

ଦାବିପତ୍ରରେ ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ବ୍ରାହ୍ମଣୀ ଏବଂ ଏହାର ଶାଖା ନଦୀରେ ବନ୍ୟା ଆସିଲେ ଗ୍ରାମର ପ୍ରାୟ ୬ଶହ ଲୋକ ୪ମାସ ଜଳବନ୍ଦୀ ହୋଇ ରୁହନ୍ତି। ଜରୁରୀ ସେବା ମଧ୍ୟ ଗ୍ରାମରେ ପହଞ୍ଚି ପାରେନାହିଁ। କଙ୍କା ଗ୍ରାମରୁ ବାଇଶିଆଁ ପଞ୍ଚାୟତକୁ ଯାଇଥିବା ମୁଖ୍ୟ ରାସ୍ତା ଉପରେ ଘାଇ ସୃଷ୍ଟି ହୋଇ ୧୫ ଫୁଟରୁ ଅଧିକ ଜଳ ପ୍ରବାହିତ ହୁଏ। ଗତ ୨୮ ତାରିଖରେ ଶାଖା ନଦୀରେ ବନ୍ୟାଜଳ ଆସିବା ସହ ମୁଖ୍ୟ ରାସ୍ତାରେ ଘାଇ ସୃଷ୍ଟି ହୋଇଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟା ସମସ୍ୟା ବ୍ୟତୀତ ଗ୍ରାମରେ ଥିବା ସ୍କୁଲକୁ କିଛି ବର୍ଷ ତଳୁ ବନ୍ଦ କରିଦିଆଯାଇଥିବାରୁ ପିଲାଙ୍କ ପାଠ ପଢ଼ିବାରେ ଅସୁବିଧା ହେଉଛି। ତେଣୁ ପୋଲ ନିର୍ମାଣ ସହ ଗ୍ରାମରେ ବନ୍ଦ ପଡ଼ିଥିବା ସ୍କୁଲକୁ ଚାଲୁ କରିବାକୁ ଗ୍ରାମ ସଭାପତି ମେଘନାଦ ବଳିଆରସିଂ, ସୁଧାକର ମାନମାନସିଂ, ସୁଶାନ୍ତ ମହାମାନସିଂ, ନରେଶଚନ୍ଦ୍ର ମହାମାନସିଂ, ବଳଭଦ୍ର ମହାମାନସିଂ, ସର୍ବେଶ୍ୱର ସାହୁ ଓ ଦୀପକ କୁମାର ପରିଡା ପ୍ରମୁଖ ଦାବି କରିଛନ୍ତି।



ବନ୍ୟାପରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି।

## ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

ଯୋଡ଼ା,୧।୯(ଡି.ଏନ.ଏ)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜରିବାହାଲ ନାଳରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ପୂର୍ଣ୍ଣିମା ଲୋହାର। ଗତ ୪ ଦିନ ହେଲା ସେ ଘରୁ ନିଖୋଜ ଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୦) ରୁଜୁ ହୋଇଛି।

WANTED
Enthusiastic Supervisors
CNC Jalli Operator (Jalli Cutter)
for a reputed Interior Designing Company based in Bhubaneswar with at least 2 years experience in the same field. Please send resume to
rajdeep321@yahoo.com
or WhatsApp 9438297787

## ଆଦିତ୍ୟ ମୃତ୍ୟୁ ପଛରେ 'ସାଇକୋ ଲେଡ଼ି'

ଭୁବନେଶ୍ୱର, ୧।୯(ସ୍ୱ. ପ୍ର.)

ମାନବପ୍ରେମୀ ଆଦିତ୍ୟ ମୃତ୍ୟୁ ମାମଲାରେ ପଦାକୁ ଆସିଛି ନୂଆ ଟୁଇଷ୍ଟ। ମୃତ୍ୟୁ ପଛରେ ଜଣେ ସାଇକୋ ଲେଡିଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି। ଆଦିତ୍ୟଙ୍କ ବାପା ନନ୍ଦକିଶୋର ଦାଶ ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି। ଏହି ଲେଡି ଜଣକ ଆଦିତ୍ୟଙ୍କୁ ବିବାହ ପୂର୍ବରୁ ବାରମ୍ବାର ବ୍ଲାକ୍‌ମେଲ୍ କରୁଥିଲେ। ସେ ତାଙ୍କୁ ଏକ ତରଫା ପ୍ରେମ କରିବା ସହ ବିବାହ ପାଇଁ ଚାହୁଁଥିଲେ। କିନ୍ତୁ ଆଦିତ୍ୟ ଏହାକୁ ଏଡାଇ ଯାଉଥିବାରୁ କବ୍‌ଜା କରିବା ପାଇଁ ସବୁପ୍ରକାର କୌଶଳ ଆପଣାଉଥିଲେ। ତେଣୁ ପୁଅଙ୍କ ମୃତ୍ୟୁ ପଛରେ ସମ୍ପୃକ୍ତ ସାଇକୋ ଲେଡିର ହାତ ଥିବା ଓ ସେ ହିଁ ହତ୍ୟା କରିଥାଇପାରନ୍ତି ବୋଲି ଆଦିତ୍ୟଙ୍କ ବାପା କହିଛନ୍ତି। ତେବେ ଉକ୍ତ ମହିଳାଙ୍କ ବିଷୟରେ ଆଦିତ୍ୟଙ୍କ ପରିବାର କ୍ରାଇମ୍‌ବ୍ରାଞ୍ଚର ତଦନ୍ତକାରୀ ଅଧିକାରୀଙ୍କୁ ସମସ୍ତ ତଥ୍ୟ ଦେଇଛନ୍ତି। ଗଣମାଧ୍ୟମକୁ ଆଦିତ୍ୟଙ୍କ ବାପା ଏସମ୍ପର୍କରେ ସୂଚନାଦେବାବେଳେ କହିଛନ୍ତି, ସେ ଉକ୍ତ ମହିଳାଙ୍କୁ ଫେସ୍ ଟୁ ଫେସ୍ ଦେଖି ନାହାନ୍ତି। ସେ ଗୁଜରାଟରେ ଥିବାବେଳେ ତାଙ୍କ ଫଟୋ ଦେଖିଥିଲେ। କିନ୍ତୁ ଆଦିତ୍ୟଙ୍କ ବିବାହ ପରେ ସେ ସେଭଳି କିଛି ହଇରାଣ କରି ନ ଥିବା କହିଛନ୍ତି। କିନ୍ତୁ ଉକ୍ତ ମହିଳା ଜଣଙ୍କ କାହିଁକି ବ୍ଲାକ୍‌ମେଲ କରୁଥିଲେ, କ୍ରାଇମ୍‌ବ୍ରାଞ୍ଚ ତାହାକୁ ଗୁରୁତ୍ୱର ସହ ନେଇ ତଦନ୍ତ କଲେ ରହସ୍ୟ ଉପରୁ ପରଦା ହଟିବ ବୋଲି ଆଦିତ୍ୟଙ୍କ ବାପା କହିଛନ୍ତି। ଅନ୍ୟପକ୍ଷରେ କ୍ରାଇମ୍‌ବ୍ରାଞ୍ଚ ଆଦିତ୍ୟଙ୍କ ବାପାଙ୍କଠାରୁ ଉକ୍ତ ସାଇକୋ ଲେଡି ବିଷୟରେ ସମସ୍ତ ତଥ୍ୟ ନେବାସହ ତଦନ୍ତ ପରିସରଭୁକ୍ତ କରିଛି। ଖୁବ୍‌ଶୀଘ୍ର ଏ ନେଇ ଉକ୍ତ ମହିଳାଙ୍କୁ ନୋଟିସ୍ କରିବ। ମୃତ୍ୟୁ ପଛରେ ତାଙ୍କର ହାତ ରହିଛି କି ନାହିଁ ତାହା ତଦନ୍ତ ପରେ ସ୍ପଷ୍ଟ ହେବ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
ୱେବ୍‌ସାଇଟ୍: www.ibps.in | ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି ଲଗ୍‌ଇନ୍ କରନ୍ତୁ http://cgrs.ibps.in/

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆରପି କ୍ଲର୍କସ୍-X ୨୦୨୧-୨୨ ର ଖାଲି ପଦବୀ ନିମନ୍ତେ)

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲରିକାଲ୍ କ୍ୟାଡର୍ ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ଡିସେମ୍ବର ୨୦୨୦ ଓ ଜାନୁୟାରୀ ୨୦୨୧ରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି।
କାର୍ଯ୍ୟକ୍ରମଗୁଡ଼ିକର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ, ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ୦୨।୦୯।୨୦୨୦ରୁ ୨୩।୦୯।୨୦୨୦ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୨।୦୯।୨୦୨୦ରୁ ୨୩।୦୯।୨୦୨୦ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର ଡାଉନ୍‌ଲୋଡ୍* | ୧୬।୧୧।୨୦୨୦ ପରଠାରୁ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ୨୩।୧୧।୨୦୨୦ରୁ ୨୮।୧୧।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ୧୮।୧୧।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ୦୫।୧୨।୨୦୨୦, ୧୨।୧୨।୨୦୨୦ ଓ ୧୩।୧୨।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା–ପ୍ରିଲିମିନାରିର ପରୀକ୍ଷାଫଳ | ୩୧।୧୨।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା–ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ୧୨।୦୧।୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ୨୪।୦୧।୨୦୨୧ |
| ପରୀକ୍ଷାମୂଳକ ଆବଣ୍ଟନ | ୦୧।୦୪।୨୦୨୧ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୨।୦୯।୨୦୨୦ — ନିର୍ଦ୍ଦେଶକ



ବାଲେଶ୍ୱର ଜେଇଇ ପରୀକ୍ଷାର୍ଥୀଙ୍କୁ 'ଓଡ଼ିଶା ମୋ ପରିବାର' ପକ୍ଷରୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦିଆଯାଉଛି।

## ବାଲେଶ୍ୱରରେ ୪୫୨୫ ପରୀକ୍ଷାର୍ଥୀ ଦେବେ ଜେଇଇ ମେନ୍ ପରୀକ୍ଷା

ବାଲେଶ୍ୱର ଅଫିସ ୧।୯

ରାଜ୍ୟରେ ମଙ୍ଗଳବାରଠାରୁ ଜେଇଇ- ମେନ ପରୀକ୍ଷା ଆରମ୍ଭ ହୋଇଛି। ବାଲେଶ୍ୱର ଜିଲାର ଜେଇଇ-ମେନ ପରୀକ୍ଷା ପାଇଁ ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଓ ମାଲକାନଗିରି ଜିଲାରୁ ମୋଟ ୪୫୨୫ ଜଣ ଛାତ୍ରୀଛାତ୍ର ଆସିବେ। ଜିଲାର ସେରଗଡ ସ୍ଥିତ ବିସିଇଟି ଓ ମଡର୍ନ ଇଂଜିନିୟରିଂ କଲେଜ, ନୀଳଗିରି ସ୍ଥିତ ଆରକେସିଏଟି ଏବଂ କୁରୁଡା ସ୍ଥିତ ଏବିଏ କଲେଜରେ ସେଣ୍ଟର କରାଯାଇଛି। ସେପ୍ଟେମ୍ବର ୧ ରୁ ୬ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲୁ ରହିବ। ପ୍ରତ୍ୟେକ ସେଣ୍ଟରରେ ଛାତ୍ରୀଛାତ୍ରଙ୍କ ମାଗଣା ରହିବା ବ୍ୟବସ୍ଥା ହେଇଥିବା ବେଳେ ଟଙ୍କା ଦେଇ ଖାଇବା ବ୍ୟବସ୍ଥା କରାଯାଇଛି ବୋଲି ଜେଇଇ- ମେନ୍ ପରୀକ୍ଷା କୋଡିନେଟର ତଥା ଆଇଟିଆଇ କଲେଜର ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପୂର୍ବତନ ଏମ୍‌ପି ତଥା ବାଲେଶ୍ୱର ବିଜେଡି ଜିଲା ସଭାପତି ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ଓଡ଼ିଶା ମୋ-ପରିବାରର ଜିଲା ସଂଯୋଜକ ସାଇରୁଲ ହୋକ୍, ଜିଲା ବିଜୁ ଛାତ୍ର, ଯୁବ ଜନତା ଦଳ ନେତାଙ୍କ ସହାୟତାରେ ପରୀକ୍ଷା ଦେବା ପାଇଁ ଆସୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଆବଶ୍ୟକତା ଥିବା, ସାନିଟାଇଜର, ବିସ୍କୁଟ, ପାଣି ବୋତଲ ଆଦି ଯୋଗାଇଦେଉଛନ୍ତି।

Odisha State Medical Corporation Limited (OSMC)
In front of Ram Mandir, Convent Square, Unit – III, Bhubaneswar -751 001
Tel. : (0674) 2380608 Website : www.osmcl.nic.in, Email : proc.osmcl.od@nic.in
CAD-435
Assuring Quality, Saving Lives
Date: 24.08.2020

NOTICE INVITING E-TENDER FOR SUPPLY AND INSTALLATION OF EQUIPMENT FOR RHEUMATOLOFY DEPT. OF SCBMCH, CUTTACK

Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2020-21/EQP-RHEU/03 | Supply, installation & commissioning of equipments as per the particulars mentioned | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 25.08.2020 , 3 PM | |
| 2. | Date & time of Pre-bid meeting | 01.09.2018 , 3 PM Venue : Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time: 08.09.2020, 3 PM | End Date & Time: 22.09.2020 , 5 PM |
| 4 | Date & time of online Technical bid opening | 25.09.2020, 11 AM | |
| 5 | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6 | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.
OIPR-10112/11/0023/2021
Sd/- Managing Director
OSMC Ltd., Odisha

ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଓଡ଼ିଶା ସରକାର
୩୫ ତମ ଜାତୀୟ ଚକ୍ଷୁଦାନ ପକ୍ଷ-୨୦୨୦
୨୫ ଅଗଷ୍ଟ – ୮ ସେପ୍ଟେମ୍ବର
DSPL-58



ଆପଣମାନେ ଧ୍ୟାନ ଦିଅନ୍ତୁ :
- କୌଣସି ବ୍ୟକ୍ତି ସ୍ୱଇଚ୍ଛାରେ ଚକ୍ଷୁଦାନ କରିପାରିବେ ।
- ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଚକ୍ଷୁଦାନ କରାଯାଇପାରେ ।
- ମୃତ ଶରୀରରୁ ଚକ୍ଷୁର ସ୍ୱଚ୍ଛପଟଳ (କର୍ଣ୍ଣିଆ) ସଂଗ୍ରହ କରିବାକୁ ୧୦ ରୁ ୧୫ ମିନିଟ ଲାଗିଥାଏ । ଏଥିପାଇଁ ମୃତ ବ୍ୟକ୍ତିଙ୍କର ନିକଟ ସମ୍ପର୍କୀୟଙ୍କର ଲିଖିତ ସମ୍ମତି ଆବଶ୍ୟକ ।
- ଏହାଦ୍ୱାରା ମୁଖ ବିକୃତ ହୋଇନଥାଏ ।
- ଜଣେ ବ୍ୟକ୍ତିର ଚକ୍ଷୁଦାନ ଦ୍ୱାରା ଦୁଇଜଣ ବ୍ୟକ୍ତିଙ୍କର ଅନ୍ଧତ୍ୱ ଦୂରୀଭୂତ ହୋଇଥାଏ ।
- ଚକ୍ଷୁକୁ କୌଣସିମତେ ବିକ୍ରି କିମ୍ବା କ୍ରୟ କରାଯାଇପାରିବ ନାହିଁ ।

OIPR-10003/13/0013/2021

ଆସନ୍ତୁ ଚକ୍ଷୁଦାନ ପାଇଁ ଶପଥ ନେବା,
ଅନ୍ୟର ଜୀବନକୁ ଆଲୋକିତ କରିବା ।

ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ / ମେଡିକାଲ୍ କଲେଜ୍ ଚକ୍ଷୁ ବିଭାଗ ସହ ପରାମର୍ଶ କରନ୍ତୁ ।

ଚକ୍ଷୁ ଦାନ/ପ୍ରତିରୋପଣ ସମୟରେ ସମସ୍ତ କରୋନା ସତର୍କତା ପାଳନ କରନ୍ତୁ ।
ସମସ୍ତଙ୍କ ସହଯୋଗରେ କରୋନା ହାରିବ ଓ ଓଡ଼ିଶା ଜିତିବ ।

facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହଁଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡୁ ପ୍ରଶ୍ନ ହେଉଛି– ଏହା ପରେ କଅଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା ! –**ଶ୍ରୀମା**



# ନିଜେ ନ ସୁଧୁରିଲେ

ଅପାରଗ ଓ ଦୁର୍ନୀତିଗ୍ରସ୍ତ ବାବୁମାନଙ୍କୁ ଚାକିରିରୁ ହଟେଇବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଉଥିବା କହିଛନ୍ତି। ୫୦ରୁ ୫୫ ବର୍ଷ ବୟସ ହୋଇଥିବା ଓ ୩୦ ବର୍ଷ ଚାକିରି କରି ସାରିଥିବା ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସର କିମ୍ବା ଅନ୍ୟ ଅଫିସର, ଯେଉଁମାନେ କାମ ଠିକ୍ ଭାବେ କରିପାରୁନାହାନ୍ତି ଓ ଦୁର୍ନୀତିରେ ଜଡ଼ିତ ଥିବା ଜଣାପଡୁଛି ସେମାନଙ୍କୁ ବିଦା କରିବା ସକାଶେ ସବୁ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ସାଧୁତାକୁ ନେଇ ସନ୍ଦେହରେ ଥିବା ଏଭଳି ଅଧିକାରୀଙ୍କ ସର୍ଭିସ ବୁକ୍ ରେକର୍ଡ ଆଧାରରେ ତାଲିକା ପ୍ରସ୍ତୁତ କରିବା ଲାଗି ନିର୍ଦ୍ଦେଶନାମାରେ କୁହାଯାଇଛି।

ଅପାରଗ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ତୁରନ୍ତ ଚାକିରିରୁ ବିଦା କରିବା ଲାଗି ସରକାରୀ ସ୍ତରରେ ଆଲୋଚନା ହେବା ସକାରାତ୍ମକ ଦିଗକୁ ଅନିଶା କରୁଛି। କାରଣ ଏଭଳି ଅଧିକାରୀ ବା କର୍ମଚାରୀଙ୍କ ଉପସ୍ଥିତି ବ୍ୟବସ୍ଥାକୁ ପଙ୍ଗୁ କରିଦେଇଥାଏ। କିନ୍ତୁ ଏହିସବୁ ଅଧିକାରୀଙ୍କ ତାଲିକା କିଏ ପ୍ରସ୍ତୁତ କରିବେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯେଉଁମାନେ ଶୀର୍ଷରେ ଅଛନ୍ତି, ସେମାନଙ୍କ ବୟସ ନିଶ୍ଚିତ ଭାବେ ୫୦–୫୫ରୁ ଊର୍ଦ୍ଧ୍ୱ ହୋଇଥିବ। ସେମାନେ ନିଜେ କେଉଁଭଳି ଭାବେ କାର୍ଯ୍ୟ କରି ପଦୋନ୍ନତି ପାଇଥିଲେ ତାହାର ବିଚାର କରିବ କିଏ। ଅର୍ଥାତ୍ ଉଚ୍ଚସ୍ତରର ସରକାରୀ କର୍ମଚାରୀ ଯୌବନରେ ସଚ୍ଚୋଟ ଥିଲେ ବୋଲି ଜାଣିବା ଯେଉଁଭଳି ଭାବେ କଷ୍ଟ, ଏବେ ମଧ୍ୟ ସେମାନଙ୍କ ସଚ୍ଚୋଟତାର ସାର୍ଟିଫିକେଟ୍ ଯୋଗାଡ଼ କରିବା ଅସମ୍ଭବ କାର୍ଯ୍ୟ। ତେବେ ଏମାନଙ୍କ ହାତରେ ସରକାରଙ୍କ ନିଷ୍ପତ୍ତିକୁ ସଅଁପି ଦିଆଗଲେ ଯେଉଁ ତାଲିକା ପ୍ରସ୍ତୁତ ହେବ ତାହାର ବାସ୍ତବତା ଉପରେ ସନ୍ଦେହ ସୃଷ୍ଟି ହେବା ଥୟ। କାରଣ ଯାହାର ଯାହାଙ୍କ ପ୍ରତି ଦରଦ ଥିବ ସେଭଳି କ୍ଷେତ୍ରରେ ବ୍ୟକ୍ତି ଯେତେ ଅପାରଗ ବା ଦୁର୍ନୀତିଗ୍ରସ୍ତ ହେଲେ ମଧ୍ୟ ତାଲିକାରେ ସ୍ଥାନ ପାଇବେ ନାହିଁ। ଅପରପକ୍ଷରେ ଯଦି ଆଜିର ଉଚ୍ଚପଦସ୍ଥ ବାବୁ ଅତୀତରେ କୌଣସି ଭୁଲ କାର୍ଯ୍ୟ କରିବାକୁ ଚେଷ୍ଟା କଲାବେଳେ କୌଣସି ସଚ୍ଚୋଟ କର୍ମଚାରୀ ତାଙ୍କୁ ବାଧା ଦେଇଥାନ୍ତି, ତେବେ ଆଜି ସେହି ସଚ୍ଚୋଟ କର୍ମଚାରୀଙ୍କ ଭବିଷ୍ୟତ କ'ଣ ହେବ। ଆଜିର ଶାସନ ଓ ପ୍ରଶାସନିକ ବାତାବରଣ ଦେଖିଲେ କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ ଅଫିସରଙ୍କ ରାଜ୍ ଚାଲିଛି। ସିଭିଲ୍ ସର୍ଭିସ୍‌ରୁ ଆସିଥିବାରୁ ନୀତି, ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ସେମାନେ ଅଧିକ ସତର୍କ ଓ ସଚେତନ ଅଛନ୍ତି ବୋଲି ଏକ ଧାରଣା ରହୁଥିବାରୁ ରାଜନୈତିକ କ୍ଷମତା ହାସଲ କରିଥିବା ବ୍ୟକ୍ତି ପ୍ରଶାସକଙ୍କୁ ପୂରା ବିଶ୍ୱାସକୁ ନେଇଯାଉଛନ୍ତି। ଫଳରେ ସରକାରୀ ଯୋଜନା ରୂପାୟନରେ ଲୋକ ପ୍ରତିନିଧିଙ୍କ ଭୂମିକା ଗୌଣ ହୋଇଯାଉଛି। ଅନ୍ୟପକ୍ଷରେ ପ୍ରଶାସକମାନେ ବଳୀୟାନ ହୋଇ ଦୁର୍ନୀତି କରିବାକୁ ସୁଯୋଗ ପାଇପାରୁଛନ୍ତି। ସାଧାରଣରେ ସମସ୍ତେ ଜାଣନ୍ତି ଯେ କୌଣସି ପ୍ରଶାସନିକ କାର୍ଯ୍ୟ ଯଥା ବଦଳି ବାତିଲ ବା ମନପସନ୍ଦ ଜାଗାରେ ନିଯୁକ୍ତି ପାଇବା ପାଇଁ ନେତାଙ୍କ ଅପେକ୍ଷା ଅଫିସର ଶୀଘ୍ର କାମ କରେଇ ଦେଇଥାଆନ୍ତି। ଏହା ମଧ୍ୟ ଜଣାଶୁଣା ଯେ, ଯେଉଁ ଅଫିସର ୧୦୦ ଟଙ୍କା ବେଆଇନ ଭାବେ ଆଦାୟ କରନ୍ତି, ସେଥିରୁ ମାତ୍ର ୧୦ ଟଙ୍କା ଯାଏ ରାଜନେତାଙ୍କ ପାଖକୁ। ବାକି ଅର୍ଥ ରହିଯାଏ ବାବୁଙ୍କ ପକେଟରେ।

ସରକାରୀ ଚାକିରିଆଙ୍କ ଖାଦିସର୍ବଦା ଆଗରେ ରହିଥାଏ। ଥରେ ପରୀକ୍ଷା ଦେଇ ଚାକିରି ପାଇଯିବା ପରେ ତାହା ଯିବା କାଠିକର ପାଠ ହୋଇଥିବାରୁ ସେମାନେ ମନଇଚ୍ଛା କାର୍ଯ୍ୟ କରିଥାଆନ୍ତି। ଯାହା କରିବା ଦରକାର ତାହା ଅନୁଯାୟୀ ଆଇନକୁ ମୋଡ଼ିବା ସେମାନଙ୍କ ପାଇଁ ଏକ ସହଜ କାର୍ଯ୍ୟ ହୋଇଥାଏ। କେତେବେଳେ ଜନସାଧାରଣଙ୍କୁ ଦୁର୍ବ୍ୟବହାର କରୁଥିବା ବିଷୟ ପଦାକୁ ଆସିଥାଏ। ଏହି ପରିପ୍ରେକ୍ଷୀରେ ଥାନା ଭିତରେ ହତ୍ୟା ଓ ବଳାତ୍କାର ଘଟାଉଥିବା ପୋଲିସ କର୍ମଚାରୀଙ୍କୁ ଘୋଡ଼ାଇବା ପାଇଁ ଉଚ୍ଚପଦସ୍ଥ ଅଫିସରମାନେ ମଧ୍ୟ ଲାଗି ପଡ଼ିଥାଆନ୍ତି। ସେହିଭଳି ବଟି ନେଉଥିବା ତହସିଲଦାର କିମ୍ବା ବିଡିଓଙ୍କୁ ସାହାଯ୍ୟ ଓ ସୁରକ୍ଷା ଦେବା ସକାଶେ ଜିଲାପାଳଙ୍କଠାରୁ ସଚିବଙ୍କ ପର୍ଯ୍ୟନ୍ତ ଗଛପତ୍ରରେ ପଡ଼ିଯାଇଥାନ୍ତି।

ସରକାରୀ ସ୍ତରରେ ଅପାରଗ ଅଧିକାରୀ ଓ କର୍ମଚାରୀଙ୍କୁ ବାଛିବା ପାଇଁ କାର୍ଯ୍ୟକୁ ମାନଦଣ୍ଡ ଭାବେ ନିଆଯିବା ଦରକାର। ଜଣେ ତାଙ୍କ କାର୍ଯ୍ୟକାଳ ଭିତରେ ଜନସାଧାରଣଙ୍କ ମଙ୍ଗଳ ହେଲା ଭଳି କେଉଁ ପ୍ରକାର ପଦକ୍ଷେପ ନେଇଛନ୍ତି, ତାହାକୁ ତର୍ଜମା କରାଯିବା ଉଚିତ। କେବଳ ଅମଲାତାନ୍ତ୍ରିକ ସ୍ତରରେ ଥିବା ବ୍ୟକ୍ତି ନୁହନ୍ତି, କୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ କାର୍ଯ୍ୟଦକ୍ଷତା ମଧ୍ୟ ମପାଯିବା ଦରକାର। ଜଣେ ବିଚାରପତି ତାଙ୍କ କାର୍ଯ୍ୟକାଳ ଭିତରେ କେତୋଟି ପୂର୍ଣ୍ଣାଙ୍ଗ ରାୟ ଦେଇଛନ୍ତି, ତାହାକୁ ବିଚାର କରାଯାଇ ସେମାନଙ୍କ ଅପାରଗ ଓ ସ୍ଥଳବିଶେଷରେ ଦୁର୍ନୀତିଗ୍ରସ୍ତଙ୍କ ତାଲିକା ପ୍ରସ୍ତୁତ କରାଯିବା ଉଚିତ। କେବଳ କେନ୍ଦ୍ରରୁ ନିର୍ଦ୍ଦେଶନାମା ଜାରି କରିଦେଲେ ହେବ ନାହି, ଜଣଙ୍କ ଦକ୍ଷତା ମାପିବା ଦାୟିତ୍ୱ ଯାହାଙ୍କ ଉପରେ ନ୍ୟସ୍ତ କରାଯିବ ସେହି ବ୍ୟକ୍ତିଙ୍କ ପାରମଙ୍ଗମତା ଓ ସାଧୁତା ପ୍ରଥମେ ଦେଖାଯିବା ଦରକାର। ଏହି ପ୍ରଚ୍ଛଦପଟରେ ଅପାରଗ ଓ ଦୁର୍ନୀତିଗ୍ରସ୍ତ ସରକାରୀ ବାବୁଙ୍କ ତାଲିକା ପ୍ରଥମେ କେନ୍ଦ୍ର ସରକାର ନିଜେ ଆରମ୍ଭ କରିବାର ପ୍ରୟୋଜନ ରହିଛି। କାରଣ ଆଲୋଚିତ ନିର୍ଦ୍ଦେଶନାମା ପୂର୍ବରୁ ମଧ୍ୟ ଅନେକ ଥର ପ୍ରକାଶ ପାଇଥାଏ ଏବଂ ତାହା କିଛି ଦିନ ପରେ ଉଭାନ ହୋଇଯାଏ।

ଯେପର୍ଯ୍ୟନ୍ତ ରାଜନେତାମାନେ କ୍ଷମତାକୁ ଆସୁଛନ୍ତି, ସେପର୍ଯ୍ୟନ୍ତ ନିର୍ବାଚନ ଜିଣିବା ପାଇଁ ଏବଂ ଦଳ ଚଳାଇବା ସକାଶେ ଅପର୍ଯ୍ୟାପ୍ତ ଅର୍ଥର ପ୍ରୟୋଜନ ରହିବ। ସାଧାରଣରେ ଦେଖାଯାଏ, ଯେଉଁ ସରକାରୀ ଅଧିକାରୀ ସଚ୍ଚୋଟ ହୋଇ କାର୍ଯ୍ୟ କରିଥାଆନ୍ତି, ତାଙ୍କ ଦ୍ୱାରା ଖଡ଼ା ସିଝେ ନାହିଁ। ଅର୍ଥାତ୍ ଯେତିକି ସଚ୍ଚୋଟ, ସେତିକି ଅକାମୀ। ଅନ୍ୟପଟେ ଯେଉଁ ବାବୁମାନେ ନେଇଆଣି ଥୋଇପାରନ୍ତି ସେହିମାନେ ଦୁନୀତିଗ୍ରସ୍ତ ହୋଇଥାନ୍ତି। ଏଭଳି ସ୍ଥିତିରେ ରାଜନେତାମାନେ ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ କୋଳେଇ ନେବା ପାଇଁ ପସନ୍ଦ କରିଥାଆନ୍ତି। ସେଥିପାଇଁ ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯେଉଁ ପର୍ଯ୍ୟନ୍ତ ବିପୁଳ ଅର୍ଥ ଲୋଡ଼ା ହେଉଥିବ, ସେ ପର୍ଯ୍ୟନ୍ତ କ୍ଷମତାସୀନ ବ୍ୟକ୍ତିମାନେ ଦୁର୍ନୀତିଗ୍ରସ୍ତ ହେଉଥିବେ। ଯେତେଦିନ ପର୍ଯ୍ୟନ୍ତ ରାଜନୈତିକ ନେତାମାନେ ଦୁର୍ନୀତିଗ୍ରସ୍ତ ହେଉଥିବେ ସେହିଦିନ ଯାଏ ଦୁର୍ନୀତିଗ୍ରସ୍ତ ବାବୁଙ୍କ ଚାହିଦା ରହିଥିବ। ମୋଦି ସରକାରଙ୍କ ଏହି ନିର୍ଦ୍ଦେଶନାମା ପଛରେ କୌଣସି ବିଚକ୍ଷଣ ଚିନ୍ତାଧାରା ନାହିଁ। ନିଜେ ନ ସୁଧୁରିଲେ, ପୃଥିବୀ ସୁଧୁରିପାରିବ ନାହିଁ।

# ଚାଷୀ ହସିଲେ ଓଡ଼ିଶା ହସିବ



ସବ୍ୟସାଚୀ ଅମିତାଭ

ଓଡ଼ିଶାର ଶତକଡ଼ା ସତୁରି ଭାଗ ଲୋକଙ୍କ ମୁଖ୍ୟ ଜୀବିକା ହେଉଛି ଚାଷ। ତେଣୁ ଓଡ଼ିଶାର ଅର୍ଥନୀତି ମୁଖ୍ୟତଃ କୃଷି ଉତ୍ପାଦନ ଉପରେ ନିର୍ଭରଶୀଳ। କିନ୍ତୁ କୃଷିକୁ ଫୋକସ କଲେ ଅର୍ଥନୀତି ସୁଦୃଢ଼ ହୋଇପାରିବ ସେ ମାନସିକତା ଦେଖିବାକୁ ମିଳୁନି।

ଓଡ଼ିଶାର ଭୌଗୋଳିକ ଆୟତନ ୧,୫୫,୭୧୧ ଲକ୍ଷ ହେକ୍ଟର ମଧ୍ୟରୁ ଚାଷ ଜମିର ପରିମାଣ ହେଉଛି ୬୪.୦୯ ଲକ୍ଷ ହେକ୍ଟର। ଏହି ଚାଷ ଜମିରୁ ୬୧.୫୦ ଲକ୍ଷ ହେକ୍ଟର ଜମିରେ ପ୍ରକୃତ ଚାଷ କରାଯାଏ। ଚାଷଜମିର କିସମକୁ ଯଦି ଆମେ ଦେଖିବା, ତେବେ ଜଣାପଡେ ମୋଟ ଚାଷଜମି ମଧ୍ୟରୁ ୪୦.୧୭ ଲକ୍ଷ ହେକ୍ଟର ଜମି ହେଉଛି ଅମ୍ଳମାଟି, ୪ ଲକ୍ଷ ହେକ୍ଟର ଜମି ହେଉଛି କ୍ଷାରୀୟ ମାଟି ଓ ୩ ଲକ୍ଷ ହେକ୍ଟର ଜମି ହେଉଛି ସନ୍ତସନ୍ତିଆ। ସେହିପରି ଆମ ରାଜ୍ୟର ହାରାହାରି ପରିବାର ପିଛା ଜମିର ପରିମାଣ ୧.୨୫ ହେକ୍ଟର। ଆମ ରାଜ୍ୟର ଚାଷୀ ଯେଉଁମାନେ କୃଷିକୁ ପ୍ରଧାନ ଜୀବିକା କରି ବଞ୍ଚନ୍ତି, ସେମାନଙ୍କ ମଧ୍ୟରୁ ୮୨ ପ୍ରତିଶତ ହେଉଛନ୍ତି କ୍ଷୁଦ୍ର ତଥା ନାମମାତ୍ର ଚାଷୀ। ସେମାନେ ମୋଟ ଚାଷ ଜମିର ୫୦ ପ୍ରତିଶତ ଜମି ଚାଷ କରିଥାନ୍ତି। ବାକି ୧୮ ପ୍ରତିଶତ ବଡ ଚାଷୀ ଅନ୍ୟ ୫୦ ପ୍ରତିଶତ ଜମି ଚାଷ କରନ୍ତି। ଏପରି ଚାଷଜମିର ଅସମବଣ୍ଟନ ଓଣା ଅଧିକେ ପ୍ରାୟ ସବୁ ଜିଲାରେ ଦେଖିବାକୁ ମିଳେ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ମଧ୍ୟରୁ ଅଧିକାଂଶ ଚାଷୀ ଆଧୁନିକ ପ୍ରଣାଳୀ ଅନୁସରଣ କରିବାକୁ ସକ୍ଷମ ନୁହନ୍ତି। ଅନ୍ୟପଟେ ଦିନକୁ ଦିନ ଚାଷଜମିର ପରିମାଣ କମିବାରେ ଲାଗିଛି। ୧୯୫୦–୫୧ର ଏକ ତଥ୍ୟ ଅନୁସାରେ, ସେତେବେଳେ ଓଡ଼ିଶାରେ ବ୍ୟକ୍ତି ପିଛା ଚାଷ ଜମିର ପରିମାଣ ୦.୩୯ ହେକ୍ଟର ଥିବାବେଳେ ଏବେ ଏହା ୦.୧୦ ପ୍ରତିଶତରୁ ବି କମ୍ ରହିଛି। କୃଷି ଉତ୍ପାଦନ ଆଶାନୁରୂପ ନ ହେବାର ଏହା ପ୍ରଥମ କାରଣ।

ଦ୍ୱିତୀୟ କାରଣ ହେଉଛି– ପାରମ୍ପରିକ ବା ପୁରୁଣା ଶୈଳୀରେ କୃଷି କରାଯିବା। ପାରମ୍ପରିକ ଶୈଳୀରେ କୃଷି ବର୍ତ୍ତମାନ ସମୟରେ ଆଦୌ ଉପଯୋଗୀ ନୁହେଁ। ବିଜ୍ଞାନସମ୍ମତ ଚାଷ, ଟେକ୍ନୋଲୋଜିର ପ୍ରୟୋଗ, ଉନ୍ନତମାନର ବିହନ ରୋପଣ, ରାସାୟନିକ ସାର ତଥା ଉନ୍ନତ କୃଷି ଯନ୍ତ୍ରପାତି ଆଦିର ବ୍ୟବହାର ପ୍ରତି ସଚେତନ ଥିଲେ ହିଁ ଓଡ଼ିଶାର ଅଧିକାଂଶ ଚାଷୀ ସେମାନଙ୍କ ଆର୍ଥିକ ଅସ୍ୱଚ୍ଛଳତା, ଜମିର ଭୌଗୋଳିକ ଅବସ୍ଥିତି, କିସମ, ପାଣିପାଗ, ଜଳବାୟୁ, ଜଳସେଚନର ଅବ୍ୟବସ୍ଥା ଓ ବିଶେଷ କରି ବଜାର ଚାହିଦାକୁ ଠିକ୍ ଭାବେ ବୁଝି ନ ପାରିବା କାରଣରୁ ନୂଆ କୃଷି ପଦ୍ଧତିକୁ ଆପଣାଇ ପାରୁନାହାନ୍ତି। ତୃତୀୟ କାରଣ– ରାସାୟନିକ ସାରର ପ୍ରୟୋଗ। ଆମ ରାଜ୍ୟରେ ରାସାୟନିକ ସାରର ବ୍ୟବହାର ଅତ୍ୟନ୍ତ ନିରାଶାଜନକ କହିଲେ ଭୁଲ୍ ହେବନି। ତଥ୍ୟରୁ ଜଣାପଡ଼ିଛି, ରାଜ୍ୟରେ ରାସାୟନିକ ସାରର ବ୍ୟବହାର ବର୍ତ୍ତମାନ ହେକ୍ଟର ପିଛା ୯୮ କିଲୋଗ୍ରାମ ରହିଛି, ଯାହା ଜାତୀୟସ୍ତରଠାରୁ ଢେର୍ କମ୍। ସେହି ତୁଳନାରେ ଯଦି ଦେଖିବା ପଞ୍ଜାବରେ ହେକ୍ଟର ପିଛା ୨୫୦ କିଲୋଗ୍ରାମ, ବିହାରରେ ୨୧୨ କିଲୋଗ୍ରାମ, ହରିୟାଣାରେ ୨୦୭ କିଲୋଗ୍ରାମ, ଆନ୍ଧ୍ରପ୍ରଦେଶରେ ୧୯୦ କିଲୋଗ୍ରାମ, ପଶ୍ଚିମବଙ୍ଗରେ ୧୬୫ କିଲୋଗ୍ରାମ ସାର ବ୍ୟବହାର କରାଯାଇଥାଏ। ଚତୁର୍ଥ କାରଣ– ଧାନଚାଷରେ ଅନିୟମିତତା। ଆମ ରାଜ୍ୟରେ ଅଧିକ ଧାନ ଦରକାର ହେଉଥିବା ବେଳେ ଖରିଫ୍ ଋତୁରେ ମାତ୍ର ୬୭ ଭାଗ ଜମିରେ ଧାନ ଓ ୩୩ ଭାଗ ଜମିରେ ଅଣଧାନ ଫସଲ କରାଯାଉଛି। ଫଳରେ ଧାନ ଉତ୍ପାଦନ ମଧ୍ୟ ଆଶାଜନକ ଭାବେ ହୋଇପାରୁନି। ପଞ୍ଜାବରେ ହେକ୍ଟର ପିଛା ହାରାହାରି ୪୦ରୁ ୫୦ କୁଇଣ୍ଟାଲ ଧାନ ଅମଳ ହେଉଥିବା ବେଳେ ଆମ ରାଜ୍ୟରେ ହାରାହାରି ଅମଳ ହେକ୍ଟର ପିଛା ପ୍ରାୟ ୧୬ରୁ ୨୦ କୁଇଣ୍ଟାଲ ରହିଛି। ଅଧିକ ଅମଳକ୍ଷମ ବିହନ ବେଶି ଉତ୍ପାଦନର ଚାବିକାଠି ହୋଇଥିବାରୁ ଏହାକୁ ଜମିରେ ବୁଣିଲେ ଅଧିକ ୧୫ ଭାଗ ଅମଳ ବଢ଼ିଥାଏ ବୋଲି କୁହାଯାଏ। ତେଣୁ ରାସାୟନିକ ସାରର ବ୍ୟବହାର ବଢାଇବା ସହ ଜମିର ଉର୍ବରତା ତଥା ସ୍ଥାୟିତ୍ୱକୁ ରକ୍ଷା କରିବା ପାଇଁ ଅଧିକ ଜୈବସାର ଓ ଖତର ବ୍ୟବହାର ଦରକାର ହେଉଛି।

କୃଷି କ୍ଷେତ୍ରରେ ଯଥେଷ୍ଟ ପୁଞ୍ଜି ବିନିଯୋଗର ଅଭାବ କୃଷି ଉତ୍ପାଦନ ଆଶାନୁରୂପ ନ ହେବାର ପଞ୍ଚମ କାରଣ । ଓଡ଼ିଶାର ଶ୍ରମିକ, ଭାଗଚାଷୀ, ଛୋଟ ଓ ନାମମାତ୍ର ଚାଷୀ ପ୍ରାୟତଃ ଗରିବ ଏବଂ ନିରକ୍ଷର ଅବା ସ୍ୱଳ୍ପ ଶିକ୍ଷିତ । ଦାରିଦ୍ର୍ୟ କାରଣରୁ ସେମାନେ କୃଷି କ୍ଷେତ୍ରରେ ସ୍ୱଳ୍ପ ମୂଳଧନ ମଧ୍ୟ ବିନିଯୋଗ କରିବାକୁ ସକ୍ଷମ ନୁହନ୍ତି। ଏପରି କି ନିରକ୍ଷରତା କାରଣରୁ କୃଷି କ୍ଷେତ୍ରରେ ବୈଷୟିକ ଜ୍ଞାନ ପ୍ରୟୋଗ କରିବାରେ ସେମାନେ ଅସମର୍ଥ। ମୌଖିକ ଚୁକ୍ତିରେ ଭାଗଚାଷ ହେଉଥିବା ଯୋଗୁଁ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଭାଗଚାଷୀମାନେ ଯଥେଷ୍ଟ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପଟେ ଜାତୀୟକରଣ ବ୍ୟାଙ୍କ୍ ଅବା ସମବାୟ ସଂସ୍ଥାଗୁଡିକ ଭାଗଚାଷୀଙ୍କୁ ଋଣ ଦେବାକୁ ରାଜି ହେଉନାହାନ୍ତି। ଆମ ରାଜ୍ୟରେ ଏବେ ମୁଣ୍ଡପିଛା କୃଷି ଆୟ ପାଖାପାଖି ୪ ହଜାର ୯ ଶହ ଟଙ୍କା ରହିଛି। ଏତିକି କମ୍ ଟଙ୍କାରେ କୃଷି କାମ ସହ ପରିବାର ଚଳାଇବା ଚାଷୀଙ୍କ ପାଇଁ ଆଦୌ ସମ୍ଭବପର ନୁହେଁ। ତେଣୁ ଅଧିକାଂଶ ଭାଗଚାଷୀ ଓ କୃଷି ଶ୍ରମିକ ସହରକୁ ଯାଇ ଅଧିକ ଉପାର୍ଜନ କରିବାକୁ ଇଚ୍ଛା କରୁଛନ୍ତି। ଫଳରେ ଚାଷ ଜମି ପଡିଆ ପଡୁଛି।

ଉତ୍ପାଦନ ପ୍ରଭାବିତ ହେବାର ଷଷ୍ଠ କାରଣ– ମୌସୁମୀ ବର୍ଷା ଉପରେ ଓଡ଼ିଶାର ଚାଷ କାର୍ଯ୍ୟର ଅଧିକ ନିର୍ଭରଶୀଳତା। ରାଜ୍ୟରେ କୃଷି ପ୍ରାୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରୁଥିବାରୁ ବର୍ଷା ଅଭାବରୁ ଅନେକ ଅଞ୍ଚଳ ମରୁଡି ପ୍ରବଣ ହୋଇପଡୁଛି ଓ ଅନେକ ସମୟରେ ଅନାବୃଷ୍ଟି କାରଣରୁ କୃଷି ଉତ୍ପାଦନ ବ୍ୟାପକ ଭାବେ ପ୍ରଭାବିତ ହେଉଛି। ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଚାଷୀମାନେ କୃଷି ପାଇଁ ବିନିଯୋଗ କରିଥିବା ଅର୍ଥ ମଧ୍ୟ ପାଇ ପାରୁନାହାନ୍ତି। ସପ୍ତମ କାରଣ– ଜଳସେଚନର ଅଭାବ। ଆମ ରାଜ୍ୟରେ ଜଳସମ୍ପଦର ପର୍ଯ୍ୟାପ୍ତ ଉତ୍ସ ଥିଲେ ମଧ୍ୟ ସମୁଚିତ ପଦକ୍ଷେପ ଅଭାବ କାରଣରୁ ଓଡ଼ିଶାର ଚାଷୀ ପ୍ରତିବର୍ଷ ଜଳ ଅଭାବ ସମସ୍ୟା ସାମ୍ନା କରିଥାଏ। କୃଷିର ଉନ୍ନତି ପାଇଁ ବ୍ୟାପକ ଜଳସେଚନର ଆବଶ୍ୟକତା ରହିଛି। ଜାତୀୟସ୍ତରରେ ଜଳସେଚିତ ଜମିର ପରିମାଣ ଶତକଡା ୪୦ରୁ ୪୨ ପ୍ରତିଶତ ଥିବା ବେଳେ ଆମ ରାଜ୍ୟରେ ଏହାର ପରିମାଣ ଶତକଡା ୩୦ ଭାଗରୁ ଟିକେ ଅଧିକ। ତେଣୁ ରାଜ୍ୟରେ ଅଧିକରୁ ଅଧିକ ଜମିକୁ ଜଳସେଚିତ କରାଯାଇ ଚାଷୋପଯୋଗୀ କରିବା ପାଇଁ ସରକାର ଜରୁରୀ ପଦକ୍ଷେପ ହାତକୁ ନେବା ଦରକାର। ଦୁଃଖର କଥା, ଆମ ରାଜ୍ୟର ଅନେକ ଚାଷୀ ଜଳସେଚିତ ଜମିର ଠିକ୍ ଉପଯୋଗ କରିପାରନ୍ତି ନାହିଁ। ତେଣୁ ସେଚାଞ୍ଚଳର ସବୁ ଜମିରେ ଫସଲ କରିବା ପାଇଁ ଚାଷୀମାନଙ୍କୁ ସଚେତନ କରାଯିବାର ଆବଶ୍ୟକତା ରହିଛି। ଅଷ୍ଟମ କାରଣ – ରାଜ୍ୟରେ କୃଷି ବିବିଧତାର ଅଭାବ। ଓଡ଼ିଶାର ମୁଖ୍ୟ ଉତ୍ପାଦନକାରୀ ଫସଲ ହେଉଛି ଧାନ। ସମଗ୍ର ଖାଦ୍ୟ ଶସ୍ୟ ଉତ୍ପାଦନର ୭୫ପ୍ରତିଶତ ଧାନରୁ ହିଁ ମିଳିଥାଏ। ଏଥିରୁ ସ୍ପଷ୍ଟ ହେଉଛି ଯେ ଆମ ରାଜ୍ୟର ଚାଷୀମାନେ ଗୋଟିଏ ଫସଲ ଉପରେ ଗୁରୁତ୍ୱ ଦେଉଛନ୍ତି। ଧାନ ପରିବର୍ତ୍ତେ ଅଣଧାନ ଫସଲ ଅବା ଧାନର ଠିକ୍ ଅମଳ ପରେ ଚାଷୀମାନେ ବିରି, କୋଳଥ, ମୁଗ ଚାଷ ସହ ଉଦ୍ୟାନ କୃଷି, ଫୁଲଚାଷ, ତୈଳବୀଜ, ଦୁଗ୍ଧଜାତ ଦ୍ରବ୍ୟ ଓ ମତ୍ସ୍ୟ ଚାଷ ଉପରେ ଗୁରୁତ୍ୱ ଦେବା ଦରକାର। ନବମ କାରଣ–ରାଜ୍ୟରେ କୃଷି ସଚେତନତାର ଅଭାବ। ରାଜ୍ୟର ଅଧିକାଂଶ ଚାଷୀ ନିରକ୍ଷର ଏବଂ ଉନ୍ନତ ଚାଷ କୌଶଳ ବାବଦରେ ଅଜ୍ଞ। ଏଥିପାଇଁ ସେମାନଙ୍କୁ ସଚେତନ କରିବା ଜରୁରୀ।

ସେହିପରି ଶେଷ କାରଣ ନ ହେଲେ ବି ଦଶମ କାରଣ– ଆବଶ୍ୟକ ପରିମାଣର ଗୋଦାମ ଗୃହ ବା ଶୀତଳଭଣ୍ଡାରର ଅଭାବ। କୃଷି ଉତ୍ପାଦନ ବୃଦ୍ଧି ପାଇଁ ପ୍ରତି ପଞ୍ଚାୟତରେ ଶସ୍ୟ ଗୋଦାମ ଅବା ଶୀତଳଭଣ୍ଡାର ପ୍ରତିଷ୍ଠା କରି ଉତ୍ପାଦିତ ଶସ୍ୟଗୁଡିକର ସଂରକ୍ଷଣ ଏବଂ କିଣାବିକାର ବ୍ୟବସ୍ଥା କରାଗଲେ ଚାଷୀମାନେ ଋତୁଭିତ୍ତିକ ଫସଲ ଓ ପନିପରିବା ପର୍ଯ୍ୟାପ୍ତ ପରିମାଣର ଉତ୍ପନ୍ନ କରି ଅଧିକ ଲାଭ ପାଇପାରନ୍ତେ। କିନ୍ତୁ ଆମ ରାଜ୍ୟରେ ଏପରି ବ୍ୟବସ୍ଥାର ବିଶେଷ ଉନ୍ନତି ହୋଇପାରିନାହିଁ। ସରକାର ପିପିପି ମୋଡରେ ଶୀତଳଭଣ୍ଡାର ନିର୍ମାଣ ପାଇଁ ସବସିଡ୍ ଯୋଗାଇ ଦେଉଥିଲେ ବି ଏଦିଗରେ ବିଶେଷ ଆଗ୍ରହ ପ୍ରକାଶ ପାଉନି।

କୃଷିକୁ ଲାଭଜନକ କରିବା ପାଇଁ କୃଷିନୀତି ଅଣାଯିବା ସହ କୃଷି ପାଇଁ ରାଜ୍ୟରେ ଅଲଗା କୃଷି ବଜେଟର ବ୍ୟବସ୍ଥା ମଧ୍ୟ କରାଯାଇଛି। ଚାଷୀଙ୍କୁ ବିଭିନ୍ନ ସୁବିଧାସୁଯୋଗ ସହ କୃଷି ଉତ୍ପାଦନ ବୃଦ୍ଧି ପାଇଁ ସରକାର ନିଜର ଅଙ୍ଗୀକାରବଦ୍ଧତା ଦେଖାଉଥିଲେ ବି ତୃଣମୂଳସ୍ତରରେ କିନ୍ତୁ ଚାଷୀଙ୍କୁ ଏହାର ଫାଇଦା ମିଳିପାରୁନି। ତେବେ ସମୟ ସହ ତାଳ ଦେଇ କୃଷି ବିବିଧତାକୁ ପ୍ରାଥମିକତା, ଉଦ୍ୟାନ କୃଷିକୁ ଅଗ୍ରାଧିକାର, ଭାଗଚାଷୀ ଓ ନାମମାତ୍ର ଚାଷୀଙ୍କୁ ଋଣ, କୃଷି ସେକ୍ଟରରେ ପୁଞ୍ଜିଲଗାଣ ବୃଦ୍ଧି, ଜଳସେଚନର ବ୍ୟାପକତା, କୃଷିଜାତ ସାମଗ୍ରୀ ପାଇଁ ସ୍ୱତନ୍ତ୍ର ବଜାର, ଜଳଛାୟା ଅଞ୍ଚଳରେ ବୈଜ୍ଞାନିକ ପଦ୍ଧତିରେ ଚାଷ, କୃଷିଶିକ୍ଷାର ସଂପ୍ରସାରଣ କରାଯାଇପାରିଲେ ଚାଷୀମାନେ ଲାଭବାନ ହୋଇପାରନ୍ତେ। ଚାଷୀଙ୍କ ମୁହଁରେ ହସ ଖେଳିଲେ ଓଡ଼ିଶା ହସିବ।

ଭୁବନେଶ୍ୱର, ମୋ–୯୪୩୮୨୯୬୫୧୯

# ବିପଜ୍ଜନକ କରୋନା ବର୍ଜ୍ୟ



ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ନିଃଶ୍ୱାସ ପ୍ରଶ୍ୱାସ କ୍ଷେତ୍ରରେ ଭାଲ୍‌ବ ରହିଥିବା ଉଚ୍ଚମାନର ଏନ୍–୯୫ ମାସ୍କ ବ୍ୟବହାର ଉପରେ କେନ୍ଦ୍ର ସରକାର ସ୍ୱାସ୍ଥ୍ୟଗତ ସତର୍କତା ଜାରି କରିବା ପରେ କରୋନା ବର୍ଜ୍ୟ ନେଇ ଚିନ୍ତା ସୃଷ୍ଟି ହୋଇଛି। ଆଜିର କରୋନା ବିଭୀଷିକା ସମୟରେ ସମସ୍ତେ କରୋନା, ପ୍ରତିଷେଧକ ଟିକା, ଔଷଧର ବ୍ୟବହାର ଏହାକୁ ନେଇ ସଚେତନ ହେବାସହ ଉତ୍ସୁକ ହେଉଛୁ ଏହା ବିଷୟରେ କିଛି ଜାଣିବା ପାଇଁ। କିନ୍ତୁ ଏହି ସଚେତନତା ଭିତରେ ଗୋଟିଏ ଦିଗକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରିବା ସହ ବିଲ୍‌କୁଲ ଭୁଲିଯାଉଛୁ କହିଲେ ଚଳେ। ଅନେକେ ହୁଏତ ଜାଣି ନ ଥିବେ ଯେ କରୋନାର ବର୍ଜ୍ୟବସ୍ତୁ ବର୍ତ୍ତମାନ ସହିତ ଆଗାମୀ ଦିନ ପାଇଁ ଏକ ଭୟଙ୍କର ସ୍ୱାସ୍ଥ୍ୟଗତ ବିପଦ ସୃଷ୍ଟି କରିବାକୁ ଯାଉଛି। କାରଣ କରୋନା ଚିକିତ୍ସା କ୍ଷେତ୍ରରେ ବ୍ୟବହାର ହେଉଥିବା ଗ୍ଲୋଭସ କୁହନ୍ତୁ ବା ପିପିଇ କିଟ, ମାସ୍କ ହେଉ ବା ଫେସ ସିଲିକର ଏସବୁ ଠିକ ଭାବେ ବର୍ଜ୍ୟ ହେବାପରେ ଯଦି ଏହାର ଚିକିତ୍ସା ବ୍ୟବସ୍ଥା ଅନୁଯାୟୀ ନଷ୍ଟ କରା ନ ଯିବ ତାହାହେଲେ ଏହା ଯେଉଁ ପ୍ରକାର ବିପଦ ଭିତରକୁ ପୃଥିବୀବାସୀଙ୍କୁ ଠେଲିଦେବ ତାହା କଳ୍ପନାର ବାହାରେ।

ଆଜିକା ସମୟରେ ସମଗ୍ର ବିଶ୍ୱରେ କରୋନା ପାଇଁ ପ୍ରତି ମାସରେ ୯୦ଲକ୍ଷ ମାସ୍କ, ୬୭ଲକ୍ଷ ଗ୍ଲୋଭସ୍ ଓ ୧୬ଲକ୍ଷ ଗଗଲସର ଆବଶ୍ୟକତା ପଡୁଛି। ଭାରତରେ ଦିନକୁ ୪.୫ଲକ୍ଷ ପିପିଇ କିଟ୍ ତିଆରି ହେଉଛି ତେବେ ଏସବୁର ବ୍ୟବହାର ହେଉଥିବାବେଳେ ଏହାର ନଷ୍ଟ ପ୍ରକ୍ରିୟା ବିଲ୍‌କୁଲ ଅର୍ଥସାପେକ୍ଷ ଓ ଏକ ବିରାଟ ବଡ଼ ସାଧନ ବି ଦରକାର। କୋଭିଡ୍ ଡାକ୍ତରଖାନାରେ ସର୍ବାଧିକ ସତର୍କତା ଅବଲମ୍ବନ କରାଯାଉଥିଲେ ମଧ୍ୟ ଆଗାମୀ ୨୦୨୨ ସୁଦ୍ଧା ଦେଶରେ ଦୈନିକ ୭୭୫ଟନରୁ ଅଧିକ ମେଡିକାଲ ବର୍ଜ୍ୟ ବାହାରିବାର ସମ୍ଭାବନା ରହିଛି, ଯାହାର ପରିଣାମ ବର୍ତ୍ତମାନ ହେଉଛି ୫୫୦ ଟନ୍। ଲକ୍‌ଡାଉନ୍ ପୂର୍ବରୁ ଭାରତରେ ଯେତେବେଳେ ୫୦୦ କରୋନା ମାମଲା ଥିଲା ସେତେବେଳେ ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ କରୋନା ପାଇଁ ବାହାରୁଥିବା ମେଡିକାଲ ବର୍ଜ୍ୟକୁ ନଷ୍ଟ କରିବା ପାଇଁ ଗାଇଡ ଲାଇନ ଜାରି ହୋଇଥିଲା। ଏହି ଗାଇଡ ଲାଇନ ଅନୁସାରେ କରୋନା ୱାର୍ଡରୁ ଯାହା ବି ବର୍ଜ୍ୟ ବାହାରିବ ତାକୁ ଏକ ସ୍ୱତନ୍ତ୍ର କୋଭିଡ୍ ୱେଷ୍ଟ ବିଚାର କରାଯାଇ ନଷ୍ଟ କରାଯିବାର ପ୍ରକ୍ରିୟା ରଖାଯିବ। କରୋନା ପ୍ରକୋପରୁ ବର୍ତ୍ତିବା ପାଇଁ ଗ୍ଲୋଭସ, ପିପିଇ କିଟ, ଗାଉନ୍, ମାସ୍କ, ଫେସ ସିଲ୍‌କ କିମ୍ବା ଗଗଲସ ଆଦି ବ୍ୟବହାର ହେଉଛି। ପ୍ଲାଷ୍ଟିକରୁ ତିଆରି ଏହି ପଦାର୍ଥ ହିଁ ବଡ଼ ଚିନ୍ତାର କାରଣ। ଚିନ୍ତା ଆହୁରି ମଧ୍ୟ ବଢ଼ାଇ ଦେଉଛି ଯେ ଏସବୁ ଜିନିଷ ସିଙ୍ଗଲ ୟୁଜ ପ୍ଲାଷ୍ଟିକରୁ ତିଆରି ହୋଇଥାଏ, ଯାହା କି ଥରେ ବ୍ୟବହୃତ ହେବାପରେ ଏହାକୁ ନଷ୍ଟ କରାଯିବା ଅତ୍ୟନ୍ତ ଜରୁରୀ। ସଂକ୍ରମଣ ରୋକିବାକୁ କରୋନା ୱାର୍ଡରେ କାମ କରୁଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ ମଧ୍ୟ ପରାମର୍ଶ ଦିଆଯାଇଛି ଯେ, ଥରେ ୱାର୍ଡରୁ ବାହାରିବା ପରେ ନିଜର ସମସ୍ତ ସେଫ୍ଟି ଇକ୍ୱିପମେଣ୍ଟକୁ ବାହାର କରି ଦେବାକୁ। ଫଳରେ ଯେତେଥର ଡାକ୍ତର କିମ୍ବା କୌଣସି ସ୍ୱାସ୍ଥ୍ୟକର୍ମୀ ୱାର୍ଡରୁ ବାହାରକୁ ଆସିଥାନ୍ତି ୱାର୍ଡ ମଧ୍ୟକୁ ଯିବା ପାଇଁ ତାଙ୍କୁ ପୁନର୍ବାର ସୁରକ୍ଷା ଉପକରଣ ପିନ୍ଧିବାକୁ ପଡ଼ିଥାଏ।

ହସ୍ପିଟାଲ କିମ୍ବା କୋଭିଡ୍ ୱାର୍ଡରୁ ବାହାରୁଥିବା ମେଡିକାଲ ବର୍ଜ୍ୟକୁ ତ ସଂଗ୍ରହ କରାଯାଉଛି ଓ ସରକାରଙ୍କ ଗାଇଡଲାଇନ ଅନୁଯାୟୀ ନଷ୍ଟ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଗାଇଡଲାଇନ ଅନୁଯାୟୀ ମେଡିକାଲ ପେସେଣ୍ଟ ଓ ହସ୍ପିଟାଲ ଷ୍ଟାଫ୍ ବ୍ୟବହାର କରୁଥିବା ମାସ୍କ ଓ ଅନ୍ୟ ମେଡିକାଲ କିଟ୍‌ଗୁଡ଼ିକୁ ଠିକ୍ ଭାବେ ବିଶୋଧନ କରାଯିବା ସହ ଉଚ୍ଚତାପମାତ୍ରାରେ ନଷ୍ଟ କରି ଦିଆଯିବ। କିନ୍ତୁ ସାଧାରଣ ଲୋକମାନଙ୍କ ପାଇଁ ସେପରି କିଛି ସୂଚନା ବା ଗାଇଡଲାଇନ ନିର୍ଧାର୍ଯ୍ୟ ହୋଇନାହିଁ। ଚିନ୍ତାଟି ହେଉଛି ଏହା ବ୍ୟବହୃତ ପରେ ଏହାର ନଷ୍ଟ କରିବାର ପ୍ରକ୍ରିୟା। କରୋନା ଚିକିତ୍ସା କ୍ଷେତ୍ରରେ ପ୍ରତ୍ୟହ ବ୍ୟବହୃତ ହେଉଥିବା ପିପିଇ କିଟ୍, ଗ୍ଲୋଭସ ଓ ମାସ୍କ ଏସବୁକୁ ବ୍ୟବହାର ପରେ ବାହାରେ ଫିଙ୍ଗି ଦିଆଗଲେ ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା ବଢ଼ିଯାଏ।

ଏନ୍–୯୫ ମାସ୍କ ପଲିପ୍ରୋପିଲିନ ପ୍ଲାଷ୍ଟିକରେ ତିଆରି କରାଯାଏ। ଫେସ ସିଲ୍କ ଓ ଗଗଲସ ଫେସ ସିଲ୍କ ପିଇଟି ପ୍ଲାଷ୍ଟିକ ଓ ଗଗଲ୍ସ ପଲିକାବୋନେଟ ପ୍ଲାଷ୍ଟିକରେ ତିଆରି ହୋଇଥାଏ। ଗ୍ଲୋଭସ ଏହା ଲ୍ୟାଟେକ୍ସ କିମ୍ବା ନାଇଟ୍ରେଇଲ ରବରରେ ତିଆରି ହୋଇଥାଏ। ଗାଉନ୍ ଓ ପିପିଇ କିଟ ଏହା ମଧ୍ୟ ପିଇଟି ପ୍ଲାଷ୍ଟିକରେ ତିଆରି କରାଯାଏ। କରୋନା ମହାମାରୀ ଏବେ ବିଶ୍ୱ ପାଇଁ ଯେପରି ଆତଙ୍କ ସୃଷ୍ଟି କରିଛି ଏହା କବଳରୁ ମୁକୁଳିବା ଏବେ ସମସ୍ତଙ୍କ ପାଇଁ ପ୍ରାଥମିକତା ପାଲଟିଛି। ତେବେ ଏହାର ଅର୍ଥ ନୁହେଁ ଆମେ ବର୍ତ୍ତମାନର କଥା ଚିନ୍ତା କରି ଭବିଷ୍ୟତ କଥା ଭୁଲିଯିବା, ଯଦ୍ୱାରା ଆଗାମୀ ଦିନରେ କରୋନାଠାରୁ ଆହୁରି ଏକ ଭୟଙ୍କର ଭାଇରସ୍ ସୃଷ୍ଟି ହୋଇ ଆମ ପ୍ରଗତିରେ ବାଟ ଓଗାଳିବ। ଏଣୁ କରୋନାରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ବୃଦ୍ଧି ପାଉଥିବା ପ୍ଲାଷ୍ଟିକ ସୁରକ୍ଷା ଉପକରଣଗୁଡ଼ିକୁ କିପରି ଠିକ୍ ଭାବରେ ନଷ୍ଟ କରାଯାଇ ପାରିବ ଏହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଏହା ସହ ସାଧାରଣ ଜନତା ମଧ୍ୟ କରୋନା ବର୍ଜ୍ୟ ନଷ୍ଟ କରିବା ସମୟରେ ସରକାରଙ୍କ ଗାଇଡଲାଇନ ଅନୁସରଣ କରିବା ଉଚିତ।

ନ୍ୟାଶନାଲ ଜିଓଗ୍ରାଫିକର ଏକ ରିପୋର୍ଟ ଅନୁଯାୟୀ ପ୍ଲାଷ୍ଟିକର ଗୋଟିଏ ବୋତଲ ଯଦି ସମୁଦ୍ର ମଧ୍ୟକୁ ଚାଲିଯିବ ତେବେ ତାହା ନଷ୍ଟ ହେବାକୁ ପ୍ରାୟ ୪୫୦ ବର୍ଷ ଲାଗିଯିବ। ଏହି ପ୍ଲାଷ୍ଟିକ ବୋତଲ ପଲିଥିନ୍ ଟେରିଫ୍ଥଲେଟ ଅର୍ଥାତ୍ ପିଇଟି ପ୍ଲାଷ୍ଟିକରେ ତିଆରି ହୋଇଥାଏ। ଏହି ପିଇଟି ପ୍ଲାଷ୍ଟିକରେ ପିପିଇ କିଟ୍, ଗାଉନ ଓ ଫେସ ସିଲ୍କ ମଧ୍ୟ ତିଆରି ହେଉଛି। ମାସ୍କ, ମେଡିସିନ ପ୍ୟାକେଜିଂ, ସିରିଞ୍ଜ, ମେଡିକାଲ ଡିଭାଇସେସ, ସାନିଟାଇଜର ବୋତଲ ଇତ୍ୟାଦି ପ୍ଲାଷ୍ଟିକ ତିଆରି। ଏକ ଅଧ୍ୟୟନରୁ ଜଣାଯାଇଛି କରୋନା ରୋଗୀ ସହ ସମ୍ପର୍କରେ ଆସିବାର ଚାରି ଦିନ ପର୍ଯ୍ୟନ୍ତ ପିପିଇ କିଟ୍‌ରେ ଭାଇରସ ଜୀବିତ ରହିପାରେ। ଏହି ବିପଦରୁ ରକ୍ଷା ପାଇବା ଲାଗି ଏହି ମେଡିକାଲ ବର୍ଜ୍ୟକୁ ସଂଗ୍ରହ କରି ତାହାର ରିସାଇକ୍ଲିଂ କରିବା ଆବଶ୍ୟକ। ଏହା ବ୍ୟତୀତ ସାଧାରଣ ଲୋକମାନେ ପ୍ଲାଷ୍ଟିକରେ ତିଆରି ମାସ୍କ ଓ ସିଙ୍ଗଲ ୟୁଜ ମାସ୍କ ପରିବର୍ତ୍ତେ କପଡ଼ାରେ ତିଆରି ମାସ୍କ ବ୍ୟବହାର କରିବା ଉଚିତ। ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ମଧ୍ୟ ସମସ୍ତ ସୁସ୍ଥ ବ୍ୟକ୍ତିଙ୍କୁ କପଡ଼ାରେ ତିଆରି ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ତେବେ କପଡ଼ାରେ ତିଆରି ଏହି ମାସ୍କ ତିନି ପରସ୍ତ ହେବା ଉଚିତ। କପଡ଼ାରେ ତିଆରି ମାସ୍କକୁ ଆପଣ ଭଲ ଭାବେ ସଫା କରି ପୁନର୍ବାର ମଧ୍ୟ ବ୍ୟବହାର କରିପାରିବେ। ଏଣୁ କରୋନା ବର୍ଜ୍ୟର ପରିଚାଳନା ଠିକ୍‌ଭାବେ କରା ନ ଗଲେ ବିଶ୍ୱ ପାଇଁ ଏହି ବର୍ଜ୍ୟ ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି।

ଏମ୍‌ସି ୩୧, ମଧୁବନ, ପାରାଦୀପ ପୋର୍ଟ,
ଦୂରଭାଷ: ୯୪୩୭୦୨୨୦୬୧

## ଏଇ ଭାରତରେ

ଜଙ୍ଗଲ ଧ୍ୱଂସ ହେବା ଯୋଗୁ ହାତୀ ମଣିଷଙ୍କ ଲଢେଇ ଜାରି ରହିଛି। ଏଥିରେ ବହୁ ହାତୀ ମୃତ୍ୟୁମୁଖରେ ପଡୁଥିବାବେଳେ ଅନେକ ଧନ ଜୀବନ ନଷ୍ଟ ହେଉଛି। ଏହାକୁ ରୋକିବା ଲାଗି ବନବିଭାଗ ଲୋକମାନଙ୍କୁ ସଚେତନ କରୁଛି ସତ, କିନ୍ତୁ ବ୍ୟକ୍ତିଗତ ପ୍ରୟାସରେ ଏଭଳି ସଂଘର୍ଷକୁ ରୋକିବାରେ ସଫଳତା ପାଉଛନ୍ତି ତାମିଲନାଡୁର ଆନନ୍ଦ କୁମାର। କୁମାର ଜଣେ ବନ୍ୟଜନ୍ତୁ ସଂରକ୍ଷକ। ସେ ମୋବାଇଲ ଫୋନ୍ ମାଧ୍ୟମରେ ତାମିଲନାଡୁର ବେଲପରାଇ ଅଞ୍ଚଳରେ ହାତୀଙ୍କୁ ବଞ୍ଚାଇବାରେ ଲାଗିଛନ୍ତି। କୁମାର ମୋବାଇଲରେ ହାତୀମାନଙ୍କ ଉପସ୍ଥିତି ଟ୍ରାକିଂ କରି ଲୋକମାନଙ୍କୁ ଅବଗତ କରୁଛନ୍ତି। ଫଳରେ ଲୋକମାନେ ହାତୀ ଆସିବା ପୂର୍ବରୁ ସତର୍କ ରହୁଛନ୍ତି ଓ ସେମାନଙ୍କ ମଧ୍ୟରେ ସମ୍ଭାବ୍ୟ ସଂଘର୍ଷକୁ ଏଡାଇ ଦେଇ ହେଉଛି। ସେ ଆବିଷ୍କାର କରିଥିବା ପଦ୍ଧତିରେ ସ୍ଥାନୀୟ ଅଞ୍ଚଳରେ ଟିଭିରେ ହାତୀ ଧୀରେ ଧୀରେ ଚାଲିବାର ଦୃଶ୍ୟ ନଜରକୁ ଆସିଥାଏ। ଏହାଦ୍ୱାରା ଲୋକେ ସତର୍କ ହୋଇଯାନ୍ତି ଓ କୌଣସି କାର୍ଯ୍ୟରେ ବାହାରକୁ ଯାଇ ନ ଥାନ୍ତି। ଯଦି କୌଣସି ଲୋକ ବାହାରେ ରହିଥାନ୍ତି ତେବେ ସେମାନଙ୍କୁ ହାତୀ ଉପସ୍ଥିତି ସମ୍ପର୍କରେ ଜଣାଇବା ପାଇଁ ମୋବାଇଲ ଏସ୍ଏମ୍ଏସ୍ ସର୍ଭିସ ଆରମ୍ଭ କରିଛନ୍ତି କୁମାର। ହାତୀ ବିଚରଣ କରୁଥିବା ନିର୍ଦ୍ଦିଷ୍ଟ ଅଞ୍ଚଳର ବ୍ୟକ୍ତିମାନଙ୍କୁ ସେ ଇଂଲିଶ ଓ ତେଲୁଗୁରେ ମେସେଜ ଦେଇଥାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨ ସେପ୍ଟେମ୍ବର ୧୯୯୫

- ବରିଷ୍ଠ କଂଗ୍ରେସ ନେତା ତଥା ମେଘାଳୟର ପୂର୍ବତନ ରାଜ୍ୟପାଳ ଏ.ଏ. ରହିମଙ୍କ ୭୬ ବର୍ଷ ବୟସରେ ପରଲୋକ।
- ବିଶ୍ୱ ଉଷ୍ଟ ପ୍ରତିଯୋଗିତାରେ ଇଂ. ସୁଧାଂଶୁ ଶେଖର ହରିଚନ୍ଦନ ଓ ତାଙ୍କର ଛାତ୍ର ଆଶିଷ ଚକ୍ରବର୍ତ୍ତୀ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ରାଜ୍ୟ ପାଇଁ ସୁନାମ ଅର୍ଜନ କରିଛନ୍ତି।
- ରାଜ୍ୟରେ ପ୍ରଥମ ଥର ପାଇଁ ଓଡ଼ିଶା ବିଳାସ ସାମଗ୍ରୀ କର ଆଇନ ଲାଗୁ କରାଯାଇଛି।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 6 | | | | 4 | | 3 | 2 | 0 | D | E |
| | | | | | | | | 7 | | 9 | | | | 5 |
| | E | | | | C | D | | | 4 | | | | 9 | |
| | 3 | C | 0 | | 1 | B | A | | 5 | | | 4 | | |
| 9 | | | | | 8 | 6 | | | | A | | | | |
| C | | 5 | | 1 | 3 | | | A | 7 | | 6 | | | |
| 3 | | | 5 | | 9 | | D | | E | 2 | | | A | 7 |
| | 6 | | | | A | | E | | | | | | | |
| | | | | | 2 | | 1 | | | | 5 | C | | |
| | | | | E | | 9 | | 3 | 0 | | B | | | |
| | 8 | | | 4 | | | | | | | | | | 9 |
| | B | 4 | | | | 5 | 9 | | | | | | 2 | |
| | | D | | 2 | 6 | | 4 | | | | | 5 | 7 | 0 |
| | | | D | | 0 | 7 | | | 3 | | | | | 1 |
| 6 | | A | 1 | 7 | | | B | 2 | | | D | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 3 | 5 | A | 8 | D | 2 | 4 | 6 | 9 | 1 | B | 7 | C | E |
| 1 | B | 6 | 2 | 7 | 4 | 5 | 3 | 9 | C | 0 | E | A | 8 | D |
| 9 | C | 8 | 6 | E | B | 1 | A | 7 | 4 | D | 2 | 0 | 3 | 5 |
| A | 2 | D | C | 1 | 3 | 0 | E | B | 8 | 5 | 7 | 4 | 9 | 6 |
| 7 | 4 | E | 9 | 5 | 0 | C | 8 | D | A | 3 | 6 | B | 2 | 1 |
| 6 | E | 2 | 3 | B | A | D | 0 | 8 | 1 | 4 | C | 5 | 7 | 9 |
| 8 | 1 | B | 4 | 6 | C | 9 | 7 | 5 | E | 2 | A | 3 | D | 0 |
| D | 0 | 7 | 5 | 9 | E | 4 | 2 | 1 | 6 | B | 3 | 8 | A | C |
| 3 | 9 | C | 1 | 0 | 7 | 6 | B | A | 5 | 8 | D | E | 4 | 2 |
| 5 | A | 4 | D | 2 | 8 | E | C | 3 | 0 | 7 | 9 | 6 | 1 | B |
| C | 5 | A | B | 4 | 2 | 7 | 1 | 0 | D | E | 8 | 9 | 6 | 3 |
| 2 | 6 | 0 | 8 | 3 | 9 | B | 5 | C | 7 | A | 1 | D | E | 4 |
| E | 8 | 9 | 7 | D | 5 | 3 | 6 | 4 | 2 | C | 0 | 1 | B | A |
| 4 | D | 3 | E | A | 1 | 8 | 9 | 2 | B | 6 | 5 | C | 0 | 7 |
| B | 7 | 1 | 0 | C | 6 | A | D | E | 3 | 9 | 4 | 2 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରାମାଞ୍ଚଳ ପୋଷ୍ଟ ଅଫିସର ଦୁରବସ୍ଥା

ମହାଶୟ,

କରୋନା ମହାମାରୀରେ ଲୋକମାନଙ୍କ ସୁବିଧା ପାଇଁ ଗତ ଜୁଲାଇରେ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ପୋଷ୍ଟ ଅଫିସକୁ ଗୁରୁତ୍ୱ ଦେଇଛନ୍ତି। ସହଜ ଓ ସୁବିଧାରେ ଆଧାର ସଂଯୁକ୍ତ, ସରକାରୀ ଯୋଜନାରେ ଟଙ୍କା ଉଠାଣ ସହିତ ପୂର୍ବପରି ଚିଠିପତ୍ର, ତାର ଓ ଟଙ୍କା ଆଦାନ ପ୍ରଦାନ ଆଦି କାର୍ଯ୍ୟ ହେବ ବୋଲି ଲକ୍ଷ୍ୟ ରଖିଛନ୍ତି। ମାତ୍ର ଦୁଃଖର କଥା ଗ୍ରାମାଞ୍ଚଳ ପୋଷ୍ଟ ଅଫିସର ଭିତ୍ତିଭୂମି ପ୍ରତି ସରକାରଙ୍କର ଦୃଷ୍ଟି ଥିବା ଭଳି ମନେହେଉନି। ଗୋଟିଏ ହେଲେ ପୋଷ୍ଟ ଅଫିସର ନିଜସ୍ୱ ଘର ନାହିଁ। ଭଡ଼ାଘରେ ଚାଲିଛି, ତାହା ପୁଣି ଚାଳ ଛପର ଘର। ବର୍ଷାଦିନେ ଘରୁ ପାଣି ଗଳୁଛି। ଗ୍ରାହକମାନଙ୍କ ପାଶ୍‌ବୁକ୍, ଚିଠିପତ୍ର ସରକାରୀ କାଗଜପତ୍ର ଓ ଟଙ୍କା ପଇସାର ସୁରକ୍ଷା ନାହିଁ। ତେଣୁ ପୋଷ୍ଟମାଷ୍ଟରମାନେ ନିଜ ଘରକୁ ପୋଷ୍ଟଅଫିସ ଉଠାଇ ନେଉଛନ୍ତି। ଫଳରେ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାର ଗ୍ରାମାଞ୍ଚଳ ପୋଷ୍ଟ ଅଫିସ ଭିତ୍ତିଭୂମି ପ୍ରତି ଦୃଷ୍ଟି ଦେଇ ଉପୁଜୁଥିବା ଅସୁବିଧାଗୁଡ଼ିକ ଦୂର କରିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ।

ଭଗବାନ ଦାସ, ନାରାୟଣପୁର, କେନ୍ଦ୍ରାପଡ଼ା

## ଚିରନ୍ତନୀ

ଝିଙ୍କାରୀ ଗୁଞ୍ଜନ ବୀଣା
ବନପଥେ ରଟେ,
ତୃଷିତ କାତର ଶ୍ୱାନ
ଶୁଏ ଜଳତଟେ। (ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟେଲିକମ କମ୍ପାନୀଙ୍କୁ ବଡ଼ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧।୯**

ଆଡ୍‌ଜଷ୍ଟେଡ୍ ଗ୍ରସ ରେଭେନ୍ୟୁ (ଏଜିଆର୍) ମାମଲାରେ ଟେଲିକମ କମ୍ପାନୀଙ୍କୁ ବଡ ଆଶ୍ୱସ୍ତି ମିଳିଛି। ସୁପ୍ରିମକୋର୍ଟ ମଙ୍ଗଳବାର ଏହି ମାମଲାର ଶୁଣାଣି କରି କମ୍ପାନୀଗୁଡିକୁ ୧୦ ବର୍ଷ ସମୟ ଦେଇଛନ୍ତି। ଏହି ଅବଧି ମଧ୍ୟରେ ଟେଲିକମ କମ୍ପାନୀଗୁଡିକ ଏଜିଆର୍ ଦେୟ ବାବଦକୁ କେନ୍ଦ୍ର ସରକାରଙ୍କୁ ୧.୫ ଲକ୍ଷ କୋଟି ଟଙ୍କାର ଦେୟ ପଇଠ କରିବେ। ଜଷ୍ଟିସ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏଜିଆର୍ ମାମଲାର ଶୁଣାଣି କରିଛନ୍ତି। ୨୦୩୧ ସୁଦ୍ଧା କମ୍ପାନୀଗୁଡିକ ଦେୟ ପଇଠ କରି ସେମାନଙ୍କ ବକେୟା ରାଶି ସୁଝି ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟ ଅନୁମତି ପ୍ରଦାନ କରିଛନ୍ତି। ଟେଲିକମ କମ୍ପାନୀଙ୍କୁ ୨୦ ବର୍ଷ ସମୟ ଦେବା ଲାଗି କେନ୍ଦ୍ର ସରକାର ଆବେଦନ କରିଥିଲେ। ହେଲେ ସୁପ୍ରିମକୋର୍ଟ ୧୦ ବର୍ଷ ମହଲତ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୋଟ ଦେୟର ୧୦% ପ୍ରଦାନ କରିବାକୁ କମ୍ପାନୀଙ୍କୁ ନିର୍ଦ୍ଦେଶ ରହିଛି। କୋଭିଡ ପାଇଁ ୨୦୨୧ ମାର୍ଚ୍ଚ ସୁଦ୍ଧା ଏହି ଅର୍ଥ କମ୍ପାନୀ ପ୍ରଦାନ କରିପାରିବେ। ଦେୟ ପଇଠ ନେଇ କମ୍ପାନୀଗୁଡିକର ଏମ୍‌ଡି ତଥା ସିଇଓ ବ୍ୟକ୍ତିଗତ ଗ୍ୟାରେଣ୍ଟିର ଏକ ଲିଖିତ ଦସ୍ତାବିଜ ନ୍ୟାୟାଳୟଙ୍କୁ ପ୍ରଦାନ କରିବେ।

କିନ୍ତୁ ପଇଠ କରିବାକୁ ସକ୍ଷମ ନ ହେଲେ ଅଦାଲତ ଅବମାନନା ସହ ବିଳମ୍ବ ଦେୟ ଏବଂ ଜରିମାନା ମଧ୍ୟ ପ୍ରଦାନ କରିବେ। ଦେବାଳିଆ କମ୍ପାନୀଗୁଡିକର ସ୍ପେକ୍ଟ୍ରମ ବିକ୍ରି ପ୍ରସଙ୍ଗ ଉପରେ ସର୍ବୋଚ୍ଚ ନ୍ୟାୟାଳୟ କିଛି ଶୁଣାଣି କରିନାହାନ୍ତି। ଏହା ଉପରେ ଏନ୍‌ସିଏଲ୍‌ଟି ଶୁଣାଣି କରିବେ ବୋଲି ଜଣାପଡିଛି। ମାର୍ଚ୍ଚ ୧୭ ସୁଦ୍ଧା ସରକାରଙ୍କୁ ଏଜିଆର୍ ଦେୟ ପଇଠ କରିବାକୁ ସୁପ୍ରିମକୋର୍ଟ ଟେଲିକମ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ କିଛି ପରିମାଣରେ ଦେୟ କମ୍ପାନୀଗୁଡିକ ନିଜେ ଆକଳନ କରି ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ଆଶ୍ୱସ୍ତି ପ୍ରଦାନ କରି ନ ଥିଲେ ଭୋଡାଫୋନ ଆଇଡିଆ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଥାନ୍ତା। ଏହି କମ୍ପାନୀ ବର୍ତ୍ତମାନ ସୁଦ୍ଧା ୭୮୫୪ କୋଟି ଟଙ୍କା ପ୍ରଦାନ କରିସାରିଛି। ଏହା ଉପରେ ମୋଟ ୫୦ ହଜାର କୋଟି ଟଙ୍କାର ବକେୟା ରହିଛି। ୧୮ ହଜାର କୋଟି ଟଙ୍କା ଦେୟ ପ୍ରଦାନ କରିଥିବା ଭାରତୀ ଏୟାରଟେଲ ସୂଚନା ପ୍ରଦାନ କରିଛି। ଏହା ଆଉ ୨୫୯୭୬ କୋଟି ଟଙ୍କା ସରକାରଙ୍କୁ ପ୍ରଦାନ କରିବ।






- ସୁପ୍ରିମକୋର୍ଟ ଦେଲେ ଗୁରୁତ୍ୱପୂର୍ଣ୍ଣ ରାୟ
- ୧୦ ବର୍ଷରେ ଏଜିଆର୍ ଦେୟ ଦେବେ କମ୍ପାନୀ

## ସଂକ୍ଷେପରେ

### ବ୍ୟାଙ୍କ ସହ ସୂଚନା ବିନିମୟ କରିବ ଆୟକର ବିଭାଗ




**ନୂଆଦିଲ୍ଲୀ,୧।୯:** ଆୟକର ବିଭାଗ ପକ୍ଷରୁ ବ୍ୟାଙ୍କଗୁଡିକ ସହ ସୂଚନା ବିନିୟମ ହୋଇ ପାରିବ। ଟିଡିଏସ୍ କ୍ଷେତ୍ରରେ ରହୁଥିବା ବିଭିନ୍ନ ସମସ୍ୟା ସମାଧାନ କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ସୂଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ସିବିଡିଟି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆୟକର ବିଭାଗ ଅନ୍ୟ ଏଜେନ୍ସିଗୁଡିକ ସହ ସୂଚନା ଆଦାନ ପ୍ରଦାନ କରିପାରିବ ବୋଲି ଆୟକର ଆଇନ ଧାରା ୧୩୮ରେ ଉଲ୍ଲେଖ ରହିଛି।

### ୟୁନିୟନ୍ ଏଏମ୍‌ସିର ନୂଆ ଫଣ୍ଡ

**ନୂଆଦିଲ୍ଲୀ,୧।୯:** ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଡାଇ-ଇଚି ଲାଇଫ ହୋଲ୍‌ଡିଙ୍ଗସ୍, ଆଇଏନ୍‌ସିର ସହଯୋଗୀ ସଂସ୍ଥା ୟୁନିୟନ୍ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ (ଏଏମ୍‌ସି) ପକ୍ଷରୁ ୟୁନିଅନ୍ ମିଡିୟମ୍ ଡ୍ୟୁରେସନ ଫଣ୍ଡର ଉନ୍ମୋଚନ କରାଯାଇଛି। ଏହା ହେଉଛି ଏକ ଓପନ ଏଣ୍ଡେଡ୍ ମଧ୍ୟବର୍ତ୍ତୀ କାଳୀନ ଡେବ୍‌ଟ୍ ସ୍କିମ ଯାହା ୩ ରୁ ୪ ବର୍ଷ ମଧ୍ୟରେ ମୈକାଲେ ଅବଧିର ପୋର୍ଟଫୋଲିଓ ଭଳି ଉପକରଣରେ ନିବେଶ କରାଯାଉଛି। ୟୁନିଅନ୍ ମିଡିଅମ୍ ଡ୍ୟୁରୋସନ ଫଣ୍ଡର ଏନ୍‌ଏଫ୍‌ଓ ଅଗଷ୍ଟ ୨୪ରେ ଉନ୍ମୁକ୍ତ ହେବ ଏବଂ ସେପ୍ଟେମ୍ବର ୭ରେ ବନ୍ଦ ହେବ। ସେହିଭଳି ସେପ୍ଟେମ୍ବର ୧୪ରେ ଆବଣ୍ଟନ କରାଯିବ ଏବଂ ନିରନ୍ତର ବିକ୍ରି ଓ କିଣାକିଣି ଲାଗି ଏହା ପୁଣି ସେପ୍ଟେମ୍ବର ୨୧ରେ ଖୋଲିବ। କ୍ରିସିଏ ମିଡିଅମ ଟର୍ମ ଡେବ୍‌ଟ ଇଣ୍ଡେକ୍ସ ବିରୋଧରେ ଏହି ସ୍କିମକୁ ବେଞ୍ଚମାର୍କ କରାଯାଇଛି । କମ୍ପାନୀର ଏହି ସ୍କିମ୍‌କୁ ପାରିଜାତ ଅଗ୍ରୱାଲ ଓ ଆନିନ୍ଦ୍ୟ ସରକାର ପରିଚାଳନା କରିବେ ବୋଲି ସୂଚନା ମିଳିଛି। ଏହି ସ୍କିମ ପାଇଁ ସର୍ବନିମ୍ନ ୫ହଜାର ଟଙ୍କାର ନିବେଶ ଆବଶ୍ୟକ ଏବଂ ଏହା ପରେ ୧ଟଙ୍କା ଲେଖାଏ ଗୁଣିତକ ହେବ। ଏ ସମ୍ପର୍କରେ ୟୁନିଅନ ଆସେଟ ମ୍ୟାନେଜମେଣ୍ଟର ସିଇଓ ଜି ପ୍ରଦୀପ କୁମାର କହିଛନ୍ତି ଯେ ୟୁନିଅନ ମିଡିଅମ ଡ୍ୟୁରୋସନ ଫଣ୍ଡ ଉନ୍ମୋଚନ ହେଉଛି ଫିକ୍ସଡ ଇନ୍‌କମ ଡେବ୍‌ଟ ସ୍କିମରେ ରହୁଥିବା ଅନ୍ତରକୁ ଦୂର କରିବା ଦିଗରେ ଏକ ପଦକ୍ଷେପ।

# ୧୦.୯% ଖସିପାରେ ରିୟଲ ଜିଡିପି




**ନୂଆଦିଲ୍ଲୀ,୧।୯**

ପ୍ରଥମ ତ୍ରୈମାସରେ ଦେଶର ମୋଟ୍ ଘରୋଇ ଉତ୍ପାଦ (ଜିଡିପି)୨୩.୯% ଖସିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଦେଶର ରିୟଲ ଜିଡିପି ୧୦.୯% ଖସିପାରେ ବୋଲି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏହାର ଇକୋରାପ୍ ରିପୋର୍ଟରେ ପ୍ରକାଶ କରିଛି। ଚଳିତ ଆର୍ଥିକ ବର୍ଷ ଦେଶର ଜିଡିପି -୬.୮% ଖସିବା ନେଇ ଏହା ପୂର୍ବରୁ ଆକଳନ କରିଥିଲା। ଚଳିତ ବର୍ଷ ଜାନୁୟାରୀ-ମାର୍ଚ୍ଚ ସମୟରେ ଜିଡିପି ୩.୧% ଅଭିବୃଦ୍ଧି ହୋଇଥିଲା। ସେହିଭଳି ଗତବର୍ଷ ଏହି ଅବଧିରେ ଅଭିବୃଦ୍ଧି ୫.୨% ରହିଥିଲା। ଚଳିତ ଆର୍ଥିକ ବର୍ଷ ସାରା ଜିଡିପି ଖସିବା ନେଇ ବ୍ୟାଙ୍କ ଏହାର ରିପୋର୍ଟରେ ପ୍ରକାଶ କରିଛି। ଅଭିବୃଦ୍ଧି ନକରାତ୍ମକ ରହିବା ସହ -୧୦.୯% ରହିବ ବୋଲି ଏହା ଆଶଙ୍କା ପ୍ରକଟ କରିଛି। ଦ୍ୱିତୀୟ ତ୍ରୈମାସରେ ଜିଡିପି -୧୨ରୁ -୧୫%, ତୃତୀୟ ତ୍ରୈମାସରେ -୫ରୁ ୧୦% ଏବଂ ଚତୁର୍ଥ ତ୍ରୈମାସରେ ଏହା -୨ରୁ -୫% ଖସିବା ନେଇ ଆକଳନ କରାଯାଇଛି। କୋଭିଡ୍ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଲଗାତର ଖସୁଛି। କରୋନାକୁ ନିୟନ୍ତ୍ରଣ କରିବା ଲାଗି ସରକାର ଲାଗୁ କରିଥିବା ଲକ୍‌ଡାଉନ କାରଣରୁ ଅର୍ଥ ବ୍ୟବସ୍ଥାକୁ ଶକ୍ତ ଧକ୍କା ଲାଗିଛି। ଫଳରେ ଅର୍ଥ ବ୍ୟବସ୍ଥା ୨୩.୯% ଖସିଛି। ଏହା ଗତ ୪ ଦଶନ୍ଧି ମଧ୍ୟରେ ସବୁଠାରୁ ବଡ କ୍ଷତି ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

**ଏସ୍‌ବିଆଇର ଆକଳନ**

# ସନ୍ତୋଷୀ ମୋଟର୍ସର ନୂଆ ଇ-ଯାନ ଶୋ'ରୁମ୍




**ଭୁବନେଶ୍ୱର,୧।୯ :** ସନ୍ତୋଷୀ ମୋଟର୍ସ ପକ୍ଷରୁ ସ୍ଥାନୀୟ ଆଇଗିଣିଆ ଛକରେ ଏକ ନୂଆ ଇଲେକ୍ଟ୍ରି ଗାଡି ଶୋ'ରୁମ ଶୁଭାରମ୍ଭ ହୋଇଛି। ମହାରାଷ୍ଟ୍ରର ଉଷା କମ୍ୟୁନିକେଶନ ଏବଂ ଏଣ୍ଟରପ୍ରାଇଜେସ (ୟୁସିଇ) ସହଯୋଗିତାରେ ଏହା ସ୍ଥାପନ କରାଯାଇଛି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ନୂତନ ଶୋ'ରୁମର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସନ୍ତୋଷୀ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ଇଂ ପ୍ରଦୀପ କୁମାର ପତ୍ରୀ ଶୋ ରୁମ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଆଜିର ଗ୍ରାହକମାନେ ଗାଡିର ଷ୍ଟାଇଲକୁ ନେଇ ବହୁ ସଚେତନ ଅଛନ୍ତି। ଏହାକୁ ନଜରରେ ରଖି ଶୋ'ରୁମ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ଇ-ଯାନର ବିଭିନ୍ନ ମଡେଲ ଆଣିବା ଯୋଜନା ରହିଛି। ଏଥି ଲାଗି ୟୁସିଇ କମ୍ପାନୀ ସହ ଚୁକ୍ତି କରିଛୁ ବୋଲି ପତ୍ରୀ ସୂଚନା ଦେଇଛନ୍ତି। ସେହିଭଳି ୟୁସିଇର ଜୋନାଲ ସେଲ୍ସ ମ୍ୟାନେଜର ଗଗନ ବିହାରୀ ରାଏ ଏବଂ ୟୁସିଇର ଆଡମିନ ହେଡ୍ ଇତିଶ୍ରୀ ଦାସ ଏହି ଇ-ଯାନ ସମ୍ପର୍କରେ ବିସ୍ତୃତ ଭାବରେ ସୂଚନା ଦେଇଥିଲେ। କମ୍ପାନୀ ଓ ଶୋ'ରୁମ ପକ୍ଷରୁ ବର୍ତ୍ତମାନ ସମୟରେ ବିଭିନ୍ନ ବର୍ଗର ଭିନ୍ନ ଭିନ୍ନ ମଡେଲର ଇ-ସ୍କୁଟର, ଇ-ବାଇକ, ଇ-ରିକ୍ସା,ଲୋଡର ରିକ୍ସା ଏବଂ ଇ-ସାଇକେଲ ଆଦି ବିକ୍ରି କରାଯିବାର ଯୋଜନା ରହିଛି।

## ଗାଲାକ୍ସି ନୋଟ୍‌୨୦ରେ ଅଫର୍

**ନୂଆଦିଲ୍ଲୀ,୧।୯:** ସାମ୍‌ସଙ୍ଗର ଅତ୍ୟାଧୁନିକ ଫୋନ ଗାଲାକ୍ସି ନୋଟ-୨୦ ଅଲଟ୍ରା ୫ଜି ଓ ଗାଲାକ୍ସି ନୋଟ-୨୦ ଉପରେ ଗ୍ରାହକମାନଙ୍କୁ କମ୍ପାନୀ ପକ୍ଷରୁ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଏହି ଅଫର ଗୁଡିକ ପାଇଁ କମ୍ପାନୀ ମାଇକ୍ରୋସଫ୍ଟ ଇଣ୍ଡିଆ ସହ ସହବନ୍ଧିତ ହୋଇଛି। ଫଳରେ କମ୍ପାନୀର ଏହି ମଡେଲ କ୍ରୟ ସମୟରେ ଗ୍ରାହକମାନେ ଏକ ସ୍ୱତନ୍ତ୍ର ମୂଲ୍ୟର ମାଇକ୍ରୋସଫ୍ଟ ୩୬୫ ପାଇଁ ଆକ୍‌ସେସ ପାଇପାରିବେ ବୋଲି ସୂଚନା ମିଳିଛି। ମାଇକ୍ରୋସଫ୍ଟ ୩୬୫ ହେଉଛି ମାଇକ୍ରୋସଫ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା ଏକ ଉତ୍ପାଦକତା କ୍ଷେତ୍ର, ଯାହାକି କ୍ଲାଉଡ ଷ୍ଟୋରେଜ ସହ ଅତ୍ୟାଧୁନିକ ସୁରକ୍ଷା ଓ ପ୍ରିମିୟମ ମାଇକ୍ରୋସଫ୍ଟ ଆପ୍ଲିକେଶନ ଅନ୍ତର୍ଭୁକ୍ତ କରାଯାଇଛି। ଉଭୟ କମ୍ପାନୀର ସହଭାଗିତା ଫଳରେ ଗ୍ରାହକମାନେ ବିଭିନ୍ନ ସୁବିଧା ସହ ଅତ୍ୟାଧୁନିକ ବ୍ୟବସ୍ଥା ଓ ଫିଚର ପାଇପାରିବେ।

# ଓଡ଼ିଶାରେ ଜିଏସ୍‌ଟି ୬% କମିଲା

**ନୂଆଦିଲ୍ଲୀ,୧।୯**




ଚଳିତ ବର୍ଷ ଅଗଷ୍ଟ ମାସରେ ଓଡିଶାରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସଂଗ୍ରହ ୬% ହ୍ରାସ ପାଇଛି। ଗତ ବର୍ଷ ଅଗଷ୍ଟରେ ୨୪୯୭ ଟଙ୍କା ଜିଏସ୍‌ଟି ସଂଗ୍ରହ ହୋଇଥିବା ବେଳେ ଚଳିତ ବର୍ଷ ଅଗଷ୍ଟରେ ଏହା ୨୩୪୮ କୋଟି ଟଙ୍କାକୁ ହ୍ରାସ ଘଟିଥିବା ଜଣାପଡିଛି। ଚଳିତ ବର୍ଷ ଜୁଲାଇରେ ସରକାର ୮୭,୪୨୨ କୋଟି ଟଙ୍କାର ଟିକସ ସଂଗ୍ରହ କରିଥିଲେ। ଅଗଷ୍ଟ ମାସରେ ସାରା ଦେଶରେ ୮୬,୪୪୯ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଛି। ଏହା ମଧ୍ୟରେ କେନ୍ଦ୍ର ଜିଏସ୍‌ଟି(ସିଜିଏସ୍‌ଟି) ବାବଦ ୧୫,୯୦୬ କୋଟି ଟଙ୍କା, ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ବାବଦ ୨୧,୦୬୪ ଟଙ୍କା ଏବଂ ସମନ୍ୱିତ ଜିଏସ୍‌ଟି(ଆଇଜିଏସ୍‌ଟି) ୪୨,୨୬୪ କୋଟି ଟଙ୍କା ରହିଛି। ଏହା ମଧ୍ୟରେ ସାମଗ୍ରୀ ଆମଦାନୀରୁ ୧୯,୧୭୯ କୋଟି ଏବଂ ସେସ୍ ବାବଦ ୭୨୧୫ କୋଟି ଟଙ୍କା ରହିଥିବା ଜଣାପଡିଛି। କେନ୍ଦ୍ର ଜିଏସ୍‌ଟିରୁ ୧୮,୨୧୬ କୋଟି ଏବଂ ଏସ୍‌ଜିଏସ୍‌ଟିରୁ ୧୪୬୫୦ କୋଟି ଟଙ୍କା କେନ୍ଦ୍ର ସରକାର ନିୟମିତ ସମାଧାନ ଦ୍ୱାରା ସେଟେଲ କରିଛନ୍ତି। ନିୟମିତ ସମାଧାନ ପରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଯଥାକ୍ରମେ ସିଜିଏସ୍‌ଟି ବାବଦରେ ୩୪,୧୨୨ କୋଟି ଏବଂ ଏସ୍‌ଜିଏସ୍‌ଟି ବାବଦ ୩୫,୭୧୪ କୋଟି ଲାଭ କରିଛନ୍ତି।

୨୦୧୯ ଅଗଷ୍ଟରେ ସରକାର ୯୮, ୨୦୨ କୋଟି ରାଜସ୍ୱ ଲାଭ କରିଥିଲେ। ଗତ ବର୍ଷ ଅଗଷ୍ଟରେ ସରକାର ଯେତେ ପରିମାଣରେ ଜିଏସ୍‌ଟି ଆଦାୟ କରିଥିଲେ ଚଳିତ ବର୍ଷ ଅଗଷ୍ଟରେ ଏହାର ୮୮% ରାଜସ୍ୱ ଆଦାୟ କରିଛନ୍ତି। ସାମଗ୍ରୀ ଆମଦାନୀରୁ ଜିଏସ୍‌ଟି ଆଦାୟ ୭୭% ରହିଥିବା ବେଳେ ଘରୋଇ ଟ୍ରାଞ୍ଜାକସନରୁ ସଂଗ୍ରହ ୯୨% ରହିଛି। କରୋନା ମହାମାରୀ ଯୋଗୁ ଜିଏସ୍‌ଟି ସଂଗ୍ରହ ପ୍ରଭାବିତ ହୋଇ ରହିଛି। ଏଥିରେ ଗତ କିଛି ମାସ ହେବ ଲଗାତର ହ୍ରାସ ପରିଲକ୍ଷିତ ହୋଇଛି।

**ଅଗଷ୍ଟରେ ସାରା ଦେଶରେ ୮୬,୪୪୯ କୋଟି ଜିଏସ୍‌ଟି**

# ନିସାନର ମ୍ୟାଗ୍ନାଇଟ କନ୍‌ସେପ୍ଟ

**ନୂଆଦିଲ୍ଲୀ,୧।୯:** ନିସାନ ଇଣ୍ଡିଆ ପକ୍ଷରୁ କମ୍ପାନୀର ନୂତନ ବି-ଏସ୍‌ୟୁଭି, ନିସାନ ମ୍ୟାଗ୍ନାଇଟ କନ୍‌ସେପ୍ଟ ପ୍ରସ୍ତୁତି ପାଇଁ ନିଆଯାଇଥିବା ପଦ୍ଧତି ସହିତ ଏହାର ଇଂଷ୍ଟେରିୟର ଏବଂ ଏକ୍ସଟେରିୟର ନୂତନ ଡିଜାଇନକୁ ମଧ୍ୟ ପ୍ରକାଶ କରାଯାଇଛି। ଭାରତ ସମେତ ବିଭିନ୍ନ ରପ୍ତାନି ଦେଶ ଗୁଡିକ ପାଇଁ ପ୍ରସ୍ତୁତ ନିଶାନ ପରିବାରର ଏହି ସଦ୍ୟତମ କାର ବିଶ୍ୱସ୍ତରୀୟ ଏସୟୁଭି ପରମ୍ପରାକୁ ଭବିଷ୍ୟତରେ ଆହୁରି ଆଗକୁ ନେଇଯିବ। ନିସାନ ମ୍ୟାଗନାଇଟ କନସେପ୍ଟର ଭୂସମାନ୍ତର ଯନ୍ତ୍ର ପ୍ୟାନେଲ ଯୋଗୁ ଏହାର ଇଣ୍ଟେରିୟର ଯଥେଷ୍ଟ ପ୍ରଶସ୍ତ ଓ ସୁଦୀର୍ଘ ରହିଛି। ଫଳରେ ଏହାର ଏୟାର ଭେଣ୍ଟିଲେଟରର ଏକ ପୃଥକ ଆକାର ଓ କ୍ଲିଫ ବିଭାଗ ରହିଛି। କମ୍ପାନୀ ଏହାକୁ ଏକ ସ୍ପୋର୍ଟି ଲୁକ ଦେବା ସହ ଏସ୍‌ୟୁଭିର ଅଭିଜ୍ଞତାକୁ ମଧ୍ୟ ଆହୁରି ବଢାଇ ଦେଉଛି। ଏଥିରେ ମଧ୍ୟ ଏକ ସ୍ପୋର୍ଟି ମୋନୋ-ଫର୍ମ ଆକୃତିର ସିଟ ଅନ୍ତର୍ଭୁକ୍ତ କରାଯାଇଛି ଯାହାକି ଅଧିକ ଆରାମ ପ୍ରଦାନ କରିଥାଏ। ଏ ସମ୍ପର୍କରେ ନିସାନ ମୋଟର କର୍ପୋରେସନର ଡିଜାଇନ ମ୍ୟାନେଜର ଟାକୁମି ୟୋନେୟାମା କହିଛନ୍ତି ଯେ, ନିସାନ ମ୍ୟାଗନାଇଟ କନସେପ୍ଟ ନିସାନର ମହତ୍ୱକୁ ବଢାଇବା ସହ ଜାପାନର ଜ୍ଞାନକୌଶଳ ଓ ସୌନ୍ଦର୍ଯ୍ୟକୁ ଅନୁସରଣ କରୁଛି। ଏହି ନୂତନ ସୃଷ୍ଟିକୁ ପରିଚିତ କରାଇ କମ୍ପାନୀ ବେଶ ଆନନ୍ଦିତ ଏବଂ ଭାରତୀୟ ଗ୍ରାହକମାନେ ଏହାକୁ ବେଶ ପସନ୍ଦ କରିବେ ବୋଲି ଆଶା ରଖିଛି। ସେହିଭଳି ନିସାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ରାକେଶ ଶ୍ରୀବାସ୍ତବ କହିଛନ୍ତି ଯେ, ନିସାନ ମ୍ୟାଗନାଇଟ କନସେପ୍ଟକୁ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଉଚ୍ଚାକାଂକ୍ଷାକୁ ଧ୍ୟାନରେ ରଖି ଜାପାନରେ ଡିଜାଇନ କରାଯାଇଛି। ଏହାର ଗତିଶୀଳ ମିଶ୍ରଣ କାରକୁ ଏକ ଆତ୍ମବିଶ୍ୱାସ ଓ ବୋଲ୍ଡ ଲୁକ ପ୍ରଦାନ କରୁଛି।

# ଏଲ୍‌ଆଇସି ପକ୍ଷରୁ ବୀମା ସପ୍ତାହ

**ଭୁବନେଶ୍ୱର,୧।୯ :** ଚଳିତ ସେପ୍ଟେମ୍ବର ପହିଲାରେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ୬୫ ବର୍ଷରେ ପଦାର୍ପଣ କରିଛି। ଦୀର୍ଘ ୬୪ ବର୍ଷ ମଧ୍ୟରେ ଏଲ୍‌ଆଇସି ଦେଶର ଏକ ପ୍ରମୁଖ ବିତ୍ତୀୟ ଅନୁଷ୍ଠାନ ଭାବରେ ଉଭା ହୋଇଛି। କମ୍ପାନୀ ପକ୍ଷରୁ ବୀମା ସପ୍ତାହ ପାଳନ କରାଯାଉଛି। ଭୁବନେଶ୍ୱର ଏବଂ କଟକ ମଣ୍ଡଳ କାର୍ଯ୍ୟାଳୟ ସହ ବିଭିନ୍ନ କାର୍ଯ୍ୟାଳୟଗୁଡିକରେ ଏହି ସପ୍ତାହ ପାଳନ କରାଯାଉଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଭୁବନେଶ୍ୱର ମଣ୍ଡଳ ୧.୯୮ ଲକ୍ଷ ନୂଆ ପଲିସି ବିକ୍ରି କରିବାକୁ ସକ୍ଷମ ହୋଇଥିବା ସୂଚନା ରହିଛି। ପ୍ରଥମ ବର୍ଷ ପ୍ରିମିୟମ ଭାବେ ଏହି ମଣ୍ଡଳ ୩୬୪ କୋଟି ଟଙ୍କା ସଂଗ୍ରହ କରିଛି। ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷ ନୂଆ ପଲିସି ଏବଂ ୩୬୫ କୋଟି ଟଙ୍କା ପ୍ରିମିୟମ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ଅଗଷ୍ଟ ୩୧ ସୁଦ୍ଧା ଏହି ମଣ୍ଡଳ ୪୩,୫୩୯ ନୂଆ ପଲିସି ବିକ୍ରି କରି ୧୮୫ କୋଟି ପ୍ରିମିୟମ ସଂଗ୍ରହ କରିଥିବା ସୂଚନା ରହିଛି। ମଣ୍ଡଳ ପକ୍ଷରୁ ଗ୍ରାହକଙ୍କୁ ବିଭିନ୍ନ ସେବା ଯୋଗାଣ ଧାରା ଜାରି ରହିବ ବୋଲି ଏସ୍‌ଡିଏମ୍ ଏ.କେ.ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମଣ୍ଡଳ ପକ୍ଷରୁ ବିପଣନ ପ୍ରବନ୍ଧକ ଶାରଦା ପ୍ରଶାଦ ଦାସ, ବିକ୍ରୟ ପ୍ରବନ୍ଧକ ଅଶୋକ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି କଟକ ମଣ୍ଡଳ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବରିଷ୍ଠ ମଣ୍ଡଳ ମହାପ୍ରବନ୍ଧକ ଅଶୋକ କୁମାର ରାଉତରାୟ ଉଦଘାଟନ କରିଥିଲେ। ପ୍ରତିବର୍ଷ ସେପ୍ଟେମ୍ବର ପହିଲାକୁ ସାରା ଦେଶରେ ବୀମା ସପ୍ତାହ ଭାବରେ ପାଳନ କରାଯାଉଛି ବୋଲି ଉଦଘାଟନି ବକ୍ତବ୍ୟରେ ରାଉତରାୟ କହିଥିଲେ। କଟକ ମଣ୍ଡଳ ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରାୟ ୫,୧୩,୯୭୪ ଟି ନୂତନ ପଲିସି କରି ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଛି। ସେହିପରି ୮୦୪.୧୭ କୋଟି ଟଙ୍କାର ନୂତନ ପ୍ରିମିୟମ ଆୟ କରି ଜୋନରେ ପ୍ରଥମ ସ୍ଥାନ ସହ ସର୍ବଭାରତୀୟ ସ୍ତରରେ ନବମ ସ୍ଥାନରେ ରହିଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ସୁଶାନ୍ତ ପାଣିଗ୍ରାହୀ,ବିପଣନ ପ୍ରବନ୍ଧକ ଅଶ୍ୱିନୀ କୁମାର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।





अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
AIIMS/BBSR/EE(Elec)/Housing Maint//084/2020-21 Dated: 01st Sep 2020
**NOTICE INVITING e-TENDER**
The All India Institute of Medical Sciences (AIIMS), Bhubaneswar invites e-Tender for **"Annual Electrical Maintenance of all the Buildings of Hostels & Housing Complex for the year 2020-21, AIIMS, Bhubaneswar (Sub Head: Outsourcing of day-to day maintenance Services of Electrical Works)."** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**
Sd/-
Executive Engineer (Electrical)
AIIMS, Bhubaneswar

**ତହସିଲଦାରଙ୍କ କାର୍ଯ୍ୟାଳୟ, ଲହୁଣୀପଡ଼ା**
ବିଜ୍ଞପ୍ତି ସଂଖ୍ୟା-୨୧୦୩ ତା୩୧।୦୮।୨୦୨୦
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ତହସିଲ ଅନ୍ତର୍ଗତ ସୈରାତ ଉତ୍ସ (ବାଲୁକା ଶଯ୍ୟା-୨ ଗୋଟି)ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ତହସିଲଦାର, ଲହୁଣୀପଡ଼ାଙ୍କ ଦ୍ୱାରା ତା୦୭।୧୦।୨୦୨୦, ୧୪।୧୦।୨୦୨୦ ଓ ୨୧।୧୦।୨୦୨୦ ରିଖରେ ଲିଜ୍ ପାଇଁ ନିଲାମ କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି । ଇଚ୍ଛୁକ ଆବେଦନକାରୀମାନେ ଆବଶ୍ୟକୀୟ ଦସ୍ତାବିଜ ସହିତ ତା୨୧।୦୯।୨୦୨୦ରିଖଠାରୁ ତା୦୬।୧୦।୨୦୨୦ରିଖ ଅପରାହ୍ନ ୫.୩୦ ମଧ୍ୟରେ ଆବେଦନ କରିପାରିବେ ଏବଂ ଉକ୍ତ ନିଲାମ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ Website:http//:www.sundargarh.nic.inରୁ ପାଇପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରୁ ପାଇପାରିବେ।
ଏହି ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ନିଲାମଧାରୀମାନଙ୍କଠାରୁ ଆନୁପାତିକ ଭାବରେ ଆଦାୟ କରାଯିବ ।
ସ୍ୱା./- ତହସିଲଦାର, ଲହୁଣୀପଡ଼ା

**PANCHAYAT SAMITI, CHHENDIPADA**
**INVITATION FOR BIDS (IFB)**
**IDENTIFICATION No. CHHB-01/2020-21**
**E-mail address: Ori-chendipada@nic.in**
The Block Development Officer, Chhendipada on behalf of the Governor of Orissa invites Percentage rate bid in single cover system for the 26 Nos. of building works, from the Class C & D contractors, registered with the State Government and contractors of equivalent grade/ class registered with Central Government/ MES/ Railway, to be eventually drawn up in PWD P-I form, for execution of Building. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the buildings. The details of the eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e. www.angul.nic.in.
Sd./- Block Development Officer
Chhendipada



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BUSINESS**
Jeevansh & Company Pvt. Ltd.
କମ୍ପାନୀକୁ ସାରା ଓଡିଶାରେ ଲୋନ୍, ଏଜେଣ୍ଟ, ଡିଲରସିପ୍ ଆବଶ୍ୟକ କରୁଅଛି ।
ଓଡିଶାରୁ ସମସ୍ତ ଜିଲ୍ଲା/ସହର/ଗ୍ରାମିଣରେ ବ୍ରାଞ୍ଚ ଖୋଲିବା ପାଇଁ ବ୍ରାଞ୍ଚ ମ୍ୟାନେଜର, ଏରିଆ ମ୍ୟାନେଜର ଆବଶ୍ୟକ । ନୋଟ- ମାଇକ୍ରୋଫାଇନାନ୍ସ/ବ୍ୟାଙ୍କ/ ଇନ୍‌ସୁରାନ୍ସ କର୍ମଚାରିଙ୍କୁ ଅଗ୍ରାଧିକାର ଦିଆଯିବ ।
6399121671
6399121670

**BDFC Finance**
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ରଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅଟି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**HINDUSTAN FINANCE LIMITED**
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**Indus Infra Network Company**
ଦ୍ୱାରା ଓଡିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲର ଗାଡି ।
ତିନି ଦିନରେ ଫଳାଫଳ ପାଆନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
8765265284
9473603205


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମଦ ବକେୟାକୁ ନେଇ ଆକ୍ରମଣ

ଅନୁଗୋଳ ଅଫିସ୍, ୧।୯- ବାକିରେ ମଦ ପିଇବାକୁ କେନ୍ଦ୍ର କରି ପୁରୁଣାକୋଟ ଥାନା ଡଲାସିଂହା ଗ୍ରାମରେ ଚୈତନ୍ୟ ଗଡ଼ନାୟକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ମଦ ବେପାରୀଙ୍କ ମାଡ଼ରେ ଦୁଇ ହାତ ଭାଙ୍ଗିଯାଇଥିବାରୁ ଚୈତନ୍ୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ଗ୍ରାମର ଜଣେ ବ୍ୟକ୍ତି ମହୁଲି ମଦ ବିକ୍ରି କରନ୍ତି। ତାଙ୍କ ପାଖରୁ ଚୈତନ୍ୟ ନିୟମିତ ମଦ୍ୟପାନ କରୁଥିବାବେଳେ କିଛି ଟଙ୍କା ବକେୟା ରହିଥିଲା। ଏହି ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ମଦ ବେପାରୀ ଚୈତନ୍ୟଙ୍କୁ ଆକ୍ରମଣ କରିଥିଲେ।

### ଗୁରୁବାରଠାରୁ କ୍ଷୟକ୍ଷତି ଆକଳନ

ଆଠମଲ୍ଲିକ,୧।୯(ଡି.ଏନ.ଏ.)- ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକର ୧୧ଟି ପଞ୍ଚାୟତ ଓ ଏନଏସିର ମୋଟ୍ ୭୨ଟି ଗ୍ରାମର ବହୁ ଚାଷ ଜମିରେ ବନ୍ୟା ପାଣି ମାଡ଼ିଯାଇଛି। ବନ୍ୟା ପାଣି ହ୍ରାସ ପାଉଥିବାରୁ ଗୁରୁବାର ଠାରୁ ତହସିଲ, କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ଚାଷ ଜମିର କ୍ଷୟକ୍ଷତି ସମ୍ପର୍କରେ ଆକଳନ କରାଯିବ। ସୂଚନାଯୋଗ୍ୟ ଯେ, ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କିଆକଟା, କନ୍ଧପଡା, କମ୍ପେଲା, ପୁରୁଣାମାଣତ୍ରି, କୁଦଗାଁ, ଆଠମଲ୍ଲିକ ଏନଏସିର ନଅଗାଁ, ଲୁହାସିଂହା, ଅଏଡା, ଜାମୁଡୋଲୀ ଆଦି ପଞ୍ଚାୟତ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି।

### ମଦ ଜବତ, ୪ ଗିରଫ

ଆଠମଲ୍ଲିକ,୧।୯(ଡି.ଏନ.ଏ.)- ଅବକାରୀ ନିରୀକ୍ଷକ ଅନିତା ଓଝାଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଆଠମଲ୍ଲିକ ଥାନା ଅଞ୍ଚଳରୁ ୨୫ ଲିଟର ଦେଶୀ ମହୁଲି ମଦ ଜବତ ସହିତ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହରିହରପୁର ଗ୍ରାମର ଗଣେଶ ସାହୁ, ହରିଡ଼ାନାଳୀର ମନୋଜ ସ୍ୱାଇଁ, ହିଣ୍ଡଲସାହିର ଚୈତନ୍ୟ ପ୍ରଧାନ, ରାମେଶ୍ୱରପାଟଣାର ଅଶୋକ ପାଣ୍ଡେ। ଅବକାରୀ ବିଭାଗ ଉପ ନିରୀକ୍ଷକ ପ୍ରଫୁଲ୍ଲ ପତି, ସହକାରୀ ଉପ ନିରୀକ୍ଷକ ରମାକାନ୍ତ ଚାନ୍ଦ, ଆରକ୍ଷୀ ହରିହର ପରିଡା, ମନୋଜ ବେହେରା, ସୌମ୍ୟା ସେଠୀ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଗ୍ରାମବାସୀ କଲେ ରାସ୍ତା ମରାମତି

ବଇଣ୍ଡା,୧।୯(ଡି.ଏନ.ଏ.)- ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ପଦକ୍ଷେପ ନ ନେବାରୁ ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତର ତରଣ୍ଡା ଓ ବିପ୍ରଡିହ ଗ୍ରାମବାସୀ ରାସ୍ତା ମରାମତି କରି ପ୍ରଶଂସାର ପାତ୍ର ହୋଇଛନ୍ତି। ତରଣ୍ଡାରୁ ବିପ୍ରଡିହକୁ ଯାଇଥିବା ୭ କିଲୋମିଟରର ଏହି ରାସ୍ତା ବର୍ଷା ଯୋଗୁ ଶୋଚନୀୟ ହୋଇପଡ଼ିଥିଲା। ଏହାକୁ ପକ୍କା କରିବାକୁ ପ୍ରଶାସନ ନିକଟରେ ବହୁବାର ଦାବି କରାଯାଇଥିଲା। କିନ୍ତୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଦୁଇ ଗ୍ରାମବାସୀ ଘର ପିଛା ଅର୍ଥ ଆଦାୟ କରି ମଙ୍ଗଳବାର ମିଳିତ ଭାବେ ରାସ୍ତା ମରାମତି କରିଥିଲେ। ଏଥିରେ ତରଣ୍ଡା ଗ୍ରାମ ସଭାପତି ରାଜକିଶୋର ନାୟକ, ବୀରବର ନାୟକ, ତରଣୀସେନ ନାୟକ, ବିପ୍ରଡିହ ଗ୍ରାମର ମଙ୍ଗଲୁ ନାୟକ, ତ୍ରିଲୋଚନ ପ୍ରଧାନ, ପ୍ରଶାନ୍ତ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ଝୁଲନ୍ତା ମୃତଦେହ ଉଦ୍ଧାର

କଣିହାଁ,୧।୯(ଡି.ଏନ.ଏ.)- କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ମଙ୍ଗଳବାର ଏକ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ଆଇଆଇସି ଦୀପିକା ଦେବୀରାୟ କହିଛନ୍ତି, ବାଲେଶ୍ୱର ଜିଲା ରାଇବଣିଆ ଥାନା ଅଞ୍ଚଳର ଦେବଶଙ୍କର ପରମାଣିକ ଏକ ପ୍ରକଳ୍ପ କଲୋନୀରେ ରହି ତାଲିମ ନେଉଥିଲେ। ମଙ୍ଗଳବାର ସେ କ୍ୱାର୍ଟର୍ସରୁ ନ ବାହାରିବାରୁ ଓ ଭିତରପଟୁ କବାଟ ବନ୍ଦ ରହିଥିବା ଖବର ମିଳିଥିଲା। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲଙ୍କ ଉପସ୍ଥିତିରେ କବାଟ ଭଙ୍ଗାଯାଇ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ପରିବାର ଲୋକେ ଆସିବା ପରେ ମୃତଦେହ ହସ୍ତାନ୍ତର ସହ ମାମଲା ରୁଜୁ କରାଯିବ ବୋଲି ଆଇଆଇସି କହିଛନ୍ତି।

### ହାତୀ ଆକ୍ରମଣରେ ୨ ଗୁରୁତର

ପରଜଙ୍ଗ, ୧।୯(ଡି.ଏନ.ଏ.)- ପରଜଙ୍ଗ ବ୍ଲକ ବାରିହାପୁର ଗ୍ରାମର ଦୁଇଜଣ ହାତୀ ଆକ୍ରମଣ ଗୁରୁତର ହୋଇଛନ୍ତି। ଚକ୍ରଧର ସାହୁ ନିଜ କୁକୁଡ଼ା ଫାର୍ମରୁ ଘରକୁ ଫେରୁଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଫୋପାଡ଼ି ଦେଇଥିଲା। ସେହିପରି ଦଣ୍ଡଧର ସାହୁ ଶୌଚ ହେବାକୁ ଯାଉଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଉଭୟଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି।

# ରାତି ଦେଖିଲା ଅନୁଗୋଳ ବଜାର



ରାତ୍ରିକାଳୀନ କର୍ଫ୍ୟୁ ହଟିଯିବା ପରେ ମଙ୍ଗଳବାର ରାତିରେ ଖୋଲାଥିବା ଅନୁଗୋଳ ବଜାର।

**ଅନୁଗୋଳ ଅଫିସ, ୧।୯**

- ୫ ମାସ ପରେ ଖୋଲିଲା ପୂର୍ଣ୍ଣକାଳୀନ ଦୋକାନ
- ବ୍ୟବସାୟୀଙ୍କ ମଧ୍ୟରେ ଦେଖାଦେଇଛି ଉତ୍ସାହ
- ଉପରମୁହାଁ ସଂକ୍ରମଣକୁ ନେଇ ତଥାପି ଚିନ୍ତା

ଗତ ୫ ମାସ ହେଲା ବାରମ୍ବାର ଶଟ୍‌ଡାଉନ୍, ଲକ୍‌ଡାଉନ୍ ଓ କର୍ଫ୍ୟୁ ପରେ ମଙ୍ଗଳବାରଠାରୁ ଅନୁଗୋଳରେ ସ୍ୱାଭାବିକ ହୋଇଛି ବ୍ୟବସାୟ ବାଣିଜ୍ୟ। ପୂର୍ଣ୍ଣକାଳୀନ ଦୋକାନ ଖୋଲାଯାଇଥିବା ବେଳେ ରାତି ଦେଖିଛି ଅନୁଗୋଳ ବଜାର। ସରକାରଙ୍କ ଅନ୍‌ଲକ୍-୪ ଗାଇଡ୍‌ଲାଇନ ଅନୁଯାୟୀ ସେପ୍ଟେମ୍ବର ୩୦ ଯାଏ କଣ୍ଟେନମେଣ୍ଟ ଜୋନ୍ ବ୍ୟତୀତ ଅନ୍ୟସ୍ଥାନରୁ ଲକ୍‌ଡାଉନ୍, ରାତ୍ରିକାଳୀନ କର୍ଫ୍ୟୁ ଓ ସପ୍ତାହାନ୍ତ ଶଟ୍‌ଡାଉନକୁ ହଟାଇ ଦିଆଯାଇଥିବାରୁ ଏହାକୁ ନେଇ ବ୍ୟବସାୟୀମାନେ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି। ଅନ୍ୟ କଟକଣା ସହ ସାମାଜିକ ଦୂରତ୍ୱ ଓ ମାସ୍କ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ସେମାନେ କହିଛନ୍ତି। ସେହିପରି ସରକାରଙ୍କ ଏପରି ନିଷ୍ପତ୍ତି ଆର୍ଥିକ କାରବାରରେ ସୁଧାର ଆଣିବ ବୋଲି ସହରବାସୀ ପ୍ରକାଶ କରିଛନ୍ତି। ତେବେ ବର୍ତ୍ତମାନର ଉପରମୁହାଁ ସଂକ୍ରମଣକୁ ନେଇ ସେମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

ମାର୍ଚ୍ଚ ୨୫ରୁ ଲକ୍‌ଡାଉନ୍ ଲାଗୁ ପରଠାରୁ ବିଭିନ୍ନ କଟକଣା ମଧ୍ୟରେ ଅନୁଗୋଳ ଜିଲାରେ ବ୍ୟବସାୟ ବାଣିଜ୍ୟ ଚାଲି ଆସିଥିଲା। ପ୍ରଥମ ପର୍ଯ୍ୟାୟରେ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା। ପରେ ପୁଣି ନିର୍ଦ୍ଦେଶନାମାରେ ପରିବର୍ତ୍ତନ କରାଯାଇ ସକାଳ ୮ଟାରୁ ଅପରାହ୍ନ ୪ଟା ଯାଏ ଅନୁମତି ଦିଆଯାଇଥିଲା। ଏହାପରେ ଦିନ ୨ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବାକୁ ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଥିଲା। ଏହା ଅଗଷ୍ଟ ୩୧ ଯାଏ ଜାରିରହିଥିଲା। ଏପରି କି ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ରାତ୍ରିକାଳୀନ କର୍ଫ୍ୟୁ ସହ ସପ୍ତାହାନ୍ତ ଶଟ୍‌ଡାଉନ୍ କରାଯାଉଥିଲା। ତେବେ ସେପ୍ଟେମ୍ବର ୧ରୁ ୩୦ ଯାଏ ରାଜ୍ୟ ସରକାର ଉକ୍ତ କଟକଣା ଉଠାଇ ଦେଇଥିବାରୁ ବ୍ୟବସାୟୀଙ୍କ ସହ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଦିନ ତମାମ ଲୋକଙ୍କ ଭିଡ଼ ବଜାରରେ ଦେଖିବାକୁ ମିଳିଛି। ଅପରପକ୍ଷରେ ଜିଲାରେ ଏବେ କରୋନା ପଜିଟିଭ୍ ସଂଖ୍ୟା ୮୯୯ରେ ପହଞ୍ଚିଥିବା ବେଳେ କଡ଼ା କଟକଣା ହଟାଇ ଦିଆଯାଇଥିବାରୁ ସଂକ୍ରମଣ ବଢ଼ିପାରେ ବୋଲି ସହରବାସୀ ଆଶଙ୍କା ପ୍ରକାଶ କରିଛନ୍ତି।

### ଦୀର୍ଘଦିନ ପରେ ଆଶ୍ୱସ୍ତି



ଲକ୍‌ଡାଉନ୍, ଶଟ୍‌ଡାଉନ୍ ହଟିଯାଇଥିବାରୁ ବ୍ୟବସାୟୀମାନଙ୍କୁ ଦୀର୍ଘ ଦିନ ପରେ ଆଶ୍ୱସ୍ତି ମିଳିଛି। ଆଗାମୀ ଦିନ କଥା ଜଣା ନ ଥିଲେ ବି ଏବେ ବ୍ୟବସାୟ ଭଲ ହେବ। କରୋନା ସଙ୍କଟ ଟଳି ନ ଥିବାରୁ ସାବଧାନର ସହ କଟକଣା ମାନି ବ୍ୟବସାୟ କରିବାକୁ ହେବ।

-ରଞ୍ଜନ ବାରିକ, ବ୍ୟବସାୟୀ, ଅନୁଗୋଳ

### ଅଧିକ କଠୋର ନିୟମ ଗ୍ରହଣୀୟ ନୁହେଁ



ଲୋକଙ୍କୁ ଡରାଇ ନୁହେଁ ବରଂ ସଚେତନ କରାଯାଇପାରିଲେ ସଂକ୍ରମଣ ରୋକିହେବ। ତେଣୁ ଆଉ ଅଧିକ ଦିନ କଠୋର ନିୟମ ଗ୍ରହଣୀୟ ନୁହେଁ। ସରକାର ଯେତେ କଡ଼ାକଡ଼ି କଲେ ବି ଲୋକେ ଗଳାବାଟ ଦେଇ କାର୍ଯ୍ୟକାଳପମାନ କରୁଛନ୍ତି। ତେଣୁ ସେମାନଙ୍କୁ ସଜାଗ କରାଯିବା ଆବଶ୍ୟକ।

-ଶରତ ସାହୁ, ଆଇନଜୀବୀ

### ସଚେତନ ହେଲେ ବର୍ତ୍ତିହେବ



କରୋନା ସଂକ୍ରମଣକୁ ହଠାତ୍ ରୋକିହେବ ନାହିଁ। ଏହା ତଳମୁହାଁ ହେବାକୁ ଆହୁରି କିଛିଦିନ ଲାଗିବ। ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ନେବା ଉଦ୍ଦେଶ୍ୟରେ ହୁଏତ ସରକାର କଠୋର କଟକଣା ହଟାଇ ନେଇଛନ୍ତି। ତେଣୁ ଲୋକମାନେ ସଚେତନ ହେଲେ ସଂକ୍ରମଣରୁ ବର୍ତ୍ତିପାରିବେ।

-ଡାକ୍ତର ଗୋକୁଳାନନ୍ଦ ବେହେରା, ମେଡିସିନ୍ ସ୍ପେଶାଲିଷ୍ଟ

### ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ



ଅନୁଗୋଳ ଜିଲାରୁ ଲକ୍‌ଡାଉନ୍ ଓ ସପ୍ତାହାନ୍ତ ଶଟ୍‌ଡାଉନ୍ ହଟାଯାଇଥିଲେ ମଧ୍ୟ ଅନ୍ୟାନ୍ୟ କଟକଣା ଜାରି ରହିଛି। ବ୍ୟବସାୟିକ ପ୍ରତିଷ୍ଠାନରେ ସାମାଜିକ ଦୂରତା ଉଲ୍ଲଂଘନ ପାଇଁ ପ୍ରତିଷ୍ଠାନ ମାଲିକ ଦାୟୀ ରହିବେ। ଏହାର ଉଲ୍ଲଂଘନ ହେଲେ ୧୦ ହଜାର ଟଙ୍କା ଜରିମାନା ସହ ଦୋକାନ ସପ୍ତାହକ ପାଇଁ ସିଲ୍ କରାଯିବ। କୌଣସି ସ୍ଥାନରେ କଟକଣା ପାଳନ ନ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

-ମନୋଜ କୁମାର ମହାନ୍ତି, ଜିଲାପାଳ

## ୫୫ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧।୯**

ଅନୁଗୋଳ ଜିଲାରୁ ମଙ୍ଗଳବାର ୫୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୮୯୯ରେ ପହଞ୍ଚିଥିବା ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ନୂଆ ରୋଗୀଙ୍କ ମଧ୍ୟରେ ବଣଁରପାଳ ବ୍ଲକରୁ ୧୭, ତାଳଚେର ପୌରାଞ୍ଚଳରୁ ୧୨, ଛେଣ୍ଡିପଦା ବ୍ଲକରୁ ୧୨, ତାଳଚେର ବ୍ଲକରୁ ୮, କଣିହାଁ ବ୍ଲକରୁ ୨, ଅନୁଗୋଳ ପୌରାଞ୍ଚଳରୁ ୨, ଆଠମଲ୍ଲିକ ବ୍ଲକରୁ ଜଣେ ଓ ଅନୁଗୋଳ ବ୍ଲକରୁ ଜଣେ ମହିଳା ଚିହ୍ନଟ ହୋଇଛନ୍ତି। ସୁସ୍ଥ ହୋଇଥିବା ୭ ଜଣଙ୍କୁ ମିଶାଇ ଜିଲାରେ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୪୮୨ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବନ୍ୟାରେ ୩୩ ଗ୍ରାମ ପ୍ରଭାବିତ

ଢେଙ୍କାନାଳ ଅଫିସ, ୧।୯-ଢେଙ୍କାନାଳ ଜିଲାରେ ହୋଇଥିବା ବନ୍ୟାରେ ୫ ବ୍ଲକ ଅଧୀନ ୩୩ ଗ୍ରାମର ୧୩,୫୦୪ ଜଣ ପ୍ରଭାବିତ ହୋଇଛନ୍ତି। ୧୬୮ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ତନ୍ମଧ୍ୟରେ କେବଳ ଭୁବନ ବ୍ଲକର ୭ ପଞ୍ଚାୟତର ୧୧୭ ବାସଗୃହ ରହିଛି। ପ୍ରାୟ ୩ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଜଣକର ମୃତ୍ୟୁ ଘଟିଛି। ପ୍ରଥମ ପର୍ଯ୍ୟାୟ ଆକଳନରୁ ଏହି ତଥ୍ୟ ଜଣାପଡ଼ିଛି। ବନ୍ୟାରେ ଭୁବନ, ଗଁଦିଆ, କଙ୍କଡ଼ାହାଡ଼, ଓଡ଼ାପଡ଼ା ଏବଂ ପରଜଙ୍ଗ ବ୍ଲକ କ୍ଷତିଗ୍ରସ୍ତ ହୋଇଛି। ଆକଳନ ଶେଷ ହେବାପରେ ଚୂଡ଼ାନ୍ତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ସେହିପରି ଗଁଦିଆ ବ୍ଲକର କେନ୍ଦୁପଡ଼ା, ମନ୍ଦାର, କାଶୀପୁର, କାମାକ୍ଷାନଗର ବ୍ଲକର ଡୁମୁସିଙ୍ଗା ଅଞ୍ଚଳରେ ମାଛ ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏ ସଂକ୍ରାନ୍ତରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ସମ୍ପୂର୍ଣ୍ଣ ଆକଳନ ସରିବା ପରେ ପ୍ରକୃତରେ କେତେ କ୍ଷୟକ୍ଷତି ହୋଇଛି ତାହା ଜଣାପଡ଼ିବ।

## ୪ ଫୁଟରୁ କମ୍ ହେବ ଦେବୀ ପ୍ରତିମା

**କାମାକ୍ଷାନଗର, ୧।୯(ଡି.ଏନ.ଏ.)**

- ବିନା ଶୋଭାଯାତ୍ରାରେ ଭସାଣି ଉତ୍ସବ
- ରାବଣପୋଡ଼ି ଉତ୍ସବ ବନ୍ଦ

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡର ପ୍ରସିଦ୍ଧ ଦଶହରା ପାଳନ ଲାଗି ମଙ୍ଗଳବାର ପ୍ରଶାସନ ଏବଂ ମିଳିତ ବଜାର ପୂଜା କମିଟି ବୈଠକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କୋଭିଡ୍ କଟକଣାକୁ ସମ୍ମାନ ଜଣାଇ ପୂଜା ଆୟୋଜନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ଦେବୀଙ୍କ ମୃଣ୍ମୟୀ ପ୍ରତିମାର ଉଚ୍ଚତା ୪ ଫୁଟରୁ କମ୍ ରହିବ। ବିନା ସାଜସଜ୍ଜା, ଲାଇଟ୍ ସାଉଣ୍ଡ୍, ଶୋଭାଯାତ୍ରାରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। କରୋନା ସଂକ୍ରମଣ ରୋକିବାକୁ ରାବଣପୋଡ଼ିକୁ ବନ୍ଦ କରାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।

ଅନ୍ୟପଟେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାରଠାରୁ ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ସକାଳ ୭ରୁ ସନ୍ଧ୍ୟା ୭ ଯାଏ ଖୋଲାରହିବ। ଦଶହରା ପୂର୍ବରୁ ସମସ୍ତ ବ୍ୟବସାୟୀଙ୍କ କୋଭିଡ୍ ପରୀକ୍ଷା ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଏନ୍‌ଏସି ନିର୍ବାହୀ ଅଧିକାରୀ ବିରଜା ପ୍ରସାଦ ରଥ, ଥାନାଧିକାରୀ ଅଭିନବ ଡାଲୁଆ, ରାଜସ୍ୱ ଅଧିକାରୀ ମାନସ ଦଣ୍ଡପାଟଙ୍କ ସମେତ ସମସ୍ତ ବଜାରର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

## ବାହାରେ ରୋଗୀ ଦେଖିଲେ ଡାକ୍ତର

**ଛେଣ୍ଡିପଦା,୧।୯(ସ୍ୱ.ପ୍ର.)**

କରୋନା ସଂକ୍ରମିତ ଚିକିତ୍ସିତ ହେବା ଜଣାପଡ଼ିବା ପରେ ଅନୁଗୋଳ ଜିଲା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଡୋର ଓ ଆଉଟ୍‌ଡୋରକୁ ମଙ୍ଗଳବାର ବିଶୋଧନ ଉଦ୍ଦେଶ୍ୟରେ ବନ୍ଦ ରଖାଯାଇଥିଲା। ଫଳରେ ଅନ୍ୟ ରୋଗୀମାନଙ୍କୁ ଡାକ୍ତର ବାହାରେ ସେବା ଯୋଗାଇ ଦେଇଥିଲେ। ଘଟଣାରୁ ପ୍ରକାଶ ଯେ, ସୋମବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ଜଣ କରୋନା ସଂକ୍ରମିତ ଆସିଥିଲେ। ଜଣେ ରାତି ପ୍ରାୟ ୨ଟା ଯାଏ ରହି ଚିକିତ୍ସିତ ହୋଇଥିଲେ। ଫଳରେ ସଂକ୍ରମଣ ବ୍ୟାପିବା ଆଶଙ୍କା କରି ଦୁଇ ବିଭାଗକୁ ବନ୍ଦ ରଖାଯାଇଥିଲା। ବିଶୋଧନ ପାଇଁ ଅଗ୍ନିଶମ ବିଭାଗକୁ ଜଣାଯିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାନିଟାଇଜ କରାଯାଇଥିଲା। ଏହାପରେ ରୋଗୀସେବା ସ୍ୱାଭାବିକ ହୋଇଥିଲା।



ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ପରଲୋକ ପରେ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଥିବାରୁ ଅନୁଗୋଳ ଜିଲା ମୁଖ୍ୟାଳୟଠାରେ ଜାତୀୟ ପତାକାକୁ ଅର୍ଦ୍ଧନମିତ ରଖାଯାଇଛି। (ଫଟୋ- ବୁବୁ)

## ଜେଇଇ: ପ୍ରଥମ ଦିବସରେ ୮୨ ପରୀକ୍ଷା ଦେଲେ

ଢେଙ୍କାନାଳ ଅଫିସ, ୧।୯- ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ ମେନ୍)ର ପ୍ରଥମ ଦିବସରେ ଢେଙ୍କାନାଳରେ ୮୨ଜଣ ପରୀକ୍ଷା ଦେଇଛନ୍ତି। ଜିଲାର ୨ କେନ୍ଦ୍ର ମଧ୍ୟରୁ ସିନର୍ଜି ଇଞ୍ଜିନିୟରିଂ କଲେଜରେ ୧୩୨୧ ଏବଂ ବଳଦିଆବନ୍ଧ ଓଆଇଇଟିରେ ୮୧୨ଜଣ ପରୀକ୍ଷା ଦେବାକୁ ଧାର୍ଯ୍ୟ ହୋଇଥିଲା। ପ୍ରଥମ ଦିନରେ ସିନର୍ଜି ଇଞ୍ଜିନିୟରିଂ କଲେଜରେ ୨ ସିଟିଂରେ ପରୀକ୍ଷା ହୋଇଥିଲା। ପ୍ରଥମ ସିଟିଂରେ ୬୬ରୁ ୩୭ ଏବଂ ଦ୍ୱିତୀୟ ସିଟିଂରେ ୭୫ରୁ ୪୫ଜଣ ପରୀକ୍ଷା ଦେଇଥିବା ନୋଡାଲ ଅଫିସର ତଥା ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ସୂଚନା ଦେଇଛନ୍ତି। କରୋନା ସଂକ୍ରମଣ ରୋକିବାକୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସାମାଜିକ ଦୂରତ୍ୱ ସହ ମାସ୍କ ପିନ୍ଧି ପରୀକ୍ଷାର୍ଥୀମାନେ ଧାଡ଼ିରେ ଛିଡ଼ା ହୋଇଥିଲେ। ଥର୍ମୋକ୍ଲିଂ ଟେଷ୍ଟ କରାଯାଇଥିଲା। 'ଓଡ଼ିଶା ମୋ ପରିବାର' ପକ୍ଷରୁ ବିଧାୟକ ସୁଧୀର କୁମାର ସାମଲ ପରୀକ୍ଷାର୍ଥୀଙ୍କୁ ମାସ୍କ, ସାନିଟାଇଜର ବଣ୍ଟନ କରିଥିଲେ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଉପଜିଲାପାଳ, ତହସିଲଦାର ଲକ୍ଷ୍ମୀଧର ରାଉତ ପରୀକ୍ଷା ପରିଚାଳନା ତଦାରଖ କରିଥିଲେ।



ଧାଡ଼ିରେ ଛିଡ଼ା ହୋଇଥିବା ପରୀକ୍ଷାର୍ଥୀମାନେ ।

# ସହରରେ ବିଗୁଡ଼ିଛି ସ୍ଥିତି

**ଢେଙ୍କାନାଳ ଅଫିସ,୧।୯**

- ଦିନକରେ ବାହାରିଲେ ରେକର୍ଡ ସଂଖ୍ୟକ ଆକ୍ରାନ୍ତ
- ୧୩୨ ପଜିଟିଭ୍‌ଙ୍କ ମଧ୍ୟରେ ପୌରାଞ୍ଚଳରୁ ୫୧

ଢେଙ୍କାନାଳ ଜିଲାର ସହରାଞ୍ଚଳରେ ନିୟନ୍ତ୍ରଣକୁ ଆସୁନାହିଁ କରୋନା। ମଙ୍ଗଳବାର ଦିନକରେ ରେକର୍ଡ ସଂଖ୍ୟକ ୧୩୨ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ କେବଳ ଢେଙ୍କାନାଳ ସହରର ୫୧ ଜଣ ଅଛନ୍ତି, ଯାହା ପ୍ରଶାସନର ଚିନ୍ତା ବଢ଼ାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ହୋମ୍ କ୍ୱାରାଣ୍ଟାଇନ୍‌ରୁ ୧୦୫, ସରକାରୀ କ୍ୱାରାଣ୍ଟାଇନ୍‌ରୁ ଜଣେ, ୨୧ ଜଣ ଲୋକାଲ କଣ୍ଟାକ୍ଟ ଏବଂ ଭୁବନେଶ୍ୱର ଏବଂ କଟକରେ ଚିକିତ୍ସାଧୀନ ଅବସ୍ଥାରେ ୫ଜଣ ପଜିଟିଭ୍ ବୋଲି ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୭୫୯ରେ ପହଞ୍ଚିଛି।

ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳ ଅଧୀନ ଦେଉଳସାହିର ୨, ଜୁବୁଲିଟାଉନର ୪, କଲାଟାଙ୍ଗର ୩, ଷ୍ଟେଶନ ବଜାରର ୧, ପୋଲିସ ଲାଇନର ୨, କୋରିଆଁର ୪, ମିନାବଜାରର ୪, ଗଣେଶ ବଜାରର ୪, ଲକ୍ଷ୍ମୀବଜାରର ୨, ହାଟରୋଡର ୧୪, ମହିଷାପାଟର ୨, ଗଜମରାର ୧, ଗୁଡିଆନାଳୀର ୨, ଶ୍ୟାମାଚରଣପୁରର ୨, କଣ୍ଟାନାଳୀର ୧, ଟାଉନ ପ୍ଲାନିଂର ୧, ଦକ୍ଷିଣକାଳୀ ରୋଡ୍‌ର ୧ ଏବଂ ସିମିଳିଆରୁ ଜଣେ ଅଛନ୍ତି। ସେହିପରି ସଦର ବ୍ଲକର ମାଣିପୁରର ୯, ଶଙ୍କରପୁରର ୬, ପର୍ବତିଆର ୩, ଦାମୋଦରନାଳିର ୨ ଏବଂ ଗୋହିରାଖାଲ, ବେଲଗୁଣ୍ଠା, ତାଳବରକୋଟ, ଖଳିଆବନ୍ଧ, ଗୁଣ୍ଡୁରାପୁର, ଦୁଦୁକାଟେଣୀରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ଅନ୍ୟ ପଜିଟିଭ୍‌ଙ୍କ ମଧ୍ୟରେ କଙ୍କଡ଼ାହାଡ଼ ବ୍ଲକର ୬, ଗଁଦିଆ ବ୍ଲକର ୩, କାମାକ୍ଷାନଗର ଏନ୍‌ଏସିର ୧, ବ୍ଲକର ୪, ଭୁବନ ବ୍ଲକର ୧, ଏନ୍‌ଏସିର ୭, ଓଡ଼ାପଡ଼ା ବ୍ଲକର ୨୩,



ହିନ୍ଦୋଳ ବ୍ଲକର ୨ ଜଣ ଅଛନ୍ତି। ଆକ୍ରାନ୍ତ ରହୁଥିବା ସଙ୍ଗରୋଧ କେନ୍ଦ୍ର, ଗୃହ ଏବଂ ସଂଲଗ୍ନ ଅଞ୍ଚଳକୁ ବିଶୋଧନ କରାଯାଇଛି। ସମସ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ, ହିନ୍ଦୋଳ ଓ ଗୋବିନ୍ଦପୁର କୋଭିଡ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ମଙ୍ଗଳବାର ଚିକିତ୍ସା ପରେ ୬୬ ସୁସ୍ଥ ହୋଇଛନ୍ତି। ମୋଟ୍ ଆରୋଗ୍ୟଙ୍କ ସଂଖ୍ୟା ୧,୨୦୧ରେ ପହଞ୍ଚିଛି।

### ସହରର ୫ ୱାର୍ଡରେ କଣ୍ଟେନମେଣ୍ଟ ଜୋନ୍

କରୋନା ସଂକ୍ରମଣ ବଢୁଥିବାରୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ଢେଙ୍କାନାଳ ପୌରାଞ୍ଚଳର ୫ ୱାର୍ଡରେ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହି କଟକଣା ମଙ୍ଗଳବାରଠାରୁ ୪ତାରିଖ ଯାଏ ବଳବତ୍ତର ରହିବ। ୧ନଂ. ୱାର୍ଡ କଲେଜ ରୋଡ୍‌ସ୍ଥିତ ମହିଷାପାଟ ଏଡିବି ବ୍ୟାଙ୍କ ଶାଖା ଅଞ୍ଚଳ, ୧୧ନଂ. ୱାର୍ଡର ଜଗନ୍ନାଥରୋଡ୍ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ନିକଟବର୍ତ୍ତୀ ଅଞ୍ଚଳ, ୨୦ନଂ. ୱାର୍ଡ ପ୍ରମୁଖ ରାସ୍ତାର ମାଣ୍ଡବାସାହି ଡାହାଣ ପାର୍ଶ୍ୱ, ୨୨ନଂ. ୱାର୍ଡ ହାଟରୋଡ୍ ଜଗନ୍ନାଥ ହସ୍ପିଟାଲରୁ କଳିଙ୍ଗ ଖୋଟ ମିଲ୍ ନିକଟବର୍ତ୍ତୀ ଅଞ୍ଚଳ, ୨୩ନଂ. ୱାର୍ଡ କୋରିଆଁ ଛକ ବାମପାଖ ଜୁଆଙ୍ଗ ସାହି, ଦଳିତ ସାହି, ଡାହାଣପାଖ ବଉଳଗଛ ଅଞ୍ଚଳ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସନ୍ନିକଟ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେହିପରି ହିନ୍ଦୋଳ ବ୍ଲକର ଚିଉଳପୁର ପଞ୍ଚାୟତର ଚିଉଳପୁର, କଙ୍କଡ଼ାହାଡ଼ ବ୍ଲକ ମକୁଆକାଟେଣୀ ପଞ୍ଚାୟତର ଖଜୁରିଆ ଗ୍ରାମକୁ ମଧ୍ୟ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ମଙ୍ଗଳବାର ସହରର ବ୍ୟବସାୟୀଙ୍କ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଅପରାହ୍ନ ୨ଟା ପରିବର୍ତ୍ତେ ସନ୍ଧ୍ୟା ସାଢ଼େ ୭ଟା ଯାଏ ଦୋକାନ ବଜାର ଖୋଲା ରହିବାକୁ ପ୍ରଶାସନିକ ଅନୁମତି ଦିଆଯାଇଛି।

ଧରିତ୍ରୀ
DHARITRI
ବୁଧବାର, ୨ ସେପ୍ଟେମ୍ବର, ୨୦୨୦



## ପ୍ରଣବଙ୍କ ସ୍ମୃତିଚାରଣ ସହ ନୀରବ ପ୍ରାର୍ଥନା କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ବ୍ୟୁରୋ): କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ଭର୍ଚୁଆଲ ବୈଠକରେ ମଙ୍ଗଳବାର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ କ୍ୟାବିନେଟ ମନ୍ତ୍ରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ। ସମସ୍ତେ ସ୍ୱର୍ଗତ ମୁଖାର୍ଜୀଙ୍କ ସ୍ମୃତିଚାରଣ କରିବା ସହ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଧର୍ମେନ୍ଦ୍ର ଟ୍ୱିଟ୍ କରି କହିଛନ୍ତି, ପ୍ରଣବଦା' ଜଣେ ଉଚ୍ଚକୋଟୀର ବ୍ୟକ୍ତି ଥିଲେ। ଜ୍ଞାନର ଭଣ୍ଡାର ପ୍ରଣବଦା' ସଂସ୍କୃତ ଶ୍ଳୋକ ପାଠ କରିବା ସହ ସମାନ ଭାବରେ ସଂସଦୀୟ କାର୍ଯ୍ୟରେ ବିଚାରବିମର୍ଶ କରିବାର କ୍ଷମତା ରଖୁଥିଲେ। ତାଙ୍କର ସ୍ମୃତି ଚିରସ୍ମରଣୀୟ ହୋଇ ରହିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ୧୯ କେଜିର ହାତୀଦାନ୍ତ ଜବତ, ୩ ଗିରଫ

**କେନ୍ଦୁଝର,୧୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଞ୍ଚଳରୁ ୩ ହାତୀ ଦାନ୍ତ ବ୍ୟବସାୟୀ ଗିରଫ ହୋଇଛନ୍ତି। ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ କର୍ମଚାରୀମାନେ ସୋମବାର ସନ୍ଧ୍ୟାରେ ଚଢ଼ାଉ କରି ସେମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଗିରଫ ବ୍ୟବସାୟୀମାନଙ୍କଠାରୁ ପ୍ରାୟ ୧୯ କେଜି ଓଜନର ୧୪ଟି ହାତୀଦାନ୍ତ, ଗୋଟିଏ କାର, ମୋବାଇଲ ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଆନନ୍ଦପୁର (ୱାଇଲ୍ଡ ଲାଇଫ) ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍କ୍ୱାଡ଼ ଉକ୍ତ ବ୍ୟବସାୟୀଙ୍କୁ ପିଛା କରିଥିଲେ। ସେମାନେ ପିଟାପିଟି ଜଙ୍ଗଲ ନିକଟରୁ ଖସି ସିଙ୍ଗବିଲା ଦେଇ ପଳାଇ ଯାଇଥିଲେ। ବନ ବିଭାଗ କର୍ମଚାରୀ ପୁଣି ସେମାନଙ୍କୁ ପିଛା କରି ବାୟାପିଟା ଗ୍ରାମ ନିକଟରୁ ଧରିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ଘର ଘଟଗାଁ ବ୍ଲକ ସାନ୍ତରାପୁର ଓ ଅନ୍ୟ ଦୁଇଜଣ ଭଦ୍ରକ ଏବଂ ଯାଜପୁର ଜିଲାର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଏହି ଗ୍ୟାଙ୍ଗ କେଉଁଠାରୁ ହାତୀଦାନ୍ତ ଆଣିଲେ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ଡିଏଫ୍‌ଓ ଶତପଥୀ କହିଛନ୍ତି। ଏହା ପଛରେ ବଡ଼ ଧରଣର ର‍୍ୟାକେଟ୍ କାମ କରୁଥିବା ସନ୍ଦେହ କରାଯାଉଛି। ଖବର ଲେଖା ହେବା ଯାଏ ଗିରଫ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ।

ଉଲ୍ଲେଖଯୋଗ୍ୟ ଯେ, ଗତ ଜୁନ୍ ୧୪ ତାରିଖରେ ଚମ୍ପୁଆ ରେଞ୍ଜ କୁରୁଡ଼ି ବିଟ୍‌ର ବୈତରଣୀ(ଖ) ସଂରକ୍ଷିତ ଜଙ୍ଗଲରୁ ୨ଟି ହାତୀର ମୃତଦେହ ଉଦ୍ଧାର ହୋଇଥିଲା। ଏଥିମଧ୍ୟରୁ ଗୋଟିଏ ଦନ୍ତାହାତୀର ଦାନ୍ତ କାଟି ନିଆଯାଇଥିବାବେଳେ ଅନ୍ୟଟି ମାଈ ହାତୀ ଥିଲା। ବନ ବିଭାଗ ଏହି ଘଟଣାରେ ଅଦ୍ୟାବଧି ହାତୀଦାନ୍ତ ଉଦ୍ଧାର କରି ନ ଥିବାବେଳେ ତଦନ୍ତ ଜାରି ରଖିଛି। ଜଙ୍ଗଲ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କେନ୍ଦୁଝର ଜିଲାରେ ହାତୀ ହତ୍ୟା କରି ଦାନ୍ତ ଲୁଟ ହେବା ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।




ଜବତ ହାତୀଦାନ୍ତ।

# ସ୍ୱର୍ଗଦ୍ୱାରରେ ମୃତଦେହ ଦାହ କଟକଣା ମାସେ ବଢ଼ିଲା

## ପୁରୀ ଜିଲା ବାହାର ମୃତଦେହ ଦାହ ମନା

**ପୁରୀ ଅଫିସ,୧୯:** ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ୱର୍ଗଦ୍ୱାରରେ ପୁରୀ ଜିଲା ବାହାର ମୃତଦେହ ଦାହ ଉପରେ କଟକଣା ଲଗାଯାଇଛି। ଗତ ଜୁଲାଇରୁ ପୁରୀ ଜିଲା ବାହାର ମୃତଦେହ ସ୍ୱର୍ଗଦ୍ୱାରରେ ଦାହ କରାଯାଇପାରିବ ନାହିଁ ବୋଲି କଟକଣା ଲଗାଯାଇଥିଲା। ରାଜ୍ୟ ସରକାରଙ୍କ ଅନ୍‌ଲକ-୪ ପରେ ଜିଲା ପ୍ରଶାସନ ଏହି କଟକଣାକୁ ପୁଣି ମାସେ ବଢ଼ାଇଛି। ଅର୍ଥାତ୍ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଜିଲା ବାହାର ମୃତଦେହ ସ୍ୱର୍ଗଦ୍ୱାରରେ ଦାହ ହୋଇପାରିବ ନାହିଁ ବୋଲି ମଙ୍ଗଳବାର ପୁଣି ନିର୍ଦ୍ଦେଶନାମା ଜାରି କରାଯାଇଛି। କେବଳ ପୁରୀ ଜିଲାବାସୀ ରାଜ୍ୟ ସରକାରଙ୍କ କୋଭିଡ୍ କଟକଣା ମାନି ସ୍ୱର୍ଗଦ୍ୱାରରେ ଦାହ ସଂସ୍କାର କରିପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସ୍ୱର୍ଗଦ୍ୱାରରେ ମୃତଦେହ ଦାହ କଲେ ଆତ୍ମା ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ମୃତଦେହ ଦାହ ପାଇଁ ଆସିଥାଏ। ଏଥିସହ ମହୋଦଧିରେ ଅସ୍ଥି ବିସର୍ଜନ କରିବାର ପରମ୍ପରା ବି ରହିଛି। ମାତ୍ର ବର୍ତ୍ତମାନ କରୋନା ସ୍ଥିତିକୁ ଦେଖି ଗତ ଜୁଲାଇ ୭ ତାରିଖରୁ ଜିଲା ପ୍ରଶାସନ ସ୍ୱର୍ଗଦ୍ୱାରରେ ମୃତଦେହ ଦାହ ଏବଂ ମହୋଦଧିରେ ଅସ୍ଥି ବିସର୍ଜନ ଉପରେ କଟକଣା ଲଗାଇଥିଲା। ଜିଲା କିମ୍ବା ରାଜ୍ୟ ବାହାର କୌଣସି ମୃତଦେହ ଏଠାରେ ଦାହ କିମ୍ବା ମହୋଦଧିରେ ଅସ୍ଥି ବିସର୍ଜନ କରାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି ହୋଇଥିଲା। ସୋମବାର ରାଜ୍ୟ ସରକାର ଅନ୍‌ଲକ୍-୪ ଘୋଷଣା କରିବା ପରେ ଜିଲା ପ୍ରଶାସନ ତା'ର ପୂର୍ବ କଟକଣାକୁ ଆହୁରି ମାସେ ବୃଦ୍ଧି କରିଛି।



# ପୂର୍ବତନ ଥାନା ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

## ବ୍ରାଉନ୍‌ସୁଗାର ମାଫିଆ-ପୋଲିସ ଲିଙ୍କ୍

**ବାଲେଶ୍ୱର ଅଫିସ, ୧୯:** ବାଲେଶ୍ୱର ଜିଲା ଜଳେଶ୍ୱର ଥାନାର ପୂର୍ବତନ ଆଇଆଇସି ଧନେଶ୍ୱର ସାହୁଙ୍କ ବ୍ରାଉନସୁଗାର ମାଫିଆଙ୍କ ସହିତ କଥାବାର୍ତ୍ତାକୁ ନେଇ ଏକ ଅଡିଓ ପୂର୍ବରୁ ଭାଇରାଲ ହୋଇଥିଲା। ଏହି ଘଟଣାରେ ଆଇଆଇସି ସାହୁଙ୍କୁ ଡିଜିପି ଅଭୟ ନିଲମ୍ବନ କରିଥିଲେ। ତେବେ ଉକ୍ତ ଘଟଣାକୁ କେନ୍ଦ୍ର କରି ମଙ୍ଗଳବାର ପୂର୍ବାହ୍ନରେ ଜଳେଶ୍ୱର ଥାନାରେ ବାଲେଶ୍ୱର ଓ ବାରିପଦା ଭିଜିଲାନ୍ସ ଟିମ୍ ମିଳିତ ଚଢ଼ାଉ କରିଛି। ଜଳେଶ୍ୱର ଥାନା ସହିତ ସାହୁଙ୍କ ବାସଭବନରେ ମଧ୍ୟ ଚଢ଼ାଉ ଜାରି ରହିଛି। ବ୍ରାଉନ୍‌ସୁଗାର ମାଫିଆଙ୍କ ସହ ତାଙ୍କ ଲିଙ୍କ୍ ଘଟଣାର ଖୋଳତାଡ଼ ଚାଲିଛି। ଏଥି ସହିତ ଉକ୍ତ ଥାନାର ଗ୍ରାମରକ୍ଷୀ ଅନନ୍ତ ମଣ୍ଡଳଙ୍କ ଅଗ୍ରୱାଲା ଛକଠାରେ ଥିବା ଭଡ଼ାଘର ଏବଂ ଶିଖରପୁର ପୈତୃକ ଘରେ ମଧ୍ୟ ଚଢ଼ାଉ କରାଯାଇଛି। ଭିଜିଲାନ୍ସର ୧୧ଜଣିଆ ଟିମ୍ ସାହୁଙ୍କର ଜଳେଶ୍ୱର ସରକାରୀ ବାସଭବନ, ଭୁବନେଶ୍ୱର, କଟକ ନରସିଂହପୁର ପୈତୃକ ଘରେ ଏକକାଳୀନ ଚଢ଼ାଉ କରିଥିବା ସୂଚନା ମିଳିଛି।

# ପାରିବାରିକ କଳହ: କୂଅକୁ ଡେଇଁଲେ ଦମ୍ପତି

**ବ୍ରହ୍ମପୁର ଅଫିସ , ୧୯:** ବ୍ରହ୍ମପୁର ଟାଉନ ଥାନା ବିଜିପୁର ଶାସ୍ତ୍ରୀନଗର ତୃତୀୟ ଲାଇନ୍‌ରେ ମଙ୍ଗଳବାର ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇ ଶେଷରେ କୂଅକୁ ଡେଇଁ ସ୍ତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଉଦ୍ଧାର ପାଇଁ ସ୍ୱାମୀ ମଧ୍ୟ କୂଅକୁ ଡେଇଁ ପଡିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡ଼ିକାଲର ଭର୍ତ୍ତି କରିଛନ୍ତି। ସ୍ତ୍ରୀ ସୁନୀତା ସାହୁ(୨୫) ଗୁରୁତର ଥିବା ବେଳେ ସ୍ୱାମୀ ରାମଚନ୍ଦ୍ର(୩୧) ଆହତ ହୋଇଛନ୍ତି। ସୁନୀତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି।

ପ୍ରକାଶ ଯେ, ବିଜିପୁର ଶାସ୍ତ୍ରୀନଗରରେ ରାମଚନ୍ଦ୍ର ତାଙ୍କ ସ୍ତ୍ରୀ ସୁନୀତାଙ୍କ ସହ ରହୁଛନ୍ତି। ତାଙ୍କର ଏକ ଦେବର୍ଷର ଝିଅ ଅଛି। ବିଭିନ୍ନ କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହେଉଥିଲା। ମଙ୍ଗଳବାର ରାମଚନ୍ଦ୍ର ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କରଣକୁ ନେଇ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଉତ୍‌କ୍ଷିପ୍ତ ହୋଇ ରାମଚନ୍ଦ୍ର ସ୍ତ୍ରୀ ସନୀତାଙ୍କୁ ମାଡ ମାରିଥିଲେ। ସୁନୀତା ମାନସିକ ଭାରସାମ୍ୟ ହରାଇ ଘର ଭିତରେ ଥିବା ଗଭୀର କୂଅକୁ ଡେଇଁ ପଡିଥିଲେ। ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ରାମଚନ୍ଦ୍ର ମଧ୍ୟ କୂଅକୁ ଡେଇଁ ପଡିଥିଲେ। ପରିବାର ଲୋକେ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ, ହେଲେ ପାରି ନ ଥିଲେ। ଅଗ୍ନିଶମ କର୍ମଚାରୀ ୪୦ ଫୁଟ ଗଭୀର କୂଅ ଭିତରୁ ଦମ୍ପତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ।


**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ**
**ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଅନୁଗୋଳ**
ଇସ୍ତାହାର ସଂଖ୍ୟା:୪୯୬/ ତା୦୧।୦୯।୨୦୨୦

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ପ୍ରତିପାଳକ ଯତ୍ନ (Foster Care) ବ୍ୟବସ୍ଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପ୍ରଚଳନ କରାଯାଉଅଛି । ଏହି ପ୍ରଚଳିତ ବ୍ୟବସ୍ଥାର ଲକ୍ଷ୍ୟ ଯେଉଁଠି ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଅସ୍ଥାୟୀ ଭାବରେ ଅଣସମ୍ପର୍କୀୟ ପରିବାର ସହିତ ସ୍ୱଳ୍ପ କିମ୍ବା ଦୀର୍ଘ ସମୟ ପାଇଁ ରଖାଯାଇଥାଏ ଏବଂ ଆବଶ୍ୟକସ୍ଥଳେ ପାରିବାରିକ ପରିସ୍ଥିତି ପରିବର୍ତ୍ତନ ହେଲେ ପୁନଶ୍ଚ ସେମାନଙ୍କୁ ପରିବାର ସହିତ ମିଳନ କରିବାର ବ୍ୟବସ୍ଥା ରହିଅଛି । ଏହି କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୪୪ ଓ କିଶୋର ନ୍ୟାୟ ନିୟମ ୨୦୧୬ ଅନ୍ତର୍ଗତ ଅଧିନିୟମ ୨୩ ଏବଂ ମଡେଲ ଗାଇଡଲାଇନ, ପ୍ରତିପାଳନ ଯତ୍ନ (Foster Care) ୨୦୧୬ ଅନୁଯାୟୀ ଶିଶୁମାନଙ୍କୁ ଥଇଥାନ ବ୍ୟବସ୍ଥା ରହିଅଛି । ପ୍ରତିପାଳନ ନିମନ୍ତେ କେବଳ ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଇଚ୍ଛୁକ ପିତାମାତାମାନେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ, ଫୋନ୍ ନମ୍ବର (୦୬୭୬୪-୨୩୦୩୨୯)ଙ୍କୁ ଆବେଦନ କରନ୍ତୁ ।

ଦରଖାସ୍ତ ଫର୍ମ ଓ ନିୟମାବଳୀ ସମ୍ବନ୍ଧୀୟ ସମସ୍ତ ତଥ୍ୟ www.angul.nic.inରେ ଉପଲବ୍ଧ ଅଛି ।

ସ୍ୱା./- ଜିଲ୍ଲାପାଳ, ଅନୁଗୋଳ


# ନିରପେକ୍ଷ ତଦନ୍ତ ଦାବି କଲେ ପରିବାରବର୍ଗ



ରାଜସ୍ଥାନରୁ ଆସିଥିବା ପରିବାର ଲୋକଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ହାଜତରେ ମୃତ୍ୟୁ ଘଟଣା

**କୋରାପୁଟ/ଜୟପୁର,୧୯ (ସ୍ୱ.ପ୍ର./ନି.ପ୍ର.):** କୋରାପୁଟ ଜିଲାର ଜୟପୁର ସଦର ଥାନା ହାଜତରେ ଜଣେ ଗଞ୍ଜେଇ ଚୋରା ଚାଲାଣକାରୀ ଆତ୍ମହତ୍ୟା କରିବା ଘଟଣାର ତଦନ୍ତ ଦାବି କରିଛନ୍ତି ତାଙ୍କ ପରିବାର ବର୍ଗ। ମଙ୍ଗଳବାର ମୃତକଙ୍କ ଭାଇ ବାବୁରାମ ଚୌଧୁରୀଙ୍କ ସମେତ ୫ ଜଣ ପରିବାର ଲୋକେ ରାଜସ୍ଥାନରୁ ଆସି କୋରାପୁଟରେ ପହଞ୍ଚିଛନ୍ତି। ସେମାନେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲ ଆସି ମୃତକଙ୍କ ମୃତଦେହ ଦେଖିବା ପରେ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଏପରିକି ଘଟଣା ଦିନର ସେଠାରେ ଥିବା ସିସିଟିଭି ଫୁଟେଜକୁ ତଦନ୍ତ ପରିସରକୁ ନେବାକୁ ସେମାନେ କହିଛନ୍ତି। ଲକ୍ଷ୍ମୀପୁର ଏସଡିପିଓ ଅଶ୍ୱିନୀ ପଟ୍ଟନାୟକ, ଦଶମନ୍ତପୁର ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ, କୋରାପୁଟ ଟାଉନ ଥାନା ଅଧିକାରୀ ପୀତବାସ ଧାରୁଆ, ମାଜିଷ୍ଟ୍ରେଟ ଭାବେ ଜୟପୁର ତହସିଲଦାର ରାଜେନ୍ଦ୍ର ଖରା, ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ଶନିବାର ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଏହି ବ୍ୟକ୍ତିଙ୍କୁ ଜୟପୁର ସଦର ଥାନା ପୋଲିସ ଅଟକ ରଖିଥିଲା। ରବିବାର ଭୋରରୁ ସେ ଘୋଡାଇ ହୋଇଥିବା ନିଜ ଗାମୁଛା ବେକରେ ବାନ୍ଧି ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ସୋମବାର ଏସପି ଡିସିଓ ଓ ସେଣ୍ଟ୍ରିଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ।

# ଏମ୍‌ପି ପାଣ୍ଠି ଜାଲିଆତି, ୨ ଗିରଫ

**ବାରିପଦା ଅଫିସ,୧୯:** ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁଙ୍କ ଉନ୍ନୟନ ପାଣ୍ଠିକୁ ବିନିଯୋଗ କରିବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶ ଓ ଦସ୍ତଖତକୁ ଜାଲିଆତି କରାଯାଇଥିବା ଅଭିଯୋଗରେ ୨ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ହେମନ୍ତ ସୋରେନ ଓ ତାଙ୍କ ସହଯୋଗୀ ଶୈଳେଶ କୁମାର ଗିରି। ଏନେଇ ଏମ୍‌ପି ଟୁଡୁ ମଙ୍ଗଳବାର ବାରିପଦା ଟାଉନ ଥାନାରେ ଲିଖିତ ଏତଲା ଦେଇଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୫୭୭/୨୦)ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଏମ୍‌ପି ଟୁଡୁଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକରୁଥିବା ହେମନ୍ତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) କାର୍ଯ୍ୟାଳୟକୁ ଏମ୍‌ପିଙ୍କ ନକଲି ଦସ୍ତଖତ ସହ କାଗଜପତ୍ର ପଠାଇଥିଲେ। ବାରିପଦା ୱାର୍ଡ ନଂ. ୨୨ ରଘୁନାଥପୁର ଅଞ୍ଚଳର ପକ୍କା ରାସ୍ତା ନିର୍ମାଣ ଏବଂ ମୋରଡ଼ା ବ୍ଲକର ଛଉ ପେଣ୍ଡାଲ ନିର୍ମାଣ କାର୍ଯ୍ୟ ବିବାଦୀୟ ଥିବା ନେଇ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଜାଣିବାକୁ ପାଇଥିଲେ। ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟଗୁଡ଼ିକର ବିଲକୁ ଅଟକ ରଖାଯାଇଥିଲା। ଏହି ଘଟଣା ଏମ୍‌ପି ଟୁଡୁଙ୍କ ନଜରକୁ ଆସିବା ପରେ ଉକ୍ତ କାର୍ଯ୍ୟ ସମ୍ପର୍କରେ ସେ କୌଣସି ନିର୍ଦ୍ଦେଶ ଦେଇ ନ ଥିବା ପ୍ରଶାସନକୁ ଜଣାଇଥିଲେ। ତେବେ ଘଟଣା ସମ୍ପର୍କରେ ଆଇଟିଡିଏ ଅଫିସକୁ ଯାଇ ଯାଞ୍ଚ କରିବା ପରେ ଏହିପରି ଅନେକ ଜାଲିଆତି କାଗଜପତ୍ର ପ୍ରଦାନ କରାଯାଇଥିବା ନେଇ ଜାଣିବାକୁ ପାଇବା ସହ ଥାନାରେ ଅଭିଯୋଗ କରିଥିବା ଏମ୍‌ପି କହିଛନ୍ତି।


**GOVERNMENT OF ODISHA, OFFICE OF THE EXECUTIVE ENGINEER**
**RURAL WORKS DIVISION-II, NABARANGAPUR, UMERKOTE**
No. O-302:- E-mail: eerwukt@gmail.com, eerwukt@ymail.com

**"e"-Procurement Notice | Identification No. Online Tender//11/RWD-UKT/2020-21**
Letter No. 2528 Date: 31.08.2020

01. Name of the work : Road Works.
02. Total Number of works : 03 Nos.
03. Estimated Cost :- Varies from 118.77 lakhs to 150.07 lakhs.
04. Class of Contractor :- "A" and "B".
05. Period of Completion :- As per TCN
06. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W. Division-II, Nabarangapur, Umerkote. | Online Tender/11/RWD-UKT/2020- 21 | 07.09.2020 at 11.00 AM | 18.09.2020 at 05.00 PM | 16.09.2020 at 01.00 PM | 21.09.2020 at 11.00 AM | To be intimated to the Qualified Bidder |

• Further details can be seen from the website www.tendersorissa.gov.in
Sd./- Executive Engineer, Rural Works Division-II, Nabarangpur, Umerkote
OIPR-25155/11/0011/2021

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI, ODISHA**
**CORRIGENDUM**
No.: 2340 Date: 30.08.2020
**No. E-211:-** With the reference to this office tender call notice No-2161 dated.13.8.20 the annual turnover as mentioned in the Sl No-2 (e) may be read as **"Average annual Turnover of Rs.1.00 crore or more in last three financial years duly certified by CA". The Last date of submission of Tender is 07.09.2020, 5.30 P. M. and tender will open on dt. 08.09.2020, 5.00 P.M.** Other condition of tender will remain unchanged.
**Sd./- Dr S. P. Maharana**
**DMO (MS) cum Supt., DHH, Malkangiri**
OIPR-10082/11/0008/2021

**OFFICE OF THE PANCHAYAT SAMITI, KORAPUT, DIST.-KORAPUT**
No.1864/2020 Dated 31.08.2020
**TENDER CALL NOTICE**
Sealed tenders are invited from Registered contractor from state PWD/M.I./Irrigation/Rural works for execution of Roads & Bridges, Buildings etc. The detail information of which are made available in Koraput Dist. Website i.e. http//www.koraput.nic.in & in DRDA Website http//www.drdakoraput.org.
The date and time of sale of tender paper is from 02.09.2020 to 14.09.2020 upto 3.00 P.M. and receipt of sealed tender is from 03.09.2020 to 14.09.2020 upto 3.00 P.M. on working days.
**Sd./-Block Development Officer, Koraput**

**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL,**
**BERHAMPUR-760004, GANJAM, ODISHA**
Tel.0680-2292624, FAX: 0680-2292752/E-mail: supdtmkcg@gmail.com, supdtmkcg-bam@gov.in
No. 9277 MCH/CS/2020 Date: 01.09.2020
**TENDER CALL NOTICE**
**No. E-215:-** The Superintendent, MKCG Medical College Hospital, Berhampur-760004, Dist. Ganjam, Odisha invites sealed tenders in the prescribed Proforma from the Registered and reputed Manufacturers, Authorized suppliers, Dealers, Stockist and EPM rate Contract holders for **"Supply of Surgical Consumable & Disposable items"** for M.K.C.G. Medical College Hospital, Berhampur.
The detail information, terms and conditions can be obtained from the office of the undersigned in any working day after publication in newspapers. The bidder can also download the tender documents directly from the website **www.ganjam.nic.in**. The last date of receipt of tenders through Regd. Post/ Speed/ Courier is on or before **Dt. 30.09.2020 at 05.00 P.M.** & the Tender will be open on **05.10.2020,** the open date may be extended.
**The Superintendent, M.K.C.G. Medical College Hospital, Berhampur reserves right to accept/reject/cancel any or all the tenders in full or part without assigning any reason thereof.**
**Sd./- Superintendent, MKCG Medical College Hospital, Berhampur**
OIPR-10028/11/0006/2021

**OFFICE OF THE DIRECTOR, CAPITAL HOSPITAL, BHUBANESWAR**
**Unit-VI, Ganga Nagar, Udyan Marg**
**Bhubaneswar-751001, Khordha**
E-mail:substorechb@gmail.com/director.chb@gmail.com
Ph.-0674-2391983/85/79
Notice No.6087/ Date 01.09.2020
**SHORT TENDER CALL NOTICE**
No.E-218:- Sealed short tenders are invited by the undersigned from the manufacturers/wholesalers/ Authorized Dealers/Distributers /C&F agents having up-to-date Drug Licence/Manufacturing Certificate, GST, Income Tax Clearance Certificate for supply of **"Gloves & other Drugs"** for collection of Covid-19 Swab samples & hospital use. To download the document, please visit our website: www.capitalhospital.nic.in.
The details of last date & time of receipt of sealed tender, date & time of opening of sealed quotations, venue etc. are as mentioned in the bid documents. The undersigned reserves the right to reject or cancel any or all the tender without any reason thereof.
**Sd./- Director, Capital Hospital, Bhubaneswar**
OIPR-10078/11/0004/2021

**ବିଜ୍ଞାପନ**
ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଅନୁଗୋଳ
ନାମ- ଶ୍ରୀ ରଞ୍ଜନ କୁମାର ସାହୁ
ପୂର୍ବତନ ଉପଆରକ୍ଷୀ ନିରୀକ୍ଷକ, ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଅନୁଗୋଳ
ପିତା- ବିରଞ୍ଚି ନାରାୟଣ ସାହୁ
ଗ୍ରା./ପୋ.- କୁଣ୍ଡେଇ ଡିହ
ଥାନା- ଗୁରୁଣ୍ଡିଆ
ଜିଲ୍ଲା- ସୁନ୍ଦରଗଡ଼
No.D-48:- ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଆପଣ ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଅନୁଗୋଳରେ କାର୍ଯ୍ୟରତ ଥିବା ସମୟରେ, କର୍ତ୍ତୃପକ୍ଷଙ୍କ ବିନା ଅନୁମତି କିମ୍ବା ଛୁଟିରେ, କର୍ତ୍ତବ୍ୟରୁ ତା୧୮।୦୩।୨୦୧୮ରିଖଠାରୁ ଅନୁପସ୍ଥିତ ଅଛନ୍ତି । ଏଣୁ ଏ ସଂକ୍ରାନ୍ତରେ ଏକ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରୋସିଡିଂ ସଂଖ୍ୟା ୦୩/୨୦୧୪ ଆପଣଙ୍କ ବିରୁଦ୍ଧରେ କରାଯାଇଥିଲା । ଆପଣଙ୍କୁ ଏହି ପ୍ରୋସିଡିଂରେ ଦୋଷୀ ସାବ୍ୟସ୍ତ କରାଯାଇ ୦୨ ଗୋଟି କଳାଦାଗ ଦିଆଯାଇଥିଲା । ଆରକ୍ଷୀ ମହାନିରୀକ୍ଷକ ଏବଂ ଅଧକ୍ଷ, ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଅନୁଗୋଳଙ୍କ ଆଦେଶମତେ ଶ୍ରୀ ଦୁଃଖବନ୍ଧୁ ନାୟକ, ଓଡ଼ିଶା ପୋଲିସ ସେବା, ଭାରପ୍ରାପ୍ତ ଉପାଧକ୍ଷ, ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଅନୁଗୋଳଙ୍କୁ ଆପଣଙ୍କର ବର୍ତ୍ତମାନ ଅବସ୍ଥିତି ସମ୍ବନ୍ଧରେ ତଦନ୍ତ କରିବା ପାଇଁ ଆଦେଶ ଦିଆଯାଇଥିଲା । ତାଙ୍କ ରିପୋର୍ଟରୁ ଜଣାପଡେ କି ଆପଣ ନିଜ ଗ୍ରାମରେ ମଧ ଦୀର୍ଘଦିନ ହେଲା ଅନୁପସ୍ଥିତ ଅଛନ୍ତି । ଏଣୁ ଏହି ପରିପ୍ରେକ୍ଷୀରେ ମୁଁ ବିଶ୍ୱାସ କରେ କି ଆପଣଙ୍କ ବିରୁଦ୍ଧରେ ପୁନଶ୍ଚ କୌଣସି ପ୍ରୋସିଡିଂ କରିବା ସମ୍ଭବପର ନୁହେଁ ।
ଏଣୁ ଏହି ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଅଛି କି ଯେ, ଉପରୋକ୍ତ ତଥ୍ୟ ଏବଂ ପରିସ୍ଥିତିକୁ ଆଧାରକରି ମୁଁ ଶ୍ରୀ ନରସିଂହ ଭୋଳ, ଭାରତୀୟ ପୋଲିସ ସେବା, ଆରକ୍ଷୀ ମହାନିରୀକ୍ଷକ ଏବଂ ଅଧକ୍ଷ, ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟ ଅନୁଗୋଳ, ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଅନୁଗୋଳର ଡି.ଓ. ସଂଖ୍ୟା ୧୨୧ ତା୨୪।୦୪।୨୦୨୦ରିଖ ଦ୍ୱାରା ଆପଣଙ୍କୁ ଚାକିରିରୁ ତୁରନ୍ତ ବହିଷ୍କାର କରିଅଛି ।
ସ୍ୱା./- (ନରସିଂହ ଭୋଳ, ଭାରତୀୟ ପୋଲିସ ସେବା)
ଆରକ୍ଷୀ ମହାନିରୀକ୍ଷକ ଏବଂ ଅଧକ୍ଷ
ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଅନୁଗୋଳ
OIPR-12029/11/0008/2021

**TENDER CALL NOTICE NO: 3709/CW/2020, Date: 27.08.2020**
**No. n-14:-** Sealed tender in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with detailed Tender Call Notice are invied by the District Project Coordinator, RTE-SSA, Koraput, on behalf of Government of Odisha for tenders for construction of DILAPIDATED PS Buildings of Narayanpatna Block under Samagra Shiksha Plan.

| Sl. No. | Detail of Tender |
|---|---|
| 1. | Construction of Dilapilated PS Building at Upper Locha PS of Narayanpatna Block, EMD: Rs.10,600/- &Tender Cost: Rs.6,000/- (C&D Class Contractor) |
| 2. | Construction of Dilapilated PS Building at Mangalpur PS of Narayanpatna Block, EMD: Rs.10,600/- &Tender Cost: Rs.6,000/- (C&D Class Contractor) |
| 3. | Construction of Dilapilated PS Building at Turly PS of Narayanpatna Block, EMD: Rs.10,600/- &Tender Cost: Rs.6,000/- (C&D Class Contractor) |
| 4. | Construction of Dilapilated PS Building at Samana PS of Narayanpatna Block, EMD: Rs.10,600/- &Tender Cost: Rs.6,000/- (C&D Class Contractor) |
| 5. | Construction of Dilapilated PS Building at Podapadar (K) PS of Narayanpatna Block, EMD: Rs.10,600/- &Tender Cost: Rs.6,000/- (C&D Class Contractor) |
| 6. | Construction of Dilapilated PS Building at Upper Renga PS of Narayanpatna Block, EMD: Rs.10,600/- &Tender Cost: Rs.6,000/- (C&D Class Contractor) |

1. The Tender Documents will be available in the District Website i.e. (**www.koraput.nic.in**) from 27.08.2020 to 22.09.2020 up to 5.00 PM and can be downloaded from the website.
2. The Tenders will be opened at 11.00 AM on 23.09.2020.
3. Other details can be seen in the District Website **www.koraput.nic.in**.

**Sd./- District Project Coordinator, RTE-SS, Koraput**
OIPR-27035/11/0009/2021

**OFFICE OF THE PRINCIPAL**
**COLLEGE OF NURSING, M.K.C.G. MEDICAL COLLEGE CAMPUS**
**BRAHMAPUR-760004, GANJAM, ODISHA**
**Tel.0680-2292791, FAX: 0680-2292492/**
**E-mail: conbam2008@rediffmail.com**
**No.01/CON/STORE-12/2020 Dt.Berhampur the 28.08.2020**
**TENDER CALL NOTICE**
No.E-210:- Sealed tenders are invited in the prescribed proforma in two bid system (Technical bid in one cover and price bid in another cover as per the terms and conditions) from the registered firms for "Supply of Books (Nursing) for the financial year 2020-2021". The approximate cost of tender value is Rs.3.00 lakhs. The detailed tender papers, terms & conditions of supply of Books can be obtained on payment of Rs.1000/- only in shape of DD drawn in favour of the "Principal College of Nursing" payable at SBI Berhampur (Code-0033) from **Dt.05.09.2020 to 28.09.2020 upto 5 P.M.** either from the office of the undersigned or in case of download from the website. The tender documents can be downloaded from the following websites: **www.ganjam.nic.in/www.nursingodisha.nic.in/www.odisha.gov.in**. The last date of receipt of tender through Regd. Post/Speed Post/Courier is to **28.09.2020 upto 5 P.M.** The Principal, College of Nursing, Berhampur reserves the right to accept/reject/cancel any or all the tenders in full or part at any stage of the process without assigning any reason thereof. All legal disputes if any relating to this tender is subject to the jurisdiction in the courts of law situated at Berhampur, Ganjam, Odisha only.
**Sd./-Principal, College of Nursing,**
**Berhampur (Ganjam)**
OIPR-10013/11/0009/2021

Odisha Tourism
Paryatan Bhawan, Lewis Road
Bhubaneswar-751014
Fax No. +91 674 2430887
E-mail: info@odishatourism@gov.in
ଓଡ଼ିଶା ସରକାର
ପର୍ଯ୍ୟଟନ ବିଭାଗ
Government of Odisha
Tourism Department
ODISHA
INDIA'S BEST KEPT SECRET
ଓଡ଼ିଶା ପର୍ଯ୍ୟଟନ
ପର୍ଯ୍ୟଟନ ଭବନ, ଲୁଇସ ରୋଡ୍,
ଭୁବନେଶ୍ୱର - ୭୫୧୦୧୪

**No. 6686/TSM, Bhubaneswar, Dated 01.09.2020**
**TCT-COOD-MISC-0013-2019**
**REQUEST FOR PROPOSAL FOR LEASING-CUM-DEVELOPMENT/ UPGRADATION, OPERATION & MANAGEMENT OF TOURISM PROPERTIES OF DEPARTMENT OF TOURISM, ODISHA**
**No. R-8:-** Department of Tourism (DoT) invites proposals from prospective applicant(s) for leasing-cum-development/ upgradation, operation & management of tourism properties of Department of Tourism, Odisha in accordance with the conditions and manner prescribed in the Request for Proposal (RFP) document.
The Proposals should be submitted by interested parites to the Director, Tourism, Paryatan Bhawan, Lewis Road, Bhubaneswar-751014 on or before 14.10.2020 upto 12:00 Hrs. The detail terms of RFP may be downloaded from our website: **https://dot.odishatourism.gov.in/?q=tender.**
**Sd./- Director & Addl. Secretary to Govt.**
OIPR-37001/11/0009/2021



ଅକ୍ଷୟ କୁମାର ବିୟର ଗ୍ରିଲ୍ସଙ୍କ ସହ ଜଙ୍ଗଲରେ ବୁଲୁଥିବା ଅବସ୍ଥାରେ 'ଇନ୍ ଟୁ ଦ ୱାଇଲ୍ଡ ୱିଥ୍ ବିୟର ଗ୍ରୀଲ୍ସ' ଶୋ'ର ଟ୍ରେଲର ଦେଖାଯାଇଛି। ୧୧ ସେପ୍ଟେମ୍ବରରେ ଏହାର ପ୍ରିମିୟର ଓ ସେପ୍ଟେମ୍ବର ୧୪ରେ ଏହାକୁ ଟେଲିଭିଜନରେ ପ୍ରସାରଣ କରାଯିବ। ଭିଡିଓକୁ ନିଜ ଅଫିସିଆଲ ଆକାଉଣ୍ଟ ଟ୍ୱିଟର୍‌ରେ ଅକ୍ଷୟ ଶେୟାର କରିଛନ୍ତି। ବିୟରଙ୍କ ସହ ଏକ ଅନୁଭୂତି କଥା ମଧ କହିଛନ୍ତି। ଏହି ଅନ୍ତର୍ଜାତୀୟ ଶୋ'ରେ ନଜର ଆସିବାରେ ଅକ୍ଷୟ ହେଉଛନ୍ତି ତୃତୀୟ ଭାରତୀୟ। ଏହାପୂର୍ବରୁ ଏହି ଶୋ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସାଉଥ ସୁପରଷ୍ଟାର ରଜନୀକାନ୍ତଙ୍କୁ ଦେଖିବାକୁ ମିଳିଥିଲା।

# ନେଗେଟିଭ ରୋଲ୍ ପାଇଁ ଶ୍ରୀୟା ଖୁସି

ମୁମ୍ବାଇ: ୨୦୧୮ରେ ରିଲିଜ ହୋଇଥିବା କ୍ରାଇମ୍ ଥ୍ରୀଲର ଫିଲ୍ମ 'ଅନ୍ଧାଧୁନ'କୁ ଅନେକ ଦର୍ଶକ ପ୍ରଶଂସା କରିଥିଲେ। ଏହି ଫିଲ୍ମରେ ଅଭିନେତ୍ରୀ ତବୁଙ୍କ ନେଗେଟିଭ ଚରିତ୍ରକୁ ସିନେ ସମୀକ୍ଷକଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ଖୁବ ପସନ୍ଦ କରିଥିଲେ। 'ଅନ୍ଧାଧୁନ'ର ତେଲୁଗୁ ରିମେକ୍ ହେବାକୁ ଯାଉଥିବାବେଳେ ସେଥିରେ ଅଭିନେତ୍ରୀ ଶ୍ରୀୟା ସରନଙ୍କୁ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ଚାଲିଛି। ତବୁଙ୍କ ଭୂମିକାରେ ସେ ନଜର ଆସିବେ । ସେହିପରି ଅଭିନେତା ନୀତୀନ ଆୟୁଷ୍ମାନ ଖୁରାନାଙ୍କ ଭୂମିକା ନିର୍ବାହ କରିବେ। ଏନ୍. ସୁଧାକର ରେଡ୍ଡି ଏବଂ ନିକିତା ରେଡ୍ଡି ଏହାର ପ୍ରଯୋଜନା କରୁଛନ୍ତି। ଅବଶ୍ୟ ଫିଲ୍ମର ଟାଇଟଲ କ'ଣ ରହିବ ତାହା ଜଣାପଡ଼ି ନାହିଁ । ଏହି ଫିଲ୍ମରେ ପୂର୍ବରୁ ନୟନତାରା, ଅନସୂୟା ଭରଦ୍ୱାଜ୍, ରମ୍ୟା କ୍ରିଷ୍ଣନ୍, ଇଲିୟାନାଙ୍କୁ ରୋଲ ମିଳିବ ବୋଲି ଶୁଣାଯାଉଥିଲା। କିନ୍ତୁ ୩୭ବର୍ଷୀୟା ଶ୍ରୀୟାଙ୍କୁ ଏହି ଫିଲ୍ମ ପାଇଁ ଗ୍ରୀନ୍ ସିଗ୍‌ନାଲ ମିଳିଯାଇଛି। ନୂଆ ରୋଲ୍‌ରେ ନଜର ଆସୁଥିବାରୁ ଶ୍ରୀୟ ଏଥିପାଇଁ ବହୁତ ଖୁସି ଅଛନ୍ତି ବୋଲି ନିଜ ଇନ୍‌ଷ୍ଟାରେ ପୋଷ୍ଟ କରି ଜଣାଇଛନ୍ତି। ତେବେ ଦେଖିବାକୁ ବାକି ରହିଲା ନେଗେଟିଭ୍ କ୍ୟାରେକ୍ଟରରେ ଶ୍ରୀୟା ଦର୍ଶକଙ୍କ ହୃଦୟ ଜିଣିପାରୁଛନ୍ତି କି ନାହିଁ। ଅନ୍ୟପଟେ ନୀତୀନଙ୍କର ମଧ ବହୁ ଫ୍ୟାନ୍ ଅଛନ୍ତି। 'ଅନ୍ଧାଧୁନ' ଫିଲ୍ମ ୩ଟି ଜାତୀୟ ପୁରସ୍କାର ହାସଲ କରିଥିବାବେଳ ଆୟୁଷ୍ମାନ ବେଷ୍ଟ ଆକ୍ଟର ଏବଂ ବେଷ୍ଟ ସ୍କ୍ରିନ ପ୍ଲେୟାର ଆୱାର୍ଡ ପାଇଥିଲେ। ତେବେ ତେଲୁଗୁ ରିମେକ୍‌ରେ ନୀତୀନ ଶତପ୍ରତିଶତ ଆକ୍ଟିଂ କରିବାକୁ ସମର୍ଥ କି ନାହିଁ ତାହା ତ ଫିଲ୍ମ ଆସିଲେ ଜଣାପଡ଼ିବ। ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ ଶ୍ରୀୟାଙ୍କୁ ଆଗକୁ ଏସ .ଏସ. ରାଜମୌଳିଙ୍କ 'ଆର୍‌ଆର୍‌ଆର୍'ରେ ଅଭିନେତା ଅଜୟ ଦେବଗନଙ୍କ ବିପକ୍ଷରେ ଏକ କ୍ଷୁଦ୍ର ଭୂମିକାରେ ମଧ ଦେଖିବାକୁ ମିଳିବ।



ଶ୍ରୀୟା ସରନ

# ଅର୍ଥନୀତିର ରାହା ନଡ଼ିଆ

**କୃଷି ଅର୍ଥନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ନଡ଼ିଆ। କମ୍ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ଦୀର୍ଘବର୍ଷ ଯାଏ ଉତ୍ପାଦନ କ୍ଷମତା ଥିବାରୁ ଏହି ଗଛର ଆଦର କାହିଁରେ କେତେ। ସାମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବ୍ୟବସାୟିକ ଭିତ୍ତିରେ କରାଯାଉଥିବା ନଡ଼ିଆ ଚାଷ ବେଶ୍ ଲାଭଦାୟକ। ଧର୍ମ, ସଂସ୍କୃତି ଏବଂ ପରମ୍ପରାକୁ ନେଇ ସମୃଦ୍ଧ ଭାରତ ଭଳି ଦେଶରେ ନଡ଼ିଆ ବା ଶ୍ରୀଫଳ ପ୍ରତି ରହିଛି ଅହେତୁକ ଆକର୍ଷଣ। ନଡ଼ିଆ ଚାଷ ଏବଂ ଚାଷୀଙ୍କୁ ପ୍ରୋତ୍ସାହିତ କରିବା, ପୌଷ୍ଟିକ ତତ୍ତ୍ୱରେ ଭରପୂର ଏହି ସୁସ୍ୱାଦୁ ଫଳ ବିଷୟରେ ଲୋକଙ୍କୁ ଧାରଣା ଦେବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨କୁ ବିଶ୍ୱ ନାରିକେଳ ଦିବସ ବା ୱାର୍ଲ୍ଡ କୋକନଟ ଡେ' ଭାବେ ପାଳନ କରାଯାଉଛି।**

## ଆଜି ବିଶ୍ୱ ନାରିକେଳ ଦିବସ



ନୂଆଦିଲ୍ଲୀ: ବିକାଶଶୀଳ ଏବଂ ବିକଶିତ ଦେଶର ଜାତୀୟ ଅଭିବୃଦ୍ଧିରେ ଅର୍ଥକରୀ ଫଳ ନଡ଼ିଆର ଯୋଗଦାନ ଅନେକ। ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଉତ୍ପାଦିତ ହେଉଥିବା ନଡ଼ିଆ ବିଶ୍ୱର ଅଧିକାଂଶ ଚାହିଦା ମେଣ୍ଟାଇଥାଏ। ଏଥିରୁ ହେଉଥିବା ଆୟ ଅର୍ଥନୀତିକୁ ବଳ ଯୋଗାଏ। ନଡ଼ିଆ ଗଛର ପ୍ରତିଟି ଅଂଶ ଉପକାରରେ ଆସେ। ନଡ଼ିଆ ଗଛରୁ ସମାନ୍ତରାଳ ଭାବେ ପଇଡ଼, ନଡ଼ିଆ, କତା ଉତ୍ପାଦନ ହୁଏ। ତେଣୁ ନଡ଼ିଆ ଚାଷ କରାଯାଉଥିବା ଅଞ୍ଚଳରେ ଆପଣାଛାଏ ଗଢ଼ି ଉଠେ ଅନେକ ଶିଳ୍ପ, ଯାହା ଲକ୍ଷାଧିକ ଲୋକଙ୍କୁ ରୋଜଗାରର ବାଟ ଦେଖାଏ। ଏହାକୁ ନଜରରେ ରଖି ସମୁଦ୍ର ତଟବର୍ତ୍ତୀ ସ୍ଥାନଗୁଡ଼ିକରେ ପ୍ରଚୁର ପରିମାଣର ନଡ଼ିଆ ଚାଷ କରାଯାଉଛି।

ଭାରତୀୟ ଜନମାନସରେ ଧର୍ମୀୟ ବିଶ୍ୱାସ ସହିତ ଜଡ଼ିତ ଫଳ ମଧ୍ୟରେ ଅନ୍ୟତମ ନଡ଼ିଆ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ବଡ଼ ଯୋଗଦାନ ରହିଛି ନଡ଼ିଆର। ଏକ ତଥ୍ୟ ଅନୁଯାୟୀ ନଡ଼ିଆ ଉତ୍ପାଦନକାରୀ ଦେଶ ମଧ୍ୟରେ ଭାରତର ସ୍ଥାନ ପୃଥିବୀରେ ତୃତୀୟ। ଭାରତରୁ ବାର୍ଷିକ ହାରାହାରି ୧୨ ମିଲିୟନ ମେଟ୍ରିକ ଟନ୍ ନଡ଼ିଆ ଉତ୍ପାଦନ ହୁଏ। ଏହିକ୍ରମରେ ଇଣ୍ଡୋନେସିଆ (୧୯ ମିଲିୟନ ମେଟ୍ରିକ ଟନ୍), ଫିଲିପାଇନ୍ସ (୧୪ ମିଲିୟନ ମେଟ୍ରିକ ଟନ୍) ସହ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପୃଥିବୀରେ ହେଉଥିବା ମୋଟ୍ ନଡ଼ିଆ ଉତ୍ପାଦନରୁ ଏହି ତିନିଦେଶର ଯୋଗଦାନ ୭୨%। ସେହିପରି ଶ୍ରୀଲଙ୍କା, ପପୁଆ ନିଉଗିନି, ମେକ୍ସିକୋ, ବ୍ରାଜିଲ, ଭିଏତନାମ, ଥାଇଲାଣ୍ଡରୁ ମୋଟ୍ ୧୭% ନଡ଼ିଆ ଉତ୍ପାଦନ ହୋଇଥାଏ। ୨୦୧୮ର ଏକ ତଥ୍ୟ ଅନୁଯାୟୀ, ପପୁଆ ନିଉଗିନିବାସୀ ବେଶି ନଡ଼ିଆପ୍ରିୟ। ଏଠାରେ ଜଣେ ବ୍ୟକ୍ତି ବାର୍ଷିକ ହାରାହାରି ୧୪୦ କେଜି ଯାଏ ନଡ଼ିଆ ଖାଇଥାନ୍ତି। ଏହା ପଛକୁ ଫିଲିପାଇନ୍ସ ୧୩୧ କେଜି ଏବଂ ଶ୍ରୀଲଙ୍କା ୧୨୪ କେଜି ସହ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି।

ନଡ଼ିଆ ଉତ୍ପାଦନ, ପ୍ରକ୍ରିୟାକରଣ, ବିପଣନ, ମୂଲ୍ୟ ନିର୍ଦ୍ଧାରଣ, ଚାଷୀଙ୍କୁ ଉତ୍ସାହିତ କରିବା ଲାଗି ଭାରତରେ କୋକନଟ ଡେଭଲପମେଣ୍ଟ ବୋର୍ଡ (ସିଡିବି) ଗଠନ କରାଯାଇଛି। ଏକ ତଥ୍ୟ ଅନୁଯାୟୀ, ନଡ଼ିଆ ଉତ୍ପାଦନରେ ଭାରତ ଏକ ଅଗ୍ରଣୀ ଦେଶ। ଦେଶର ମୋଟ୍ ୨୦.୮୨ ଲକ୍ଷ ହେକ୍ଟର ଜମିରେ ନଡ଼ିଆ ଚାଷ କରାଯାଉଛି। ଗୋଟିଏ ହେକ୍ଟରରୁ ହାରାହାରି ୧୧,୫୦୫ଟି ନଡ଼ିଆ ମିଳିଥାଏ। ଜିଡିପିକୁ ନଡ଼ିଆର ଯୋଗଦାନ ୨୭,୯୦୦ କୋଟି ଟଙ୍କା।

ଦେଶର କେରଳ, କର୍ନାଟକ, ଆନ୍ଧ୍ରପ୍ରଦେଶ ତାମିଲନାଡୁ, ଗୋଆ, ମହାରାଷ୍ଟ୍ର, ଓଡ଼ିଶା, ପଶ୍ଚିମବଙ୍ଗ, ପୁଡୁଚେରି, ଗୁଜରାଟ, ଲାକ୍ଷାଦୀପ, ଆଣ୍ଡାମାନରେ ପ୍ରଚୁର ନଡ଼ିଆ ଉତ୍ପାଦନ କରାଯାଏ। ତେବେ କେବଳ ଦକ୍ଷିଣ ଭାରତରୁ ହାରାହାରି ୯୨% ନଡ଼ିଆ ଉତ୍ପାଦିତ ହୋଇଥାଏ। ନଡ଼ିଆ ଉତ୍ପାଦନରେ ଦେଶରେ ପ୍ରଥମ ସ୍ଥାନରେ ରହିଛି କେରଳ। ଏଠାରୁ ଉତ୍ପାଦିତ ହେଉଥିବା ନଡ଼ିଆ ଜାତୀୟ ଉତ୍ପାଦନର ୪୫%। କେରଳରେ ୭.୭୦ଲକ୍ଷ ହେକ୍ଟର ଜମିରେ ନଡ଼ିଆ ଚାଷ କରାଯାଏ। କେରଳରେ ନଡ଼ିଆ 'କଳ୍ପ ଭୃକାଶମ' ନାମରେ ପରିଚିତ, ଯାହାର ଅର୍ଥ ଗଛର ସବୁ ଅଂଶ ଉପଯୋଗୀ। କେବଳ ଆର୍ଥିକ ନୁହେଁ, ସାମାଜିକ ଏବଂ ସାଂସ୍କୃତିକ ଦୃଷ୍ଟିକୋଣରୁ ମଧ କେରଳରେ ନଡ଼ିଆ ଚାଷ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛି। ନଡ଼ିଆ ଚାଷରେ ମାନବ ସମ୍ବଳର ଉପଯୋଗିତା ହେଉ ବା ନଡ଼ିଆକୁ ନେଇ ଶିଳ୍ପ ପ୍ରତିଷ୍ଠା ସବୁକ୍ଷେତ୍ରରେ କେରଳ ଅଗ୍ରଣୀ ରାଜ୍ୟ ପାଲଟିଛି। ନଡ଼ିଆରୁ ଉତ୍ପାଦିତ ତେଲକୁ ଏଠାକାର ପାରମ୍ପରିକ ଖାଦ୍ୟରେ ବ୍ୟବହାର କରାଯାଏ। ସେହିପରି ପ୍ରକ୍ରିୟାକରଣ ପରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ରାଜ୍ୟ ତଥା ରାଜ୍ୟ ବାହାରକୁ ରପ୍ତାନି କରାଯାଏ। ତେବେ ବାତ୍ୟାପ୍ରବଣ ବଙ୍ଗୋପସାଗର ନଡ଼ିଆ ଚାଷର ଶତ୍ରୁ ପାଲଟିଛି। ପ୍ରତିବର୍ଷ ପୂର୍ବ ଉପକୂଳରେ ପିଟି ହେଉଥିବା ସାମୁଦ୍ରିକ ଝଡ଼ରେ ଲକ୍ଷାଧିକ ଗଛ କ୍ଷତିଗ୍ରସ୍ତ ହେଉଛି, ଯାହା ନାରିକେଳ ଉତ୍ପାଦନକୁ ଭୟଙ୍କର କ୍ଷତି ପହଞ୍ଚାଉଛି।

ଓଡ଼ିଶା କଥା ବିଚାରକୁ ନେଲେ ଏଠାକାର ସାମୁଦ୍ରିକ ଜଳବାୟୁ ନଡ଼ିଆ ଚାଷ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ରାଜ୍ୟରେ ୫ ଲକ୍ଷ ହେକ୍ଟର ଜମିରେ ନଡ଼ିଆ ଚାଷ ହେଉଛି। ରାଜ୍ୟରୁ ବାର୍ଷିକ ୪୦୦ ମିଲିୟନରୁ ଊର୍ଦ୍ଧ୍ୱ ନଡ଼ିଆ ଉତ୍ପାଦନ ହେଉଛି। ଦେଶରେ ନାରିକେଳ ଉତ୍ପାଦନରେ ଓଡ଼ିଶାର ସ୍ଥାନ ୫ମ। ତେବେ ଫନୀ, ହୁଡ୍‌ହୁଡ୍, ଫାଇଲିନ୍‌ରେ ଉପକୂଳବର୍ତ୍ତୀ ଜିଲାର ନଡ଼ିଆ ଚାଷ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଗତ କିଛିବର୍ଷ ମଧ୍ୟରେ ଉତ୍ପାଦନ ହ୍ରାସ ପାଇଛି।

### ସ୍ୱାସ୍ଥ୍ୟପ୍ରଦ ପଇଡ଼ ପାଣି

- ପଇଡ଼ ପାଣିରେ ପ୍ରଚୁର ମାତ୍ରାରେ ଭିଟାମିନ୍-ବି, ପୋଟାସିୟମ, ମ୍ୟାଗ୍ନେସିୟମ ରହିଛି, ଯାହା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରେ।
- ହ୍ରାସ ପାଇଥିବା ଜଳୀୟ ଅଂଶ ପୂରଣ ପାଇଁ ଉପକାରୀ।
- ଦୈନିକ ପଇଡ଼ ପାଣି ପିଇଲେ କୋଲେଷ୍ଟରଲ ସ୍ତର କମିଥାଏ।
- ପଇଡ଼ ପାଣି ମନକୁ ଫୁର୍ତ୍ତି ରଖିବାରେ ସହାୟକ ହୋଇଥାଏ।
- ମୁଣ୍ଡବ୍ୟଥା, କିଡ୍‌ନୀ ସମସ୍ୟା, ଡାଇବେଟିସ୍, ଥାଇରଏଡ୍‌ସ୍ତର ସନ୍ତୁଳିତ ରଖିବା, ଚମଡ଼ାରେ ଚମକ ଆଣିବା, ବୟସର ଛାପ ଦୂରେଇବା ଲାଗି ପଇଡ଼ ପାଣି ଉପାଦେୟ।


# ଏକ ମିନିଟ୍‌ରେ ୧୫୦ କାର୍ ଲୋଗୋ



**ଚେନ୍ନାଇ**

କଥାରେ ଅଛି ଆଗ୍ରହର ସହ କରାଯାଇଥିବା ସମସ୍ତ କାମରେ ସଫଳତା ଅବଶ୍ୟ ମିଳିଥାଏ। ଏହାର ଏକ ଉଦାହରଣ ହେଉଛନ୍ତି ଚେନ୍ନାଇର ୭ ବର୍ଷର ବାଳକ କେଭିନ୍ ରାହୁଲ। ଏତେ କମ୍ ବୟସରେ ସେ ୧୫୦ଟି କାର୍ ଲୋଗୋର ନାଁ କହି ରେକର୍ଡ କରିଛନ୍ତି। ଛୋଟବେଳରୁ କେଭିନଙ୍କର କାର୍ ପ୍ରତି ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି। କାର୍ ଦେଖିବା ମାତ୍ରେ ସେ ଭଲଭାବେ ସବୁ ନିରୀକ୍ଷଣ କରିଥାନ୍ତି। କାର୍ ପ୍ରତି ତାଙ୍କର ଏହି ଆକର୍ଷଣ ଏବେ ତାଙ୍କୁ ରେକର୍ଡ କରିବାରେ ସାହାଯ୍ୟ କରିଛି। ମାତ୍ର ୧ ମିନିଟ୍ ସମୟରେ ସେ ଗାଡ଼ିର ଲୋଗୋ ଦେଖି ୧୫୦ଟି କାର୍‌ର ନାଁ କହି ପାରିଛନ୍ତି। ଏତେ କମ୍ ସମୟରେ ସେ ଏତେ କାର୍ ନାଁ କହିପାରିଥିବାରୁ ଏବେ ତାଙ୍କ ନାଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଓ ଏସିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ଏତେ କମ୍ ବୟସରେ କେଭିନ୍ ଏହି ରେକର୍ଡ ହାସଲ କରିପାରିଥିବାରୁ ଏବେ ତାଙ୍କ ପରିବାର ଲୋକେ ବେଶ୍ ଖୁସି ହୋଇଛନ୍ତି। କେଭିନଙ୍କ ବାପା ରାଜୁଙ୍କ କହିବା ଅନୁସାରେ ସବୁ କଥାକୁ କେଭିନ୍ ଶୀଘ୍ର ମନେରଖିପାରନ୍ତି। କିନ୍ତୁ କାର୍ ପ୍ରତି ତାଙ୍କର ସ୍ୱତନ୍ତ୍ର ରୁଚି ରହିଥିବାରୁ ସବୁ କାର୍‌ର ଲୋଗୋ ଦେଖି ସେ ଗାଡ଼ିର ନାଁ କହିପାରନ୍ତି। ଏହି ସ୍ମରଣଶକ୍ତି ଫଳରେ ସେ ୧ ମିନିଟ୍ ମଧରେ ୧୫୦ଟି ଗାଡ଼ିର ନାଁ କହିପାରିଛନ୍ତି। ତାଙ୍କର ମନେ ରଖିବା ଶକ୍ତି ଭଲ ଥିବାରୁ ସେ କିଛି ବି ଭୁଲନ୍ତି ନାହିଁ ଓ ସବୁବେଳେ କିଛି ବଡ଼ କାମ କରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଏତେ କମ୍ ବୟସରୁ ସେ କିପରି ରେକର୍ଡ କରିବେ ଚିନ୍ତା କରି ଏହି ରାସ୍ତାକୁ ଆପଣାଇଥିଲେ। ଫଳରେ ଏହି ମାସରେ ସେ ରେକର୍ଡ କରିବା ନିମନ୍ତେ ପଦକ୍ଷେପ ନେଇଥିଲେ ଓ ସଫଳ ହୋଇଥିଲେ। ଗତ ଜୁନ୍ ମାସରେ ହୋଇଥିବା ଏକ ନୂଆ ରେକର୍ଡକୁ ଭାଙ୍ଗି ସେ ଏହି ସଫଳତା ହାସଲ କରିପାରିଛନ୍ତି। ଏବେ ଏଭଳି ଏକ ରେକର୍ଡ କରିଥିବା କେଭିନ୍ ଭବିଷ୍ୟତରେ ପୁଣି ନୂଆ ରେକର୍ଡ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରି ତାଙ୍କ ସହ ଆଇସ୍କ୍ରିମ୍ ଖାଇବା ପାଇଁ କେଭିନ୍‌ଙ୍କର ସ୍ୱତନ୍ତ୍ର ଇଚ୍ଛା ରହିଛି।


# ମହିଳାଙ୍କ ପାଟିରେ ୪ ଫୁଟ୍‌ର ସାପ



ମସ୍କୋ: ରୁଷ୍‌ରେ ମହିଳାଙ୍କ ପାଟିରୁ ଡାକ୍ତର ୪ ଫୁଟ ଲମ୍ବର ସାପ ବାହାର କରିଛନ୍ତି। ମହିଳା ଜଣକ ମୁହଁ ଖୋଲା କରି ଶୋଇଥିବା ସମୟରେ ସାପ ତାଙ୍କ ପାଟିରେ ପଶିଯାଇଥିଲା। ନିଶ୍ୱାସ ନେବାରେ କଷ୍ଟ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରୁଷ୍‌ର ଦାଗେସ୍ତାନର ଲେବାଶି ଗାଁରେ ମହିଳା ଜଣକ ବାସ କରୁଥିବା ସ୍ଥାନୀୟ ଗଣମାଧ୍ୟମ ସଂସ୍ଥା ଡେଲି ମେଲ୍ ପକ୍ଷରୁ କୁହାଯାଇଛି। ମହିଳା ଜଣକ ଘର ବଗିଚାରେ ଶୋଇଥିଲେ। ସାପ ଖୋଲା ପାଟିକୁ ଗାତ ଭାବି ଏଥିରେ ପଶିଯାଇଥିଲା। ଏହା ଗଳାରେ ପ୍ରବେଶ ଆରମ୍ଭ କରିଥିଲା। ମହିଳାଙ୍କ ଅବସ୍ଥା ଗୁରୁତର ହେବାରେ ଲାଗିଲା। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଗଳାରେ ଭିଡ଼ିଓ କ୍ୟାମେରା ଭର୍ତ୍ତି କରି ସାପ କେତେକ ଦୂର ପର୍ଯ୍ୟନ୍ତ ପ୍ରବେଶ କରିଛି ତାହା ଅନୁଧ୍ୟାନ କରିବା ପରେ ଧୀରେଧୀରେ ସାପକୁ ପାଟିରୁ ବାହାର କରିବାରେ ସଫଳ ହୋଇଥିଲେ।

# ପ୍ରଥମ ମହିଳା ଆମ୍ବୁଲାନ୍ସ ଡ୍ରାଇଭର

ଚେନ୍ନାଇ: ପ୍ରଥମ ମହିଳା ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇଡ଼ାପ୍ପାଡ଼ି କେ. ପାଲାନିସାମି ନିଯୁକ୍ତି ପ୍ରଦାନ କରିଛନ୍ତି। ରାଜ୍ୟର ପ୍ରଥମ ମହିଳା ଭାବେ ଏମ୍. ବୀରାଲକ୍ଷ୍ମୀ ଏବେ ୧୦୮ ଆମ୍ବୁଲାନ୍ସ ଚଳାଇବେ। ୯୦ଟି ୧୦୮ ଆମ୍ବୁଲାନ୍ସର ଲୋକାର୍ପଣ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଛି। ଏସବୁ ଆମ୍ବୁଲାନ୍ସରେ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିଛି। ଏଥିପାଇଁ ୨୦ କୋଟି ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ୧୦ଟି ଆମ୍ବୁଲାନ୍ସ ବ୍ଲଡ୍ ବ୍ୟାଙ୍କ କାର୍ଯ୍ୟରେ ନିୟୋଜିତ ହେବ। ଲୋକଙ୍କ ସେବାରେ ଜୀବନକୁ ଉତ୍ସର୍ଗ କରିବି ବୋଲି ଏହି ଅବସରରେ ବୀରାଲକ୍ଷ୍ମୀ କହିଛନ୍ତି। ବୀରାଲକ୍ଷ୍ମୀ ଅଟୋମୋବାଇଲ୍ ଟେକ୍ନୋଲୋଜିରେ ଡିପ୍ଲୋମା ଡିଗ୍ରୀ ହାସଲ କରିଛନ୍ତି। ଜୀବନରେ ଭଲ କାମ ଏବଂ ଲୋକଙ୍କ ସେବା କରିବା ଜଣେ ମଣିଷର ପ୍ରଥମ କର୍ତ୍ତବ୍ୟ। ଏହି ପ୍ରେରଣା ତାଙ୍କ ମା'ଙ୍କଠାରୁ ମିଳିଥିବା ବୀରାଲକ୍ଷ୍ମୀ କହିଛନ୍ତି।




# ସୁପର ମାର୍କେଟରେ ଭାଲୁ

**ନୂଆଦିଲ୍ଲୀ**

ସୁପର ମାର୍କେଟରେ ବୁଲୁଛି ଭାଲୁ। କଥାଟା ଶୁଣିବା ପାଇଁ ହୁଏତ କେତେକଙ୍କୁ ଅଡୁଆ ଲାଗିପାରେ। କିନ୍ତୁ ଏମିତି ଘଟଣା ଏବେ ଆଉ ନୂଆ ନୁହେଁ। କାଲିଫର୍ନିଆର ଏକ ସୁପର ମାର୍କେଟକୁ ବୁଲିବା ପାଇଁ ଏକ ଭାଲୁ ଆସିବା ପରଠାରୁ ଏହାକୁ ନେଇ ଚର୍ଚ୍ଚା ହେଉଛି। ସବୁଠୁ ବଡ କଥା ହେଉଛି ମାର୍କେଟ ଭିତରୁ ଭାଲୁ ତା'ର ଇଚ୍ଛା ଅନୁସାରେ ଜିନିଷ ବି ସାଙ୍ଗରେ ନେଇ ଯାଉଛି।

କରୋନା ପାଇଁ ଲୋକଙ୍କର ଘରୁ ବାହାରିବା ବହୁତ କମ୍ ହୋଇଯାଇଥିବାରୁ ବେଳେବେଳେ ବିଚିତ୍ର ଦୃଶ୍ୟ ସବୁ ଦେଖିବାକୁ ମିଳୁଥିଲା। କେଉଁଠି ଜଙ୍ଗଲର ହିଂସ୍ର ପଶୁମାନେ ଆସି ରାସ୍ତା ଉପରେ ବେଶ୍ ଆରାମରେ ବିଚରଣ କରୁଥିଲେ ତ କେଉଁଠି ଘର ଭିତରେ ଆସି ପହଞ୍ଚି ଯାଉଥିଲେ। ଠିକ୍ ଏମିତି ଏକ ଦୃଶ୍ୟ ଏବେ ପୁଣି ଚର୍ଚ୍ଚାକୁ ଆସିଛି। ଦକ୍ଷିଣ କାଲିଫର୍ନିଆର ଏକ ସୁପରମାର୍କେଟରେ ଏକ ଭାଲୁ ବେଶ୍ ଆରାମରେ ବିଚରଣ କରୁଥିବାର ଦେଖିବାକୁ ମିଳିଛି।



ମାର୍କେଟରେ ଏବେ ଲୋକଙ୍କ ଭିଡ଼ ବହୁତ କମ୍ ରହିଛି। କରୋନା କଟକଣା ପାଇଁ ସବୁଆଡ଼େ ଲୋକଙ୍କ ଗହଳି କମ୍ କରିବାକୁ କଡ଼ା ନିର୍ଦ୍ଦେଶ ରହିଛି। ତେଣୁ ମାର୍କେଟ ଭିତରେ ଲୋକ ପ୍ରାୟ ନ ଥିବା ସମୟରେ ଭାଲୁଟି ଷ୍ଟୋର ଭିତରକୁ ପଶି ଆସିଥିଲା। ମାର୍କେଟକୁ ଆସିଥିବା କିଛି ଗ୍ରାହକ ଏହା ଦେଖି ପାରିଥିଲେ। ଏହାପରେ ଗ୍ରାହକମାନଙ୍କ ମଧ୍ୟରୁ କିଛି ଲୋକ ଭାଲୁର ଭିଡିଓ କରି ଶେୟାର କରିଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଗତ ମାସରେ ମଧ ଏହି ମାର୍କେଟକୁ ପୂର୍ବରୁ ଆଉ ଥରେ ମଧ ଏକ ଭାଲୁ ପଶି ଆସିଥିଲା। ସେଥର ମଧ ଲୋକେ ଭାଲୁକୁ ଅବାଧରେ ଷ୍ଟୋର ଭିତରେ ବିଚରଣ କରିବା ଦେଖିଥିଲେ। ମଜା କଥା ହେଉଛି ସେଦିନ ଭାଲୁଟି ଯିବା ସମୟରେ କିଛି ଚିପ୍ସ ସାଙ୍ଗରେ ନେଇ ଚାଲି ଯାଇଥିଲା। କିନ୍ତୁ ଏଥର ଭାଲୁଟି ଷ୍ଟୋର ଭିତରୁ କିଛି ଜିନିଷ ନେଇଛି କି ନାହିଁ ସେ ନେଇ ସ୍ପଷ୍ଟ ଜଣା ପଡ଼ିନାହିଁ।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ଶାନ୍ତିଲତା ପ୍ରଧାନ
ଅବସରପ୍ରାପ୍ତ ଶିକ୍ଷୟିତ୍ରୀ
ଏଲ୍-୮୮, ପି.କେ.ଆର୍, ଆଇଟି କଲୋନୀ, ପୁରୀ
ଆବିର୍ଭାବ: ୦୧।୦୪।୧୯୩୮
ତିରୋଧାନ: ୨୩।୦୮।୨୦୨୦
ଆପଣଙ୍କ ବିୟୋଗରେ ଆମେ ସମସ୍ତେ ଏବଂ ପୁରୀ ସହର ମ୍ରିୟମାଣ। ଶାନ୍ତିଅପା ନାମେ ପରିଚିତ ଆପଣ, ବହୁ ଲୋକଙ୍କର ଜୀବନରେ ପ୍ରଭାବ ଏବଂ ଯୋଗଦାନ ଦେଇଛନ୍ତି। ଆପଣଙ୍କର ସ୍ଥାନ ଅପୂରଣୀୟ। ଆପଣଙ୍କ ଦିଗ୍‌ଦର୍ଶନ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଆଦର୍ଶ ଓ ଭଲପାଇବା ହିଁ ଆମର ପ୍ରେରଣା ଓ ଶକ୍ତିହୋଇ ଚିରଦିନ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା' ରାମଚଣ୍ଡୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଆପଣଙ୍କର ଶୋକସନ୍ତପ୍ତ:-
ପୁତ୍ର: ମୟୁଖ (ବାବି) ବିଦ୍ୟାଧର, ପୁତ୍ରବଧୂ: ନାତୁଣୀ, ନାତି, ପୁତୁରା, ଭଉଣୀମାନେ, ବନ୍ଧୁ ଓ ପରିବାରବର୍ଗ।
ଧ-୬୯୪୩୩

# ନଳିତା ଶଢ଼ାଇବା ପ୍ରଣାଳୀ

ନଳିତା ଗଛଗୁଡ଼ିକୁ ପାଣିରେ ୧୦-୧୨ଦିନ ଶଢ଼ାନ୍ତୁ। ନଳିତା ଶଢ଼ାଇବା ପ୍ରକ୍ରିୟା ତନ୍ତୁର ଗୁଣ ଓ ମାନ ନିର୍ଦ୍ଧାରଣରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ନଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ। ଏହା ଉତ୍ପାଦିତ ତନ୍ତୁର ପୋକ ଓ ରଙ୍ଗକୁ ନଷ୍ଟ ହେବାକୁ ଦିଏନାହିଁ। ସ୍ଥିର ପାଣି ଅପେକ୍ଷା ଧୀରେ ଧୀରେ ବୋହି ଯାଉଥିବା ପାଣି ନଳିତ ଶଢ଼ିବା ପାଇଁ ଅଧିକ ଉପଯୋଗୀ। ଗଛର ମୂଳ ଭାଗ ଅପେକ୍ଷାକୃତ ଭାବେ ମୋଟା ଓ ପରିପକ୍ୱ ହୋଇଥିବାରୁ ଏହା ଶଢ଼ିବା ପାଇଁ ଅଧିକ ସମୟ ଦରକାର। ଏଥିପାଇଁ ବିଡାଗୁଡ଼ିକୁ ୬୦ସେମି ପାଣି ଥିବା ସ୍ଥାନରେ ୨-୩ଦିନ ଠିଆ କରି ରଖନ୍ତୁ। ତା'ପରେ ଗଛର ମୂଳ ଅଂଶକୁ ସାମାନ୍ୟ ବାଡେଇ ୫-୧୦ ଭାଗ ୟୁରିୟା ଦ୍ରବଣରେ ଏକ ମିନିଟ୍ ବୁଡାଇ ରଖାଯିବା ପରେ ବିଡାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ପାଣିରେ ବୁଡାଇ ଦିଅନ୍ତୁ। ଭେଳାର ତଳ ଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ। ନଳିତା ଶଢ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କବକ କଲଚର ବ୍ୟବହାର କରନ୍ତୁ। ନଳିତାରେ ଘୋଡା ପୋକ ଏବଂ କାଣ୍ଡବିନ୍ଧା ପୋକର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ୍ କିମ୍ବା ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ।



# ଧାନରେ ପୋକ ନିୟନ୍ତ୍ରଣ

ସାଧାରଣତଃ ଏବେ ମୁଖ୍ୟ କିଆରିରେ ଧାନରେ କାଣ୍ଡବିନ୍ଧା ପୋକ ଲାଗିବାର ଆଶଙ୍କା ରହିଛି। ଯଦି ଆର୍ଥିକ ଦେହଳୀ ସୀମା (୫ ପ୍ରତିଶତ ମଲା ମଞ୍ଜୀ) ଅତିକ୍ରମ କରିଯାଇଛି, ତେବେ୨ ପ୍ରତି ଲିଟର ପାଣିରେ ୨.୦ ମିଲି ଫସ୍ଫାମିଡନ୍ ମିଶାଇ ସିଞ୍ଚନ କରନ୍ତୁ। ଏହି ସମୟରେ ସୁଖିଲା ପାଗ ହେଲେ ଉଭୟ ତଳିଘରା ଓ ମୁଖ୍ୟ କିଆରିରେ ଉକୁଣିଆ ପୋକ ଲାଗି ପତ୍ର ଅଗ ନାଲି ହୋଇ ପୋଡିଗଲା ପରି ଦେଖାଯାଏ। ଏହାକୁ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ କିମ୍ବା ମନୋକ୍ରୋଟଫସ ଔଷଧକୁ ମିଶାଇ ସିଞ୍ଚନ କରନ୍ତୁ। ଶୁଖିଲା ପାଗ ଲାଗି ରହିଲେ ଢ଼ିପ ଧାନ ତଥା ପାଣି ନ ଥିବା ମଝିଆଳି ଧାନ କ୍ଷେତରେ ଦହିଆ ପୋକ ଆକ୍ରମଣ ଆଶଙ୍କା ରହିଛି। ଏଥିରୁ ରକ୍ଷା ପାଇବା ପାଇଁ ପ୍ରତି ଏକ ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଶୁଖିଲା ପାଗ ସାଙ୍ଗକୁ ତାପମାତ୍ରା ଅଧିକ ଥିଲେ ମୁଖ୍ୟ କିଆରିରେ ମହିଷା ରୋଗ ଲାଗିବାର ଆଶଙ୍କା ରହିଛି। ଏହି ରୋଗର ଦମନ ପାଇଁ ପ୍ରତି ଲିଟର ପାଣିରେ ଏକ ଗ୍ରାମ ହିସାବରେ ଟ୍ରାଇସାକ୍ଲୋଜୋଲ କିମ୍ବା ଏକ ମିଲି ଏଡିଫେନୋଫସ ମିଶାଇ ତଳ ପତ୍ରରୁ ଅଗ ପର୍ଯ୍ୟନ୍ତ ୧୫ ଦିନ ଅନ୍ତରରେ ଦୁଇ ଥର ସିଞ୍ଚନ କରନ୍ତୁ।



# ଏ ମାସର କୃଷି ସୂଚନା

**ଧାନ :** ଢିପଜମିରେ ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚି ଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ।

-ଡେରିରେ ରୁଆ ଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ। ବିଳମ୍ବରେ ପକାଯାଇଥିବା ତଳି ୧୭ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ। ଧାଡ଼ିକି ଧାଡ଼ି ୧୫ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ।

-ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଓ ୨୦ କିଲୋଗ୍ରାମ୍ ପଟାସ୍ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ।

-ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଢ଼େଇବା ପର୍ଯ୍ୟନ୍ତ ଜମିରେ ଠିଆ ପାଣି ରଖିବାକୁ ଚେଷ୍ଟା କରନ୍ତୁ।

-ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩% ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ। ଏହାଛଡ଼ା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ଲାଗି ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇ.ସି. ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ। ଲେଢ଼ାପୋକ ଦମନ ସକାଶେ ଟ୍ରାୟାଜୋଫସ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ। ଏହାଛଡ଼ା ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ ଔଷଧ ପକାଇ ବିଷ ବଳୟ ତିଆରି କରନ୍ତୁ। ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୨୫% ଡବ୍ଲୁ.ପି. ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୨ ମି.ଲି.)କୁ ଗୋଳାଇ ସିଞ୍ଚନ କରନ୍ତୁ।

-ଜଳସେଚନ ସୁବିଧା ଥିବା ଜମିରେ ନଳିତା କଟାହେବା ପରେ ସଅଳ କିସମ ଧାନ ଯଥା- ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ସିଦ୍ଧାନ୍ତ, ଯୋଗେଶ, ସହଭାଗୀ ଧାନ, ମନ୍ଦାକିନୀ ଆଦି ଧାନ ରୁଅନ୍ତୁ।

**ମକା:** ମକା କିଆରିରେ ଠିଆପାଣି ରଖନ୍ତୁ ନାହିଁ। କିଆରିରେ ଠିଆପାଣି ଜମି ରହିଲେ କାଣ୍ଡଶଢ଼ା ରୋଗ ଦେଖାଯାଏ। ଏହି ରୋଗ ହେଲେ ପ୍ରତି ଲିଟର ପାଣିରେ ଭାଲିଡାମାଇସିନ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ।

**ମାଣ୍ଡିଆ:** ମାଣ୍ଡିଆ କିଆରିରେ ଠିଆ ପାଣି ରଖନ୍ତୁ ନାହିଁ। ଫସଲରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ।

**ଡାଲିଜାତୀୟ ଫସଲ :** ଢିପଜମିରେ ମୁଗ, ବିରି, କୋଳଥ ଆଦି ଡାଲି ଜାତୀୟ ଫସଲ ଚାଷ କରନ୍ତୁ।

**ମୁଗ :** ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍.୧୧-୫ (କାମଦେବ), ସୁଜାତା, ଧଉଳି, ଆଇ.ପି.ଏମ୍.-୨-୩ ଓ ଆଇ.ପି.ଏମ୍.-୨-୧୪।

**ବିରି :** ଟି-୯, ପନ୍ତ ୟୁ-୩୦, ପନ୍ତ ୟୁ-୩୫, ପ୍ରସାଦ, ଶେଖର-୨, ସାରଳା, ଉଜ୍ୱଳା, ମାହୁରି।

**କୋଳଥ :** ଉର୍ମୀ, ଡି.ଏ.ଏସ୍. ୧-୨-୨, ଡି.ଏ.ଏସ୍. ୧-୨, ସି.ଇ.-୧, ପାୟେର-୨।

-ମୁଗ, ବିରି ହେକ୍ଟର ପ୍ରତି ୨୦ ରୁ ୨୫ କିଲୋଗ୍ରାମ୍ ଓ କୋଳଥ ୩୦ କିଲୋଗ୍ରାମ୍ ଆବଶ୍ୟକ ହୋଇଥାଏ। ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନରେ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍‌ରେ ଗୋଳାଇ ବିଶୋଧନ କରନ୍ତୁ। ବୁଣିବା ପୂର୍ବରୁ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍ଚର କିଲୋଗ୍ରାମ୍ ପ୍ରତି ୨୦ ଗ୍ରାମ୍ ହିସାବରେ ବିହନକୁ ଉପଚାର କରି ଛାଇରେ ଶୁଖାଇ ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ।

-ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ମୁଗ, ବିରି ବା ହରଡ଼ ଫସଲରେ ଦେଖାଦେଲେ କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍ ୩ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଳ ନିଷ୍କାସନର ସୁବ୍ୟବସ୍ଥା କରନ୍ତୁ।

**ତୈଳବୀଜ :** -ଉପକୂଳବର୍ତ୍ତୀ ଜିଲାରେ ତୋରିଆ ଜାତୀୟ ସୋରିଷ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ। ତୋରିଆ କିସମ ଯଥା- ଅନୁରାଧା, ପାର୍ବତୀ, ସୁଶ୍ରୀ ଆଦି ସଂଗ୍ରହ କରନ୍ତୁ ଏବଂ ଏଇମାସ ଦ୍ୱିତୀୟାର୍ଦ୍ଧରେ ବୁଣନ୍ତୁ।

-ଅଣ ଜଳସେଚିତ ତୋରିଆ ଲାଗି ହେକ୍ଟର ପ୍ରତି ମୂଳସାର ୩୦ କି.ଗ୍ରା. ଯବକ୍ଷାରଜାନ, ୧୫ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ବ୍ୟବହାର କରନ୍ତୁ।

**କପା:** ହେଲିକୋଭର୍ପା ବା ଆମେରିକୀୟ ବକରା ପୋକ ଆକ୍ରମଣ ଆରମ୍ଭ ହେଲେ ଏହି ପୋକ ପର୍ଯ୍ୟବେକ୍ଷଣ ନିମନ୍ତେ ଏକର ପ୍ରତି ଦୁଇଗୋଟି ଫେରୋମନ୍ ବା ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ।

-ଏହି ପୋକ ଅଣ୍ଡା ପ୍ରଥମ ବା ଦ୍ୱିତୀୟ ଶୁକ ଅବସ୍ଥା ହେଲେ ୧ ମି.ଲି. ସ୍ପିନୋସାଡ୍ ୧ ଲିଟର ପାଣିରେ ଗୋଳାଇ ହେକ୍ଟର ପିଛା ୫୦୦ ଲିଟର ଦ୍ରବଣ ସନ୍ଧ୍ୟା ସମୟରେ ସିଞ୍ଚନ କରନ୍ତୁ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର,*
*ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,*
*ଓୟୁଏଟି, ଭୁବନେଶ୍ୱର*

## ଶୀତଦିନିଆ ପନିପରିବା



ଶୀତଦିନିଆ ପନିପରିବା ଚାଷ କରିବା ପାଇଁ ଚାରା ପକାଇବା ଆରମ୍ଭ କରନ୍ତୁ। ଏକ ଏକର ଜମିରେ ପରିବା ଚାଷ ଲାଗି ୫୦ ବର୍ଗମିଟର ଜାଗାରେ ୧ ମିଟର ଓସାର ଓ ୩ ମିଟର ଲମ୍ବର ମାଟି ପତନଠାରୁ ୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ। ତଳିଘରା ମଧ୍ୟରେ ୫୦ ସେ.ମି. ବ୍ୟବଧାନରେ ନାଳି ରଖନ୍ତୁ।

-ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନରେ ୨ ଗ୍ରାମ୍ ଭିଟାଭାକ୍ସ ପାୱାର କିମ୍ବା ୩ ଗ୍ରାମ୍ ଥିରାମ୍ କିମ୍ବା ୬ ଗ୍ରାମ୍ ଟ୍ରାଇକୋଡର୍ମା ଭିରିଡ଼େ ମିଶାଇ ବିଶୋଧନ କରନ୍ତୁ।

-ତଳିଘରାରେ ମଧ୍ୟ କ୍ୟାପ୍‌ଟାନ୍ (୦.୨%) ସିଞ୍ଚନ କରନ୍ତୁ। ତଳିଘରାରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ।

-ସଅଳ ଶୀତଦିନିଆ ଉନ୍ନତ ପନିପରିବାର କିସମଗୁଡ଼ିକ ହେଲା-

**ମୂଳା :** ପୁଷା ଚେତକି, ପୁଷା ରଶ୍ମି, ପୁଷା ହିମାନୀ। **ଫୁଲକୋବି :** ପୁଷା ଦୀପାଳି, ପୁଷା କୁଆଁରୀ, ପୁଷା କାଟକୀ, ଅର୍ଲି ସିନ୍ଥେଟିକ୍। **ବନ୍ଧାକୋବି :** ପ୍ରାଇଡ୍ ଅଫ୍ ଇଣ୍ଡିଆ, ଗୋଲ୍‌ଡେନ୍ ଏକର, ଗ୍ରୀନ୍ ବଲ୍, ପ୍ରିୟା। **ଗୁଆଁର :** ପୁଷା ସଦାବାହାର, ପୁଷା ନୌବାହାର। **ଟମାଟୋ :** ଉତ୍କଳ ଦୀପ୍ତି, ଉତ୍କଳ କୁମାରୀ, ଉତ୍କଳ ଶ୍ରାବଣୀ। **ବିନ୍ :** ଆର୍କା କୋମଲ, ଆର୍କା

ସୁବିଧା। ଏହା ସହିତ ଜଳବାୟୁ ଅନୁସାରେ ହେଉଥିବା ବିଭିନ୍ନ କମ୍ପାନୀର ସଙ୍କର କିସମ ବିହନ ମଧ୍ୟ ବ୍ୟବହାର କରନ୍ତୁ।


-ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ।

-ବାଇଗଣରେ କାଙ୍କେଡ଼ିଆ ପୋକର ଦମନ ପାଇଁ ୧ ଲିଟର ପାଣିରେ ପ୍ରୋଫେନୋଫସ୍ ୫୦ ଇ.ସି. ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସିଞ୍ଚନ କରନ୍ତୁ। ଏକର ପିଛା ୨୦୦ ଲିଟର ଦ୍ରବଣ ସିଞ୍ଚନ କରିବା ଆବଶ୍ୟକ।

-କାଣ୍ଡ ଓ ଫଳପଚା ରୋଗ ଲାଗିଥିଲେ ଏହାର ପ୍ରତିକାର ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ବା ୨.୫ ଗ୍ରାମ୍ କପର ହାଇଡ୍ରୋକ୍ସାଇଡ୍ କିମ୍ବା ୦.୫% ବୋର୍ଡ଼ୋକ୍ସ ମିକ୍ସଚର (୫:୫:୫୦) ହିସାବରେ ମିଶାଇ ସିଞ୍ଚନ କରନ୍ତୁ।

-କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ପାଇଁ ୨ ମି.ଲି. ମାଲାଥିଅନ୍ ସହିତ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷ ଥୋପ କରି ବ୍ୟବହାର କରନ୍ତୁ।

## ମାଛଚାଷ



ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସି.ଏ.ଏନ୍. ୧୦ କି.ଗ୍ରା. ଏବଂ ଏସ୍.ଏସ୍.ପି. ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ।

-ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଲୋଗ୍ରାମ୍ ହିସାବରେ ମାଛଙ୍କୁ ଦିଅନ୍ତୁ।

-କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍‌ମିନେରାଲ୍‌ମିକ୍ସଚରରେ ତିଆରି କରାଯାଇଥାଏ। ୧୦୦ କିଲୋଗ୍ରାମ୍ କୃତ୍ରିମ ଖାଦ୍ୟ ତିଆରି ଲାଗି ୪୦ କିଲୋଗ୍ରାମ୍ ବାଦାମ/ ସୋରିଷ/ ରାଶି/ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କିଲୋଗ୍ରାମ୍ ଶୁଖୁଆଗୁଣ୍ଡ, ୨୮ କିଲୋଗ୍ରାମ୍ କାଣ୍ଡିଆ କୁଣ୍ଡା, ୧୦ କିଲୋଗ୍ରାମ୍ ଅଟା ଓ ୨ କିଲୋଗ୍ରାମ୍ ମିନେରାଲ୍ ମିକ୍ସଚର ଆବଶ୍ୟକ। ମାଛଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ।

# ସାହାଣା ରୋଗ

(ଶେଷ ଭାଗ)

**ମାଇସ୍ ବା ଧଳାମୂଷା–** ଉପରୋକ୍ତ ଅନୁସାରେ ୨୪-୪୮ଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରନ୍ତି।

**ସିରୋଲୋଜିକାଲ ପରୀକ୍ଷା –** ଏଚ୍.ଏ ଏବଂ ଏଚ୍. ଆଇ ପରୀକ୍ଷା ଦ୍ୱାରା।

**ଲାସ୍‌ମାଇନା ପରୀକ୍ଷା–** ମେଜେଣ୍ଟ୍ରିକ୍, ମେଡ଼ିଆଷ୍ଟାଇନାଲ ଓ ବ୍ରୋଙ୍କିଆଲ ଲସିକା ଗ୍ରନ୍ଥି ଫୁଲିଯିବା, ଶରୀରର ବିଭିନ୍ନ ଅଙ୍ଗରେ ରକ୍ତମିଶ୍ରିତ କ୍ଷତଚିହ୍ନ ସୃଷ୍ଟିହେବା, ଛାତି ଓ ପେଟରେ ରକ୍ତମିଶ୍ରିତ ପାଣି ଜମିବା, ଫୁସଫୁସରେ ନିମୋନିଆ ଦେଖାଦେବା, ଗଳା ବା ତଣ୍ଟିର ଜୀବକୋଷଗୁଡ଼ିକ ନଷ୍ଟ ହୋଇ ସିଝିଲା ପରି ହେବା ଏବଂ ତଣ୍ଟିର ମାଂସପେଶୀ ଫୁଲିଯିବା ଇତ୍ୟାଦି।

**ଚିକିତ୍ସା ପ୍ରଣାଳୀ :** ପ୍ରଥମ ଦିନ ସଲ୍ ଫାଡ଼ିମଡନ୍ (ଭେସାଡିନ୍) ୩୩ ୧/୩% ୫୦-୧୦୦ମିଲି, ଶିରାରେ ଇଞ୍ଜେକସନ୍ ଆକାରରେ ପ୍ରତି ପ୍ରାପ୍ତ ବୟସ୍କ ଗୋରୁ ପିଛା, ଦ୍ୱିତୀୟ ଓ ତୃତୀୟ ଦିନ ଉପରୋକ୍ତ ପରିମାଣର ଅଧା ଇଞ୍ଜେକସନ୍ ଶିରାରେ ବା ମାଂସ ମଧ୍ୟରେ ଦିଆଯାଏ।

-ସଲ୍‌ଫା ମେଜାଥିନ୍ ଇଞ୍ଜେକସନ୍ ୧୫ମିଲି /୧୦୦ ପାଉଣ୍ଡ ଶାରୀରିକ ଓଜନ ପ୍ରଥ ଦିନ ଶିରାରେ ଏବଂ ଦ୍ୱିତୀୟ ଓ ତୃତୀୟ ଦିନ ଉପରୋକ୍ତ ପରିମାଣର ଅଧା।

-ଅକ୍ସିଟେଟ୍ରା ସାଇ କ୍ଲିନ୍ ଇଞ୍ଜେକସନ୍ ୩-୫ ମି.ଗ୍ରା /ପ୍ରତି କେ.ଜି. ଶାରୀରିକ ଓଜନ ୩-୫ ଦିନ ପର୍ଯ୍ୟନ୍ତ।

-ଅନ୍ୟାନ୍ୟ ଆଣ୍ଟିବାଓଟିକ୍ସ ଯଥା - ଆମ୍ପିସିଲିନ୍, ପେନସିଲିନ୍ ଜି. ସୋଡ଼ିୟମ, କ୍ଲୋରୋଫେନିକଲା, କାର୍ବୋମାଇସିନ୍ ଇଞ୍ଜେକସନ୍ ମଧ୍ୟ ଦେଲେ ଉପକାର ମିଳେ। ଏଥିସହିତ ତଣ୍ଟିର ଫୁଲା ଅଂଶରେ ଦିନକୁ ଦୁଇଥର ସେକ ଦେବା ସହିତ ଅନ୍ୟାନ୍ୟ ଲକ୍ଷଣ ଅନୁସାରେ ଚିକିତ୍ସା କଲେ ଫଳପ୍ରଦ ହୁଏ।

**ପ୍ରତିଷେଧକ ବ୍ୟବସ୍ଥା:** ଏଚ୍.ଏସ୍. ଭ୍ୟାକସିନ୍ (ଅଏଲୟୁକ୍ତ) ୩ମି.ଲି./୧୪୭ କେ.ଜି.ଶାରୀରିକ ଓଜନ ଅନୁସାରେ ଚମଡ଼ା ତଳେ ଇଞ୍ଜେକସନ୍ ଆକାରରେ ୬ମାସରୁ ଉର୍ଦ୍ଧ୍ୱ ଗୋରୁ ଓ ମଇଁଷିଙ୍କୁ ବର୍ଷାଦିନ ଆରମ୍ଭରେ ଦେଇଦେବା ଆବଶ୍ୟକ। ଏହି ଟିକା ୧ବର୍ଷ ପର୍ଯ୍ୟନ୍ତ ଶରୀରରେ କାମ କରିଥାଏ। ଛେଳି, ମେଣ୍ଢା, ଘୁଷୁରି ୧-୨ ମି.ଲି ବିଭିନ୍ନ ଔଷଧ କମ୍ପାନୀ ଅନୁସାରେ ଏହି ଟିକାର ମାତ୍ରା କମ୍ ବେଶି ହୋଇଥାଏ।

-ଏସ୍.ଏସ୍. ଭ୍ୟାକସିନ୍ (ଅଏଲୟୁକ୍ତ) ୫ମି.ଲି./୧୪୭ କେ.ଜି. ଶାରୀରିକ ଓଜନ ହିସାବରେ ଚମଡ଼ା ତଳେ ଇଞ୍ଜେକସନ୍ ଆକାରରେ ୬ମାସରୁ ଉର୍ଦ୍ଧ୍ୱ ଗୋରୁ ଓ ମଇଁଷିଙ୍କୁ ବର୍ଷାଦିନ ଆରମ୍ଭରେ ଦେଇଦେବା ଆବଶ୍ୟକ। ଏହି ଟିକା ୬ବର୍ଷ ପର୍ଯ୍ୟନ୍ତ ଶରୀରରେ କାମ କରିଥାଏ। ବିଭିନ୍ନ ଔଷଧ କମ୍ପାନୀ ଅନୁସାରେ ଏହି ଟିକାର ମାତ୍ରା କମ୍ ବେଶି ହୋଇଥାଏ।

-ଏସ୍.ଏସ୍. ଆଣ୍ଟିସିରମ୍ ୨୦୦-୫୦୦ ମି.ଲି. ଶିରାରେ ଇଞ୍ଜେକସନ ଆକାରରେ



ରୋଗ ଆରମ୍ଭ ହେବା ମାତ୍ରେ ଦେବାକୁ ହେବ। ଏହି ଔଷଧ ଶରୀରରେ ୧୪ଦିନ ପର୍ଯ୍ୟନ୍ତ କାମ କରିଥାଏ।

**ରୋଗ ନିୟନ୍ତ୍ରଣ:** ବର୍ଷା ଓ ଶୀତଋତୁ ଆରମ୍ଭରେ କିମ୍ବା ୧-୨ ମାସ ପୂର୍ବରୁ ସବୁ ପ୍ରାଣୀଙ୍କୁ ପ୍ରତିଷେଧକ ଟିକା ଦେବା ଭଲ। ଅବଶ୍ୟ ଜଳବାୟୁର ପରିବର୍ତ୍ତନ ହେତୁ ଏହି ଟିକା ବର୍ଷର ବିଭିନ୍ନ ସମୟରେ ଦିଆଯାଇପାରେ।

-ଆକ୍ରାନ୍ତ ପ୍ରାଣୀଙ୍କୁ ସୁସ୍ଥ ପ୍ରାଣୀଠାରୁ ଦୂରରେ ରଖିବା ଆବଶ୍ୟକ।

-ମୃତ ପ୍ରାଣୀକୁ ପୋଡ଼ିଦେବା କିମ୍ବା ପୋତିଦେବା ଜରୁରୀ। ପୋତାଯାଇଥିବା ସ୍ଥାନର ଚତୁଃପାର୍ଶ୍ୱରେ ଚୂନ ଓ ଲୁଣ ପକାନ୍ତୁ।

-ଗୁହାଳକୁ ଫିନାଇଲ୍, ଡେଟଲ୍ କିମ୍ବା ସାଭ୍‌ଲିନ୍ ମିଶା ପାଣିରେ ଭଲଭାବେ ବିଶୋଧନ କରନ୍ତୁ।

-ସମୟାନୁକ୍ରମେ ପ୍ରତିଷେଧକ ଟିକା ପ୍ରଦାନ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଅନ୍ତୁ।

**-ଡା. ବୀରକିଶୋର ପରିଡା**
ମୋ : ୯୪୩୭୬୦୭୩୧୨

# ଅମୃତଭଣ୍ଡା

(ଦ୍ୱିତୀୟ ଭାଗ)

ଅମୃତଭଣ୍ଡା ଚାଷରେ ମୂଳ ଓ କାଣ୍ଡ ପଚା ରୋଗ ନିରାକରଣ ପାଇଁ ଜଳ ନିଷ୍କାସନ ସହ ଗଛ ମୂଳେ ଏମିସାନ ୨ ଗ୍ରାମ ଲିଟର ପ୍ରତି ସିଞ୍ଚନ କରନ୍ତୁ। ତଳି ପଚା ଦେଖାଯିବା କ୍ଷେତ୍ରରେ ବିଶୋଧିତ ବିହନକୁ ବୁଣି ତଳି ପଟିରେ କାର୍ବେଣ୍ଡାଜିମ ଏକ ଗ୍ରାମ ଏବଂ ସାହେବୀ ରୋଗ, ଜଉ ପୋକ, ଅଷ୍ଟପଦୀ, ଧଳା ମାଛି ଦମନ ପାଇଁ ଡାଇମିଥୋଏଟ୍ ୨ ମିଲି ଲିଟର ପ୍ରତି ସିଞ୍ଚନ କରନ୍ତୁ। ସୂତ୍ରଜୀବ କ୍ଷେତ୍ରରେ ତଳି



ଘେରାରେ ରିଜେଣ୍ଟ ଦାନାଦାର ଏକର ପ୍ରତି ୪ କିଗ୍ରା ପ୍ରୟୋଗ କରନ୍ତୁ। ଦହିଆ ପୋକ ଦମନ ଲାଗି ଇମିଡାକ୍ଲୋପ୍ରିଡ ୪ ମିଲି କିମ୍ବା ଏସିଫେଟ୍ ୭୫ ପ୍ରତିଶତର ୪ ଗ୍ରାମ ୧୦ଲିଟର ପାଣି ପ୍ରତି ୧୫ଦିନ ଅନ୍ତରରେ ସିଞ୍ଚନ କରାଯିବା ଆବଶ୍ୟକ। ନାଲି ବୁଢ଼ିଆଣୀ ଅଷ୍ଟପଦୀ ନିରାକରଣ ଲାଗି ଡାଇକୋଫଲ ୧୮.୫ ପ୍ରତିଶତ ଇ.ସି.ର ୨.୭ ମିଲି ଲିଟର ପ୍ରତି ସିଞ୍ଚନ କରନ୍ତୁ। ଗଛ ଲଗାଇବାର ୧୦ ମାସ ବେଳକୁ ଫଳ ପାକଳ ହୋଇଥାଏ। ପରିବା ପାଇଁ କଞ୍ଚା ଫଳ ତୋଳନ୍ତୁ। ଗଛର ପ୍ରତି ଗଣ୍ଠିରେ ୧-୨ଟି ଫଳ ରଖି ଆଉ ସବୁ ଝଡାଇ ଦେଲେ ଫଳ ହୃଷ୍ଟପୁଷ୍ଟ ହୋଇ ବଡ ହୋଇଥାଏ। ଭଲ ଚାଷରୁ ଗଛ ପ୍ରତି ୩୦-୩୫ କିଗ୍ରା ହିସାବରେ ଏକର ପ୍ରତି ୨୦୦-୩୦୦ କୁଇଣ୍ଟାଲ ଭଣ୍ଡା ଅମଳ ହୋଇଥାଏ। ଥରେ ଚାଷ କଲେ ୩-୪ବର୍ଷ ପର୍ଯ୍ୟନ୍ତ ଭଲ ଅମଳ ମିଳିଥାଏ।

# ଜୈବିକ ଖତ : ନବଧାନ୍ୟ ସୁଧା ମୃତ୍ତିକା



କିଶୋର ଚନ୍ଦ୍ର ପଣ୍ଡା

ଆମେମାନେ ଜାଣୁ ଯେ ସର୍ବାଧିକ ଉର୍ବର କାଦୁଅ ବୋଲା ଗଛପତ୍ର ପଚା ଖତୁଆ ମାଟି ଜଙ୍ଗଲରୁ ହିଁ ମିଳିଥାଏ। ବର୍ଷାପୃଷ୍ଟ ଜଙ୍ଗଲରେ ପ୍ରକୃତି ଦ୍ୱାରା ଏହି ପ୍ରକାର ଉର୍ବର ମାଟି ଆପଣା ଛାଏଁ ଗଢ଼ି ଉଠିଥାଏ ତଥା ଜଙ୍ଗଲରେ ଏପରି ଏକ ଇଞ୍ଚ ବହଳର ମାଟି ଉଠିବା ପାଇଁ ଶତାଧିକ ବର୍ଷ ଲାଗିଯାଏ।

ବର୍ତ୍ତମାନ ସମୟର ଆବଶ୍ୟକତା ତଥା ପାଣିପାଗର ଅନିୟମିତ ପରିବର୍ତ୍ତନକୁ ଆଖି ଆଗରେ ରଖି ଏକ ସହଜ ତଥା ସରଳ ପ୍ରାକୃତିକ ଉର୍ବରକର ପରିକଳ୍ପନା ହେଉଛି 'ନବଧାନ୍ୟ ଉର୍ବରକ'। ଏହି ନବଧାନ୍ୟ ଉର୍ବରକ ଗଠନରେ ଥିବା ଭାଗୀଦାରି ଉପାଦାନମାନ ହେଲା:-

-ବହୁବିଧ ଜୈବ ବର୍ଜ୍ୟ ବିଘଟନକାରୀ ଅଣୁଜୀବ।

-ମାଟିର ଗୁଣବତ୍ତା ବୃଦ୍ଧିକାରୀ ଖଣିଜ ପଦାର୍ଥ।

-ଉଦ୍ଭିଦ ବୃଦ୍ଧି ତ୍ୱରାନ୍ୱିତକାରୀ ହ୍ୟୁମସ୍।

-ସାମୂହିକଭାବେ ସୃଷ୍ଟ କେତେକ ଉପଯୋଗୀ ଜୈବ ରସାୟନ ଯଥା- ହ୍ୟୁମିକ ଏସିଡ୍, ଆମିନୋ ଏସିଡ୍ ହର୍ମୋନ (ଉତ୍ପାଦିତ ଦ୍ରବ୍ୟ ନଷ୍ଟକାରୀ ଜୀବଙ୍କଠାରୁ ରକ୍ଷା କରିଥାଏ।)

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ୪/୪ ବର୍ଗ ଫୁଟରେ ଏକ ବେଡ୍ ବା ଶଯ୍ୟା ପ୍ରସ୍ତୁତ କରନ୍ତୁ। ଏକ ଲିଟର ଗୋମୂତ୍ର ସେହି ସ୍ଥାନରେ ସିଞ୍ଚନ କରନ୍ତୁ। ଏକ ଡ୍ରମରେ ୩୦ ଲିଟର ପାଣିରେ ଏକ କିଗ୍ରା ଗୋବରକୁ



ଗୋଳାଇ ସେଥିରେ ଅନାବନା ଘାସ ବୁଡାଇ ରଖନ୍ତୁ। ତିନି ଇଞ୍ଚ ଉଚ୍ଚତାରେ ଶୁଖିଲା ଗୋବର ପକାନ୍ତୁ। ଧ୍ୟାନ ଦେବେ ଯେପରି ଗୋବର ସାମାନ୍ୟ ନରମ ଏବଂ ଉଷ୍ମ ଥିବ। ଏହା ଉପରେ ସାମାନ୍ୟ ଗୋବର ମିଶ୍ରିତ ପାଣି ସିଞ୍ଚନ କରନ୍ତୁ। ତା' ଉପରେ ତିନି ଇଞ୍ଚ ବହଳର ଗୁଣ୍ଡ ମାଟି ପକାନ୍ତୁ। ୧୦ କିଗ୍ରା ସୋରିସ ଏବଂ ୧୦ କିଗ୍ରା କରଞ୍ଜ ପିଡିଆ ପକାନ୍ତୁ। ଏହି ପ୍ରକ୍ରିୟାକୁ ୩-୪ଥର ଦୋହରାନ୍ତୁ। ଏହା ଉପରେ ଅଳ୍ପ ଗୋବର ମିଶା ମାଟି ପକାଇ ସାମାନ୍ୟ ପରିମାଣର ଜିଆ ଖତ ମିଶାନ୍ତୁ। ତା'ଉପରେ ନବଧାନ୍ୟ (ତିନିପ୍ରକାର ଏକ ବୀଜପତ୍ରୀ ଶସ୍ୟ ଯଥା-ବାଜରା, ଗହମ ଆଦି, ତିନି ପ୍ରଜାତିର ଦ୍ୱିବୀଜପତ୍ରୀ ଶସ୍ୟ ଯଥା-ବିରି, ମୁଗ, ଅଳସୀ, ସୋରିସ, ସୂର୍ଯ୍ୟମୁଖୀ ଆଦି) ବୁଣି ଦିଅନ୍ତୁ। ଚାରା ୨୧ଦିନର ହୋଇଗଲେ ସମ୍ପୂର୍ଣ୍ଣ ବେଡ୍‌କୁ ଓଲଟପାଲଟ କରିଦିଅନ୍ତୁ। ପୁଣି ନବଧାନ୍ୟ ଲଗାନ୍ତୁ ଏବଂ ଏହି ପ୍ରକ୍ରିୟାକୁ ଦୋହରାନ୍ତୁ। ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତି ପାଇଁ ୬୩ଦିନ ଲାଗି ଥାଏ। ଏହା ପରେ ତିନି ମାସ ମଧ୍ୟରେ ଏହାକୁ ଜମିରେ ପ୍ରୟୋଗ କରନ୍ତୁ। ମନେ ରଖିବେ ସର୍ବଦା ଦେଶୀ ଗାଈର ଗୋବର ଏବଂ ଗୋମୂତ୍ର ତଥା ରାସାୟନିକ ସାର ନ ପଡିଥିବା ସ୍ଥାନରୁ ସଂଗୃହୀତ ମାଟି ବ୍ୟବହାର କରନ୍ତୁ।

**ଉପକାରିତା:** ଏହାର ପ୍ରୟୋଗ ଦ୍ୱାରା ପ୍ରାକୃତିକ (ବାୟୁ,ଜଳ ଇତ୍ୟାଦି) ରାସାୟନିକ ଓ ଜୈବିକ ତିନିଟିର ମିଶ୍ରିତ ପରିବେଶ ଉର୍ବର ମାଟି ଗଠନକୁ ତ୍ୱରାନ୍ୱିତ କରି ଚାଲନ୍ତି। ସହାୟକ ପ୍ରାକୃତିକ ପରିବେଶ ସଚ୍ଛିଦ୍ର ସହ ବାୟୁ ଓ ଜଳ ଚଳାଚଳକୁ ସୁଗମ କରେ। ଏହା ଅସଂଖ୍ୟ ଅଣୁଜୀବଙ୍କୁ ସକ୍ରିୟ ରଖି ଜଟିଳ ଜୀବ ପଦାର୍ଥକୁ ସରଳ ପଦାର୍ଥରେ ପରିଣତ କରିଥାଏ। ଉପଯୁକ୍ତ ପରିମାଣର ହ୍ୟୁମ୍‌ସ ତିଆରି ହୋଇଥାଏ ଏବଂ ମାଟିର ଜଳଧାରଣ କ୍ଷମତା ବୃଦ୍ଧି ହୁଏ। ଏହାର ନିୟମିତ ବ୍ୟବହାରରୁ ଜଣାଯାଇଛି ଯେ ଉର୍ବର ମାଟିର ନିର୍ମାଣ ପ୍ରକ୍ରିୟା ଆପଣାଛାଏଁ ଜମିରେ ଆରମ୍ଭ ହୋଇଥାଏ ଏବଂ ଏହା ଦୀର୍ଘସ୍ଥାୟୀ। ଏହା ସମସ୍ତ ପ୍ରକାର ଫସଲ ପାଇଁ ଉପଯୋଗୀ। ଫସଲର ମାନ ବୃଦ୍ଧି ହେବା ସହିତ ରୋଗପୋକ କମ ଲାଗିଥାଏ। ଫସଲ ଅମଳରେ ବୃଦ୍ଧି ଘଟିଥାଏ।

*-ଜୈବିକ କୃଷି ବିଶେଷଜ୍ଞ*
*ମୋ : ୯୦୭୮୦୬୦୦୪୩*

## ସଂକ୍ଷେପରେ

### ସିଏସ୍‌କେର ଅନ୍ୟ ସଦସ୍ୟ ନେଗେଟିଭ

**ନୂଆଦିଲ୍ଲୀ, ୧।୯ (ପି.ଟି.):** ଗତ ସପ୍ତାହରେ କୋଭିଡ୍-୧୯ ଟେଷ୍ଟରେ ଚେନ୍ନାଇ ସୁପର କିଙ୍ଗ୍ସ ଦଳର ୧୩ ଜଣ ସଦସ୍ୟଙ୍କର ରିପୋର୍ଟ ପଜିଟିଭ ଆସିଥିଲା। ତେବେ ଏମାନଙ୍କୁ ଛାଡ଼ି ଦଳର ଅନ୍ୟ ସମସ୍ତ ସଦସ୍ୟଙ୍କର ଫଳାଫଳ ନେଗେଟିଭ୍ ଆସିଛି। ଏହି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟିମ୍‌ର ସିଇଓ କେ.ଏସ୍. ବିଶ୍ୱନାଥନ ମଙ୍ଗଳବାର ସୂଚନା ଦେଇଛନ୍ତି। କୋଭିଡ୍-୧୯ ଟେଷ୍ଟରେ ଯେଉଁ ୧୩ ଜଣଙ୍କର ପଜିଟିଭ ଆସିଥିଲା ସେମାନଙ୍କ ମଧ୍ୟରେ ଭାରତୀୟ ସିମ୍ ବୋଲର ଦୀପକ ଚହର ଏବଂ ଭାରତ ଏ' ବ୍ୟାଟ୍ସମ୍ୟାନ ଋତୁରାଜ ଗାଏକ୍ୱାଡ୍ ଥିଲେ। ସେମାନେ ସମସ୍ତେ ୧୪ ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ସମସ୍ତଙ୍କର ସେପ୍ଟେମ୍ବର ୩ରେ ଆଉଥରେ ଟେଷ୍ଟ ହେବ। ଟ୍ରେନିଂ ସେପ୍ଟେମ୍ବର ୪ ଅର୍ଥାତ ଶୁକ୍ରବାର ଆରମ୍ଭ ହୋଇପାରେ ବୋଲି ବିଶ୍ୱନାଥନ କହିଛନ୍ତି। ଟିମ୍ ବର୍ତ୍ତମାନ ଦୁବାଇରେ ଅବସ୍ଥାନ କରୁଛି। ପ୍ରୋଟୋକଲ ଅନୁସାରେ ଦୀପକ ଓ ଋତୁରାଜଙ୍କୁ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ଦୁଇଥର ନେଗେଟିଭ୍ ଟେଷ୍ଟ ପରେ ସେମାନେ ଦଳରେ ଯୋଗ ଦେଇ ପାରିବେ। ଆଇପିଏଲ୍ ସେପ୍ଟେମ୍ବର ୧୯ରୁ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ପାରିବାରିକ ବିପତ୍ତି ଯୋଗୁ ସିନିୟର କ୍ରିକେଟର ସୁରେଶ ରାଇନା ଆଇପିଏଲ୍‌ରୁ ଓହରି ଘରବାହୁଡ଼ା କରିଛନ୍ତି। ତାଙ୍କର ବଦଳ ଖେଳାଳି ଭାବେ ଦଳରେ କାହାକୁ ନିଆଯିବ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଖବର ଅନୁସାରେ ସେପ୍ଟେମ୍ବର ୧୯ରେ ସିଏସ୍‌କେ ଆଇପିଏଲ୍‌ର ଉଦ୍‌ଘାଟନୀ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବା ସମ୍ଭାବନା ରହିଛି।

### ପହଞ୍ଚିଲେ ଡୁ'ପ୍ଲେସି, ଏନ୍‌ଗିଡି, ରାବାଡା

**ଦୁବାଇ, ୧।୯ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସେମାନଙ୍କ ଟିମ୍‌ମେଟ ସହିତ ଯୋଗଦେବା ଲାଗି ଦକ୍ଷିଣ ଆଫ୍ରିକାର ୩ ଖେଳାଳି ଫାଫ୍ ଡୁ'ପ୍ଲେସି, ଲୁଙ୍ଗି ଏନ୍‌ଗିଡି ଓ କାଗିସୋ ରାବାଡା ମଙ୍ଗଳବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପହଞ୍ଚିଛନ୍ତି। ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ଡୁ'ପ୍ଲେସି ଏବଂ ସ୍ପିଡ୍‌ଷ୍ଟର ଏନ୍‌ଗିଡି ଚେନ୍ନାଇ ସୁପର କିଙ୍ଗ୍ସ କ୍ୟାମ୍ପରେ ଯୋଗ ଦେଇଥିବା ବେଳେ ରାବାଡା ଦିଲ୍ଲୀ କ୍ୟାପିଟାଲ୍ସ ଟିମ୍ ହୋଟେଲରେ ପହଞ୍ଚିଛନ୍ତି। ଏହି ସମସ୍ତ ୩ ଜଣ ଖେଳାଳି ବର୍ତ୍ତମାନ ୬ଦିନ ଆଇସୋଲେଶନରେ ରହିବେ। ପ୍ରଥମ, ତୃତୀୟ ଓ ଷଷ୍ଠ ଦିବସରେ ସେମାନଙ୍କ କୋଭିଡ୍ ଟେଷ୍ଟ ହେବ। ନେଗେଟିଭ ଆସିଲା ପରେ ସେମାନେ ଟୁର୍ନାମେଣ୍ଟର ବାୟୋ ବବଲରେ ପ୍ରବେଶ କରି ଟ୍ରେନିଂ ଆରମ୍ଭ କରିପାରିବେ।

### ଦ୍ୱିତୀୟ ରାଉଣ୍ଡରେ କ୍ୱିଟୋଭା

**ନ୍ୟୁୟର୍କ,୧।୯(ଏପି):** ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସର ପ୍ରଥମ ଦିବସରେ ମଧ ତାରକା ତଥା ସିଡେଡ୍ ଖେଳାଳିମାନେ ଅଭିଯାନ ଆରମ୍ଭ କରିଛନ୍ତି। ଟପ୍ ସିଡ୍ ଖେଳାଳି ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭା ପ୍ରଥମ ରାଉଣ୍ଡରେ ୟୁକ୍ରେନର ଅନ୍‌ହେଲିନା କାଲିନିନାଙ୍କୁ ୬-୪, ୬-୦ ସେଟ୍‌ରେ ଅତି ସହଜରେ ପରାସ୍ତ କରି ବିଜୟ ଅଭିଯାନ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଫ୍ରାନ୍ସର କରୋଲିନା ଗାର୍ସିଆଙ୍କୁ ଭେଟିବେ। ଗାର୍ସିଆ ଅନ୍ୟଏକ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଇଟାଲୀର ଜାସ୍‌ମାଇନ୍ ପାଓଲିନିଙ୍କୁ ୬-୩, ୬-୨ ସେଟରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଜାପାନର ଚତୁର୍ଥ ସିଡ୍ ଖେଳାଳି ନାଓମି ଓସାକା ୬-୨,୫-୭, ୬-୨ ସେଟ୍‌ରେ ନିଜ ଦେଶର ୮୧ତମ ର୍‍ୟାଙ୍କ ଖେଳାଳି ମିସାକି ଡୋଇଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଇଟାଲୀର କାମିଲା ଜିଓର୍ଜିଙ୍କୁ ଭେଟିବେ। ସେହିପରି ଦୁଇଜଣ ଆମେରିକୀୟ ଖେଳାଳି କାଥେରାଇନ ବେଲିସ୍ ଓ ୨୮ତମ ସିଡ୍ ଜେନିଫର ବ୍ରାଡି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ୧୭ତମ ସିଡ୍ ଜର୍ମାନୀର ଆଞ୍ଜେଲିକ୍ କର୍ବର ୬-୪, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ଅଜଲା ଟୋମଲଜାନୋଭିକଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଷଷ୍ଠ ସିଡ୍ ମାନ୍ୟତା ପାଇଥିବା ଚେକ୍ ଗଣରାଜ୍ୟର ପେଟ୍ରା କ୍ୱିଟୋଭା ୬-୩, ୬-୨ ସେଟ୍‌ରେ ରୋମାନିଆର ଇରିନା- କାମେଲିଆ ବେଗୁଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ କ୍ୱିଟୋଭା ୟୁକ୍ରେନର କାଟେରିନା କୋଜଲୋଭାଙ୍କୁ ଭେଟିବେ।

# ବିସିସିଆଇର ବଜେଟ ୧୦ କୋଟି

**ନୂଆଦିଲ୍ଲୀ, ୧।୯ (ପି.ଟି.)**




ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁଥିବା ଆଇପିଏଲ୍ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ୨୦,୦୦୦ରୁ ଅଧିକ କୋଭିଡ୍-୧୯ ଟେଷ୍ଟର ବ୍ୟବସ୍ଥା କରାଯାଇଛି। ଏବାବଦରେ ବୋର୍ଡ ୧୦ କୋଟି ଟଙ୍କାର ବଜେଟ ରଖିଛି। ଅନ୍ୟପକ୍ଷରେ ଭାରତରେ ଟେଷ୍ଟିଂ ଖର୍ଚ୍ଚ ୮ଟି ଯାକ ଫ୍ରାଞ୍ଚାଇଜ୍ ବହନ କରିଛନ୍ତି। ଦଳଗୁଡ଼ିକ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପହଞ୍ଚିବା ପରେ ଅଗଷ୍ଟ ୨୦ଠାରୁ ବିସିସିଆଇ ତରଫରୁ ଆର୍‌ଟି-ପିସିଆର ଟେଷ୍ଟ କରାଯାଇ ଆସୁଛି। ଟେଷ୍ଟ କରିବା ଲାଗି ୟୁଏଇଭିତ୍ତିକ କମ୍ପାନୀ ଭିପିଏସ୍ ହେଲ୍‌ଥ କେୟାର ସଂସ୍ଥାର ସହାୟତା ନିଆଯାଇଛି। ମୋଟ କେତେ ସଂଖ୍ୟାରେ ଟେଷ୍ଟ ହେବ ତାହା ନିର୍ଦ୍ଦିଷ୍ଟ ଭାବେ କହି ହେବ ନାହିଁ। ତଥାପି ଏହାର ସଂଖ୍ୟା ୨୦,୦୦୦ଅତିକ୍ରମ କରିଯିବ। ପ୍ରତିଟି ଟେଷ୍ଟ ପାଇଁ ବିସିସିଆଇ ଟିକସ ସହିତ ପ୍ରାୟ ୨୦୦ ଏଇଡି(ଦିରାମ) ଖର୍ଚ୍ଚ କରିବ। ଆଇପିଏଲ୍‌ର ଜଣେ ବରିଷ୍ଠ ଅଫିସିଆଲ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। କୋଭିଡ୍-୧୯ ଟେଷ୍ଟ ପାଇଁ କମ୍ପାନୀ ତରଫରୁ ପ୍ରାୟ ୭୫ ହେଲଥ୍ କେୟାର ୱାର୍କର ନିୟୋଜିତ ହୋଇଛନ୍ତି। ଖେଳାଳିମାନଙ୍କ ସୁରକ୍ଷା ପାଇଁ ସବୁମତେ ପ୍ରୟାସ କରାଯାଇଛି। ଖେଳାଳି, ଅଫିସିଆଲ ଓ ହେଲ୍‌ଥ କେୟାର ୱାର୍କରମାନଙ୍କୁ ଏକ ପୃଥକ୍ ହୋଟେଲରେ ରଖାଯାଇଛି। କୌଣସି ପ୍ରକାର ରିସ୍କ ନିଆଯିବ ନାହିଁ। କମ୍ପାନୀ ତରଫରୁ ଏକ ହୋଟେଲରେ ପୃଥକ୍ ବାୟୋ-ବବଲ ସୃଷ୍ଟି କରାଯାଇଛି। ପ୍ରାୟ ୫୦ ଜଣ ହେଲ୍‌ଥ କେୟାର ଷ୍ଟାଫ୍‌ଙ୍କୁ ଟେଷ୍ଟିଂ ପ୍ରକ୍ରିୟା ସହିତ ସଂଶ୍ଳିଷ୍ଟ କରାଯାଇଛି। ଅନ୍ୟ ୨୫ଜଣଙ୍କୁ ଲାବ୍ ଏବଂ ଡକ୍ୟୁମେଣ୍ଟ କାର୍ଯ୍ୟକରେ ନିୟୋଜିତ କରାଯାଇଛି।

**କୋଭିଡ୍ ଟେଷ୍ଟ**

ତେବେ ବିସିସିଆଇକୁ ଏହି ବାୟୋ-ବବଲ ଏବଂ ହୋଟେଲ ବାବଦରେ ଖର୍ଚ୍ଚ ଏହି କମ୍ପାନୀ ପଇଠ କରିବ। ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଏବଂ ଯେଉଁମାନେ ଟୁର୍ନାମେଣ୍ଟ ସହ ସମ୍ପୃକ୍ତ ସମସ୍ତଙ୍କ କୋଭିଡ୍ ଟେଷ୍ଟ ଅଗଷ୍ଟ ୨୦ରୁ ୨୮ ମଧ୍ୟରେ ହୋଇସାରିଛି। ଟେଷ୍ଟିଂର ସଂଖ୍ୟ ଇତିମଧ୍ୟରେ ୧୯୮୮ରେ ପହଞ୍ଚିସାରିଛି ବୋଲି ଆଇପିଏଲ୍ ଅଫିସିଆଲ ଜଣକ ସୂଚନା ଦେଇଛନ୍ତି।

# ରିଚାର୍ଡସନଙ୍କ ବଦଳରେ ଜାମ୍ପା

**ଦୁବାଇ, ୧।୯ (ପି.ଟି.)**

ସେପ୍ଟେମ୍ବର ୧୯ରୁ ୟୁଏଇରେ ଆରମ୍ଭ ହେବାକୁଥିବା ଆଇପିଏଲରୁ ଅଷ୍ଟ୍ରେଲିଆର କେନ୍ ରିଚାର୍ଡସନ ଓହରିଯାଇଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ତାଙ୍କ ସ୍ଥାନରେ ଅଷ୍ଟ୍ରେଲୀୟ ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କୁ ଦଳରେ ସାମିଲ କରିଛି। ରିଚାର୍ଡସନଙ୍କ ସ୍ତ୍ରୀ ପ୍ରଥମ ସନ୍ତାନର ମା ହେବାକୁ ଯାଉଥିବାରୁ ସେ ଇଭେଣ୍ଟରେ ନ ଖେଳିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଆର୍‌ସିବିରେ ୟୁଜବେନ୍ଦ୍ର ଚହଲ, ୱାଶିଂଟନ ସୁନ୍ଦର, ମୋଇନ୍ ଅଲି ଓ ପୱନ ନେଗି ଅଛନ୍ତି। ଜାମ୍ପାଙ୍କ ଯୋଗଦାନ ଦ୍ୱାରା ଦଳର ସ୍ପିନ ଆକ୍ରମଣ ଆହୁରି ଶକ୍ତିଶାଳୀ ହୋଇଛି ବୋଲି ଆରସିବି ଟିମ୍ ନିର୍ଦ୍ଦେଶକ ମାଇକ୍ ହେସନ ପ୍ରକାଶ କରିଛନ୍ତି। ଜାମ୍ପା ଆଇପିଏଲ୍‌ରେ ଦ୍ୱିତୀୟ ଥର ଖେଳିବାକୁ ଯାଉଛନ୍ତି। ପୂର୍ବରୁ ସେ ରାଇଜିଂ ପୁନେ ସୁପରଜିଆଣ୍ଟ ତରଫରୁ ଖେଳିଥିଲେ। ୨୮ ବର୍ଷୀୟ ଏହି ଖେଳାଳି ଗତବର୍ଷ ବିକ୍ରି ହୋଇ ପାରି ନ ଥିବାବେଳେ ରିଚାର୍ଡସନଙ୍କୁ ଆରସିବି ୪କୋଟି ଟଙ୍କାରେ କ୍ରୟ କରିଥିଲା। ଉଭୟ ରିଚାର୍ଡସନ ଏବଂ ଜାମ୍ପା ବର୍ତ୍ତମାନ ଅଷ୍ଟ୍ରେଲିଆର ହ୍ୱାଇଟ୍ ବଲ୍ ଟୁର୍ ସାମିଲ ହୋଇ ଇଂଲଣ୍ଡରେ ଅଛନ୍ତି।



ଆଡାମ ଜାମ୍ପା



ଲେକ୍ ବୁଏନା ଭିଷ୍ଟା: ମିଲ୍‌ୱାଉକି ବକ୍ସ ଏବଂ ମିଆମି ହିଟ୍ସ ଟିମ୍ ମଧ୍ୟରେ ଅନୁଷ୍ଠିତ ଏନବିଏ ବାସ୍କେଟବଲ କନଫରେନ୍ସ ସେମିଫାଇନାଲ ପ୍ଲେ-ଅଫ୍ ଗେମର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ରାଇନା ସମ୍ପର୍କୀୟଙ୍କ ହତ୍ୟା ଘଟଣାରେ ଏସ୍‌ଆଇଟିର ଯାଞ୍ଚ

**ନୂଆଦିଲ୍ଲୀ,୧।୯(ପି.ଟି.)**

ଭାରତୀୟ ପୂର୍ବତନ କ୍ରିକେଟର ସୁରେଶ ରାଇନାଙ୍କ ସମ୍ପର୍କୀୟଙ୍କୁ ହତ୍ୟା କରାଯିବା ପରେ ଏବେ ସାରା ଦେଶରେ ଚର୍ଚ୍ଚା ହୋଇଛି। ଏହି ହତ୍ୟା ମମଲାର ତଦନ୍ତ ପାଇଁ ପଞ୍ଜାବ ପୋଲିସ୍ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ପଞ୍ଜାବରେ କିଛିଦିନ ତଳେ ରାଇାନଙ୍କ ଦାଦା ଓ ଖୁଡୀଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ରାଇନାଙ୍କ ଦାଦା ଓ ତାଙ୍କ ସମ୍ପର୍କୀୟ ଭାଇ ପ୍ରାଣ ହରାଇଥିଲେ। ପରିବାରର ଏକାଧିକ ସଦସ୍ୟ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି।

ପଞ୍ଜାବରେ ମୋ ପରିବାର ସହ ଯାହା ଘଟିଲା ତାହା ନିହାତି ଭୟଙ୍କର। ମୋ ଦାଦାଙ୍କୁ ତଣ୍ଟି କାଟି ନିର୍ମମଭାବେ ହତ୍ୟା କାରଯାଇଛି। ମୋ ପିଉସୀ ଓ ଭାଇ ମଧ୍ୟ ଏହି ଘଟଣାରେ ଗୁରୁତର ଭାବେ ଆହତ ହୋଇଛନ୍ତି। ଭାଇ ମଧ୍ୟ ଗତ ରାତିରେ ମୃତ୍ୟୁବରଣ କରିଥିବା ରାଇନା କହିଛନ୍ତି। ପଞ୍ଜାବର ପଠାନକୋଟ ଜିଲାର ଥାରିଆଲ ଗାଁରେ ରହୁଥିବା ରାଇନାଙ୍କ ପରିବାର ଉପରେ ଅଗଷ୍ଟ ୧୯ ଓ ୨୦ ତାରିଖରେ ଆକ୍ରମଣ ହୋଇଥିଲା। କ'ଣ ପାଇଁ ଦୁର୍ବୃତ୍ତମାନେ ଆକ୍ରମଣ କଲେ ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ। ତଦନ୍ତ ପାଇଁ ପଞ୍ଜାବ ପୋଲିସକୁ ଅନୁରୋଧ କରିଛି। କେଉଁମାନେ ଓ କେଉଁ କାରଣ ପାଇଁ ଏହି ଘଟଣା ଘଟାଇଛନ୍ତି ତାହା ଜାଣିବା ଦରକାର। ଅପରାଧୀମାନଙ୍କୁ ଖସିଯିବାକୁ ଦିଆଯିବ ନାହିଁ ବୋଲି ରାଇନା କହିଛନ୍ତି।

ଅନପଟେ ଏହି ଘଟଣାରେ ପଞ୍ଜାବ ପୋଲିସ ଆକ୍ସନ ନେବା ଆରମ୍ଭ କରିଛି। ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍ (ଏସ୍‌ଆଇଟି) ଏହି ଘଟଣାରେ ଯାଞ୍ଚ କରୁଛି ବୋଲି ପୋଲିସ୍ ତରଫରୁ ସୂଚନା ଦିଆଯାଇଛି। ପୋଲିସ ଏକାଧିକ ସ୍ଥାନରେ ଚଢ଼ାଉ କରିଛି ବୋଲି ପଠାନକୋଟ ଏସ୍‌ପି ପ୍ରଭଜୋତ୍ ସିଂ କହିଛନ୍ତି। ପୂର୍ବରୁ ରାଇନା ଟୁଇଟ୍ କରି ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ୍ ଅମରିନ୍ଦର ସିଂ ଓ ପୋଲିସକୁ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ।

ଅଗଷ୍ଟ ୧୫ ତାରିଖରେ ରାଇନା ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସେ ମଧ୍ୟ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଆସନ୍ତ ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ଓହରିଯିବାର ନିଷ୍ପତ୍ତି ନେଇଛନ୍ତି। ଏହାର କାରଣ ନେଇ ବିଭିନ୍ନ ଆକଳନ କରାଯାଉଛି ତେବେ ଏ ନେଇ ସ୍ପଷ୍ଟ ଭାବେ କିଛି କୁହାଯାଇନାହିଁ।



ସୁରେଶ ରାଇନା

# ଏସି ମିଲାନ ସହ ଚୁକ୍ତି କଲେ ଇବ୍ରାହିମୋଭିଚ୍



**ମିଲାନ, ୧।୯ (ଏପି):** ଷ୍ଟାର ଫୁଟ୍‌ବଲ ଖେଳାଳି ଜ୍ଲାଟାନ ଇବ୍ରାହିମୋଭିଚ୍‌ଙ୍କ ସହ ଗୋଟିଏ ସିଜନ ପାଇଁ ଚୁକ୍ତି କରିଛି ଏସି ମିଲାନ। ଦଳ ଏହି ଖେଳାଳିଙ୍କୁ ନେଇ ୭ ବର୍ଷ ବ୍ୟବଧାନରେ ଚାମ୍ପିୟନ୍ସ ଲିଗ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଯୋଜନା ରଖିଛି। ଏସି ମିଲାନ ୭ ନିୟୁତ ୟୁରୋ (୮.୩ ନିୟୁତ ଡଲାର) ବିନିମୟରେ ୩୮ ବର୍ଷୀୟ ଇବ୍ରାହିମୋଭିଚ୍‌ଙ୍କ ସହ ଚୁକ୍ତି କରିଥିବା ରିପୋର୍ଟରେ ପ୍ରକାଶ ପାଇଛି। ଚଳିତ ମାସରେ ମିଲାନ ଇଟାଲିଆନ ଲିଗ୍‌ରେ ୬ଷ୍ଠ ସ୍ଥାନ ଅଧିକାର କରିବା ସହ ୟୁରୋପା ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ସିରି ଏ' ଲିଗ୍ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବ।

# ସରକାରୀ ନିଯୁକ୍ତିରେ କ୍ରୀଡ଼ାବିତ୍‌ଙ୍କୁ ଅଧିକ ସୁଯୋଗ

**ନୂଆଦିଲ୍ଲୀ,୧।୯ (ପି.ଟି.):** କେନ୍ଦ୍ର ସରକାର ମେଧାବୀ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଚାକିରି କ୍ଷେତ୍ରରେ ସିଧା ନିଯୁକ୍ତି ନିମନ୍ତେ ତାଲିକାରେ ଅଧିକ ସଂଖ୍ୟକ କ୍ରୀଡ଼ାବର୍ଗକୁ ସାମିଲ କରିଛନ୍ତି। ଏହି କ୍ରମରେ କେନ୍ଦ୍ର ସରକାର ଅଧିକ ୨୦ଟି କ୍ରୀଡ଼ାବର୍ଗକୁ ତାଲିକାରେ ସାମିଲ କରିଥିବା ଜଣାଯାଇଛି। ସିଧାସଳଖ ନିଯୁକ୍ତି ପାଇଁ ସରକାର ଟଗ୍- ଅଫ୍- ୱାର, ମାଲ୍ଲାଖମ୍ବ ଓ ପାରା- ସ୍ପୋର୍ଟ୍ସ ସହିତ ଅନ୍ୟ କ୍ରୀଡ଼ାକୁ ଗ୍ରୁପ୍ ସି' ସ୍ତରର ଚାକିରି ପାଇଁ ବିଚାରକୁ ନେଇଛନ୍ତି। ଏ ସଂକ୍ରାନ୍ତରେ ମଙ୍ଗଳବାର ପର୍ସନାଲ ମିନିଷ୍ଟ୍ରି ତରଫରୁ ସୂଚନା ଦିଆଯାଇଛି। ଭାରତ ସରକାରଙ୍କ ମନ୍ତ୍ରଣାଳୟ ଓ ବିଭାଗରେ କ୍ରୀଡ଼ାବିତ୍‌ମାନଙ୍କୁ ଗ୍ରୁପ୍ ସି' ପଦରେ ନିଯୁକ୍ତି ଦେବାକୁ କ୍ରୀଡ଼ା ବିଭାଗ ତରଫରୁ ଏ ନେଇ ୬୩ଟି କ୍ରୀଡ଼ାକୁ ସାମିଲ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ବର୍ତ୍ତମାନ ଏହି ପ୍ରସ୍ତାବକୁ ଗ୍ରହଣ କରାଯାଇଛି। ପୂର୍ବରୁ ୪୩ଟି ବର୍ଗ କ୍ରୀଡ଼ା ପାଇଁ ନିଯୁକ୍ତି ମିଳୁଥିଲା। ଏବେ ଆଉ ୨୦ଟି ବର୍ଗ ପାଇଁ କ୍ରୀଡ଼ାବିତ୍‌ମାନଙ୍କୁ ଚାକିରି କରିବାର ସୁଯୋଗ ମିଳିବ। ଏଗୁଡିକ ହେଲେ ବେସ୍‌ବଲ୍, ରଗ୍‌ବୀ, ବାସ୍କେଟବଲ, ଡିଫ୍ ସ୍ପୋର୍ଟ୍ସ, ଟଗ୍- ଅଫ୍- ୱାର, ମାଲଖମ୍ବ ଓ ପାରା ସ୍ପୋର୍ଟ୍ସ। ପାରା ଅଲିମ୍ପିକ୍ସ ଓ ପାରା ଏସିଆ ଗେମ୍ସରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିମାନେ ଏହି ତାଲିକାରେ ସାମିଲ ହୋଇପାରିବେ।

# ସିଡେଡ୍ ଖେଳାଳିଙ୍କ ବିଜୟ ଅଭିଯାନ

**ନ୍ୟୁୟର୍କ,୧।୯(ଏପି)**

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସିଡେଡ୍ ଖେଳାଳିମାନେ ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଟପ୍ ସିଡ୍ ସର୍ବୀୟା ତାରକା ନୋଭାକ୍ ଜୋକୋଭିଚ୍, ସପ୍ତମ ସିଡ୍ ବେଲଜିୟମର ଡେଭିଡ୍ ଗଫିନ୍, ଚତୁର୍ଥ ସିଡ୍ ଗ୍ରୀସ୍‌ର ଷ୍ଟିଫାନୋସ ସିତସିପାସ୍, ଦ୍ୱାଦଶ ସିଡ୍

**ୟୁଏସ୍ ଓପନ୍ ଟେନିସ୍**

ଡେନିସ ସାପୋଭାଲୋଭ୍ ଓ ଅନ୍ୟମାନେ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ୧୦୯ ର୍‍ୟାଙ୍କର ଖେଳାଳି ବୋସନିଆ ହର୍ଜଗୋଭିନାର ଦାମିର ଜୁମ୍‌ହୁରଙ୍କୁ ୬-୧, ୬-୪, ୬-୧ ସେଟ୍‌ରେ ଅତି ସହଜରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ବ୍ରିଟେନର କାଏଲ ଏଡ୍‌ମଣ୍ଡଙ୍କୁ ଭେଟିବେ। ଏଡ୍‌ମଣ୍ଡ ଅନ୍ୟ ଏକ ମ୍ୟାଚ୍‌ରେ ୨-୬, ୭-୫, ୭-୫ , ୬-୦ ସେଟ୍‌ରେ କାଜାଖସ୍ତାନର ଆଲେଜାଣ୍ଡର ବବ୍‌ଲିକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଅନ୍ୟଏକ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଡେନିସ ସାପୋଭାଲୋଭ୍ ୬-୪, ୪-୬, ୬-୩, ୬-୨ ସେଟ୍‌ରେ ଆମେରିକାର ସେବାଷ୍ଟିଆନ କୋର୍ଡାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟଏକ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ସ୍ପେନର ପାବ୍ଲୋ କାରେନୋ ବୁଷ୍ଟା ମାରାଥନ ୪-୬, ୬-୩, ୧-୬, ୬-୩, ୬-୩ ସେଟ୍‌ରେ ଜାପାନର ୟାସୁଟାକା ଉଚିୟାମାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଆମେରିକାର ମିଜେଲ କ୍ରୁଏଗେରଙ୍କୁ ଭେଟିବେ। ସେହିପରି ଆମେରିକାର ଷ୍ଟିଭ୍ ଜନ୍‌ସନ୍ ନିଜ ଦେଶର ଅଭିଜ୍ଞ ଜନ୍ ଇସ୍ନରଙ୍କୁ ୬-୭, ୬-୩, ୬-୭, ୬-୩, ୬-୭ ସେଟରେ ହରାଇ ଅଗ୍ରଗତି କରିଛନ୍ତି। ଫ୍ରାନ୍ସର ଗାଏଲ୍ସ ସିମନ୍ସ ୬-୧, ୬-୪, ୬-୪ ସେଟ୍‌ରେ ଇଜିପ୍ଟର ମହମ୍ମଦ ସଫୱାତଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ଅନ୍ୟପଟେ ଗଫିନ୍ ୭-୬,୩-୬, ୬-୧, ୬-୪ ସେଟ୍‌ରେ ରେଲି ଓପେଲ୍‌କାଙ୍କୁ ହରାଇ, ସିତସିପାସ୍ ୬-୨, ୬-୧, ୬-୧ ସେଟ୍‌ରେ ସ୍ପେନର ଅଲବର୍ଟ ରାମୋସ ଭିନୋଲାସଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ୨୭ତମ ସିଡ୍ ବୋର୍ନ କୋରିକ, ଜେ. ଥମ୍ପସନ, ଅଷ୍ଟ୍ରେଲିଆର ଜେ. ଥମ୍ପସନ, ଆମେରିକାର ଜ୍ୟାକ୍ ସକ, ଆମେରିକାର ବ୍ରାଣ୍ଡନ ନାକାସିମା, ପଞ୍ଚମ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜେଭରେଭ। ଜେଭରେଭ ପ୍ରଥମ ରାଉଣ୍ଡରେ ଦକ୍ଷିଣ ଆଫ୍ରିକାର କେଭିନ୍ ଆଣ୍ଡରସନଙ୍କୁ ୭-୬, ୫-୭, ୬-୩,୭-୫ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।



ନୋଭାକ୍ ଜୋକୋଭିଚ








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ